

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୦୮ ଜୁନ୍ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 08 June 2026
Vol.No. 36 ■ No.150 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ନାମଲେଖା ଚାଲୁଅଛି-୨୦୨୬
ସାଇ ସାଧନା ସେବାଶ୍ରମ
ଦିବ୍ୟସିଂହପୁର, ଉଦଳା, ମୟୂରଭଞ୍ଜ
(+୨ ବିଜ୍ଞାନ, +୨ କଳା ଏବଂ +୩ ବିଜ୍ଞାନ)
୧୦୦% ପ୍ରତିଶତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ-୨୦୨୬
Only for ST/SC Students
(Not for Service Holders)
ଖାଇବା ରହିବା ସମ୍ପୂର୍ଣ୍ଣ ମାଗଣା
Contact No: 9437294587, 9437443950, 9937557158


# ଶକ୍ତିଶାଳୀ ହେଉଛି ଏଲନିନୋ: ପ୍ରଭାବିତ ହୋଇପାରେ କୃଷି ବ୍ୟବସ୍ଥା

ନୂଆଦିଲ୍ଲୀ,୭/୬ : ପ୍ରଶାନ୍ତ ମହାସାଗର ଉତ୍ତପ୍ତ ହେବାରେ ଲାଗିଛି। ଏହା ଏଲନିନୋ ନାମକ ପାଣିପାଗ ଘଟଣାକୁ ସୂଚାଉଛି। ଏଲ୍‌ନିନୋ ହେଉଛି ଏକ ପ୍ରାକୃତିକ ଚକ୍ରର ଉଷ୍ମ ପର୍ଯ୍ୟାୟ ଯାହାକୁ ଏଲ୍‌ନିନୋ ସାଉଥ୍ ଓସିଲେସନ୍ ବା ଇଏନ୍‌ଏସ୍‌ଓ କୁହାଯାଏ। ଏଲ୍‌ନିନୋ ଶକ୍ତିଶାଳୀ ହେବା ଅର୍ଥ ଭାରତରେ ମୌସୁମୀ ଋତୁ ଛୋଟ ହେବା ଓ କମ୍ ବର୍ଷା ହେବା, ଯାହା ଭାରତର ବର୍ଷା-ନିର୍ଭର କୃଷି ବ୍ୟବସ୍ଥାକୁ ପ୍ରଭାବିତ କରିବ। ଏଲ୍‌ନିନୋ ସମୟରେ, ଉଷ୍ମତାକୁ ଧରି ରଖିଥିବା ବାଣିଜ୍ୟ ବାୟୁ (ଟ୍ରେଡ୍ ୱିଣ୍ଡ) ଶିଥିଳ ହୋଇଯାଏ ଏବଂ ଏହା ପୂର୍ବକୁ ଦକ୍ଷିଣ ଆମେରିକା ଆଡକୁ ଗତି କରେ। ବୈଜ୍ଞାନିକମାନେ କେନ୍ଦ୍ରୀୟ ପ୍ରଶାନ୍ତ ମହାସାଗରରେ ଥିବା ନିନୋ ୩.୪ ଅଞ୍ଚଳ ନାମକ ସମୁଦ୍ରର ଏକ



ଅଂଶ ମାଧ୍ୟମରେ ଏହାକୁ ଟ୍ରାକ୍ କରିଛନ୍ତି। ଯେତେବେଳେ ସମୁଦ୍ର ପୃଷ୍ଠର ତାପମାତ୍ରା ହାରାହାରିଠାରୁ ଅତି କମ୍‌ରେ ୦.୫ ଡିଗ୍ରି ସେଲସିୟସ୍ ଅଧିକ ରହିଥାଏ, ସେତେବେଳେ ଏହି ଅବସ୍ଥାକୁ ଏଲ୍‌ନିନୋ ଘୋଷଣା କରାଯାଏ। ସେହି ସୀମା ବର୍ତ୍ତମାନ ଅତିକ୍ରମ କରିଛି। ବିଶ୍ୱ ପାଣିପାଗ ସଂଗଠନ ଜୁନ୍ ୨ରେ ନିଶ୍ଚିତ କରିଛି ଯେ ଏଲ୍‌ନିନୋ ଅବସ୍ଥା ବିକଶିତ ହେଉଛି ଏବଂ ଜୁନ୍‌ରୁ ଅଗଷ୍ଟ ମଧ୍ୟରେ ଏହା ସମ୍ପୂର୍ଣ୍ଣ ବିକଶିତ ହେବାର ସମ୍ଭାବନା ୮୦ ପ୍ରତିଶତ ରହିଛି। ବର୍ଷର ଅବଶିଷ୍ଟ ସମୟ ପାଇଁ ଏହି ସମ୍ଭାବନା ପ୍ରାୟ ୯୦ ପ୍ରତିଶତକୁ ବୃଦ୍ଧି ପାଇଥାଏ। ନିନୋ ୩.୪ ଅଞ୍ଚଳରେ ସାପ୍ତାହିକ ତାପମାତ୍ରା ସ୍ୱାଭାବିକଠାରୁ ଏକ ଡିଗ୍ରି ପାଖାପାଖି ବୃଦ୍ଧି ପାଇଛି। ଏଲ୍‌ନିନୋ ବାୟୁମଣ୍ଡଳର ବୃଷ୍ଟିପାତ ପ୍ରଣାଳୀକୁ ଉପମହାଦେଶଠାରୁ ଦୂରରେ ପୂର୍ବ ଦିଗକୁ ଠେଲି ଦେଇଥାଏ ଏବଂ ଏହାର ଅର୍ଥ ହେଉଛି ଏକ ଦୁର୍ବଳ ମୌସୁମୀ। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପୂର୍ବରୁ ସ୍ୱାଭାବିକଠାରୁ କମ୍ ବୃଷ୍ଟିପାତର ପୂର୍ବାନୁମାନ କରିସାରିଛି, ଯାହା ଦୀର୍ଘକାଳୀନ ହାରାହାରି ବୃଷ୍ଟିପାତର ୯୦ ପ୍ରତିଶତ ହେବ ବୋଲି ଆକଳନ କରିଛି। ମୌସୁମୀ ସ୍ୱାଭାବିକ ଜୁନ୍ ୧ ତାରିଖଠାରୁ ତିନି ଦିନ ବିଳମ୍ବରେ, ଜୁନ୍ ୪ ତାରିଖରେ କେରଳରେ ପହଞ୍ଚିଥିଲା। ଏବେଏହା ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରେ ସ୍ଥିର ଅଗ୍ରଗତି ହେବ ବୋଲି ଆଶା କରାଯାଉଛି।

◆◆ପୃଷ୍ଠା ୭

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୭/୬ (ନି.ପ୍ର): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡିଶା ସରକାରଙ୍କ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟରେ ୨୦୪ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଜଟଣୀ ନିର୍ବାଚନ ମଣ୍ଡଳୀର କୁମାର ବସ୍ତ ଲୋକନାଥ ବିଦ୍ୟାଳୟ ପ୍ରାଙ୍ଗଣରୁ ରାଜ୍ୟର ୨୦୪ ବିଦ୍ୟାଳୟର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ୧୮୮ଟିର କରାଯାଇଥିଲା ଭିତିପ୍ରସ୍ତର ସ୍ଥାପନ। ପ୍ରତି ପଞ୍ଚାୟତରେ ପର୍ଯ୍ୟାୟକ୍ରମେ ସ୍ଥାପନ ହେବ ଏହି ଗୋଦାବରିସ ଆଦର୍ଶ ବିଦ୍ୟାଳୟ। ପ୍ରତି ବିଦ୍ୟାଳୟ ପାଇଁ ୫ ଏକର ଜାଗା ୫ରୁ ୭ କୋଟି ବ୍ୟୟ ବରାଦ ପାଇଁ ହୋଇଛି ଧାର୍ଯ୍ୟ । ଏହି ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ।



ଛାତ୍ରଛାତ୍ରୀଙ୍କ ମୂଳଦୁଆ ସୁଦୃଢ କରିବାରେ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିରେ ବାଲବାଟିକାରୁ ଆରମ୍ଭ କରି ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ବ୍ୟବସ୍ଥା ରହିବ। ଅଭିଜ୍ଞ ଶିକ୍ଷକ ସହ ସ୍ମାର୍ଟ କ୍ଲାସରୁ, ଲବରୋଟୋରି, ଖେଳ ପଡିଆ, ଇତ୍ୟାଦିର ସୁବିଧା ରହିବ। କାର୍ଯ୍ୟକ୍ରମରେ ରାଜସ୍ୱ, ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ପୂର୍ତ୍ତ ଅବକାରୀ ମନ୍ତ୍ରୀ ପୃଥିରାଜ ହରିଚନ୍ଦନ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ଜ୍ୟୋତିଶଙ୍କର ସାହୁ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଶିକ୍ଷାଧିକାରୀ ସୋନାମିକା ରାୟ ପରିଚାଳନାରେ ସହଯୋଗ କରିଥିଲେ ।

## କେରଳରେ ସିଗେଲା ସଂକ୍ରମଣରେ ୪ ବର୍ଷର ଶିଶୁ ମୃତ

ନୂଆଦିଲ୍ଲୀ,୭/୬ : କେରଳରେ ସିଗେଲା ସଂକ୍ରମଣରେ ଜଣେ ୪ ବର୍ଷର ଶିଶୁର ମୃତ୍ୟୁ ହୋଇଛି। କେରଳ ସ୍ୱାସ୍ଥ୍ୟମନ୍ତ୍ରୀ କେ. ମୁରଲୀଧରନ ରବିବାର କହିଛନ୍ତି ଯେ, କୋଝିକୋଡରେ ସିଗେଲା ସଂକ୍ରମଣରେ ଚାରି ବର୍ଷର ଶିଶୁର ମୃତ୍ୟୁ ହେବା ◆◆ପୃଷ୍ଠା ୭

## ରାଜ୍ୟ ସଚିବାଳୟରୁ ଫାଇଲ୍ ଗାଏବ ପ୍ରସଙ୍ଗ: ତଥ୍ୟ ମାଗିଲା ବିଜେପି

ଭୁବନେଶ୍ୱର, ୦୭/୬ (ନି.ପ୍ର): ରାଜ୍ୟ ସଚିବାଳୟରୁ ଦୁଇ ଦୁଇଟି ଗୁରୁତ୍ୱପୂର୍ଣ୍ଣ କମିସନଙ୍କ ଫାଇଲ୍ ଗାଏବ ହେବା ଘଟଣାକୁ ନେଇ ଏବେ ରାଜ୍ୟ ରାଜନୀତି ସରଗରମ ହୋଇଛି । ଏହି ପ୍ରସଙ୍ଗରେ ଶାସକ ବିଜେପି ଏବଂ ବିରୋଧୀ ବିଜେଡି ମଧ୍ୟରେ ବାକ୍‌ଯୁଦ୍ଧ ଚରମସୀମାରେ ପହଞ୍ଚିଛି । ଏକ ସାମ୍ବାଦିକ ସମ୍ମିଳନୀ କରି ବିରୋଧୀ ବିଜେଡି ସରକାରଙ୍କୁ ତୀବ୍ର ସମାଲୋଚନା କରିଛି । ବିଜେଡି ନେତାମାନେ ପ୍ରଶ୍ନ ଉଠାଇଛନ୍ତି ଯେ, ଯଦି ସର୍ବୋଚ୍ଚ ପ୍ରଶାସନିକ କେନ୍ଦ୍ର ତଥା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପରି ସ୍ଥାନ ସୁରକ୍ଷିତ ନୁହେଁ, ତେବେ ରାଜ୍ୟରେ ସାଧାରଣ ଜନତାଙ୍କ ସୁରକ୍ଷା କେଉଁଠି ? ବିଜେଡି ଅଭିଯୋଗ କରିଛି ଯେ ଫାଇଲ୍ ହଜିବା କଥା କେବଳ ଏକ ବାହାନା, ବାସ୍ତବରେ କୌଣସି ବଡ଼ ସତ୍ୟକୁ ଲୁଚାଇବା ପାଇଁ ଜାଣିଶୁଣି ଏହାକୁ ଗାଏବ କରାଯାଇଛି । ବିଭାଗୀୟ ମନ୍ତ୍ରୀ ଏହି ଘଟଣାକୁ ସ୍ୱୀକାର କରିଥିବାରୁ ବିଜେଡି ବିଧାୟକ ତାଙ୍କୁ ଧନ୍ୟବାଦ ଦେବା ସହ ସରକାରଙ୍କ ସ୍ପଷ୍ଟୀକରଣ ଦାବି କରିଛନ୍ତି । ଅପରପକ୍ଷରେ, ବିଜେଡିର ଏହି ସାମ୍ବାଦିକ ସମ୍ମିଳନୀ ଉପରେ କଡ଼ା ପ୍ରତିକ୍ରିୟା ରଖିଛି ବିଜେପି । ବିଜେପି ବିଧାୟକ କହିଛନ୍ତି ଯେ ବିରୋଧୀ ଦଳ କେବଳ ରାଜନୀତି କରିବା ପାଇଁ ଏଭଳି ମନଗଢ଼ା ଅଭିଯୋଗ ଆଣୁଛନ୍ତି । ଯଦି ବିରୋଧୀଙ୍କ ପାଖରେ ଫାଇଲ ଗାଏବ ସମ୍ପର୍କରେ ପୂର୍ବରୁ କୌଣସି ସୂଚନା ଥିଲା, ତେବେ ସେମାନେ ପୋଲିସ କିମ୍ବା ପ୍ରଶାସନକୁ କାହିଁକି ଜଣାଇଲେ ନାହିଁ ?

◆◆ପୃଷ୍ଠା ୭

## ବାଲିଅନ୍ତା ଭିଡ଼ ହତ୍ୟା ମାମଲା: ସୌମ୍ୟଙ୍କ ଡାଏରିକୁ ନେଇ କ୍ରାଇମବ୍ରାଞ୍ଚର ତନାଘନା

ଭୁବନେଶ୍ୱର, ୦୭/୬ (ନି.ପ୍ର): ବାଲିଅନ୍ତା ସୌମ୍ୟ ହତ୍ୟା ମାମଲାରେ ନୂଆ ମୋଡ଼। କ୍ରାଇମବ୍ରାଞ୍ଚ ହାତରେ ଲାଗିଛି ସୌମ୍ୟଙ୍କ ଡାଏରି। ଯାହା ହତ୍ୟାକାଣ୍ଡ ପଛର ଗୁମର ଖୋଲିବ ବୋଲି କୁହାଯାଉଛି। ଅନ୍ୟପଟେ କ୍ରାଇମବ୍ରାଞ୍ଚ ପାଖରେ ଡାଏରି ପହଞ୍ଚାଇଥିବା ସୌମ୍ୟଙ୍କ ସାଙ୍ଗ ନିଶିକାନ୍ତ ଆଣିଛନ୍ତି ସାଙ୍ଘାତିକ ଅଭିଯୋଗ। ତଦନ୍ତ ବଢୁଛି, ଗୁମର ଖୋଲୁଛି। ବହୁଚର୍ଚ୍ଚିତ ବାଲିଅନ୍ତା



ସୌମ୍ୟ ରଞ୍ଜନ ହତ୍ୟା ମାମଲାରେ ନୂଆ ମୋଡ଼। କ୍ରାଇମବ୍ରାଞ୍ଚ ହାତରେ ଲାଗିଛି ମୃତ ସୌମ୍ୟଙ୍କ ଡାଏରି। ଯେଉଁ ଡାଏରିକୁ କ୍ରାଇମବ୍ରାଞ୍ଚକୁ ପଠାଇଛନ୍ତି, ସୌମ୍ୟଙ୍କ ସାଙ୍ଗ ନିଶିକାନ୍ତ।

◆◆ପୃଷ୍ଠା ୭

## ଗ୍ୟାସ୍ ମୂଲ୍ୟ ବୃଦ୍ଧି ନେଇ ସଫେଇ ଦେଲେ ସରକାର: ପ୍ରତି ସିଲିଣ୍ଡର ପିଛା ପ୍ରାୟ ୭୦୦ ଟଙ୍କା କ୍ଷତି ସହୁଛୁ

ନୂଆଦିଲ୍ଲୀ,୭/୬ : ଘରୋଇ ଏଲ୍‌ପିଜି ମୂଲ୍ୟ ସିଲିଣ୍ଡର ପିଛା ୨୯ ଟଙ୍କା ବୃଦ୍ଧି କରିବାର କିଛି ଘଣ୍ଟା ପରେ, କେନ୍ଦ୍ର ସରକାର କହିଛନ୍ତି ଯେ, ପରିବାରଗୁଡ଼ିକ ସମ୍ପୂର୍ଣ୍ଣ ବିଶ୍ୱ ମୂଲ୍ୟ ବୃଦ୍ଧିରୁ ସୁରକ୍ଷିତ ଅଛନ୍ତି। ସରକାର ସଫେଇ ଦେଇଛନ୍ତି, ଭାରତୀୟ ରନ୍ଧନ ଗ୍ୟାସ୍ ବିଶ୍ୱର ସବୁଠାରୁ ଶସ୍ତା ଗ୍ୟାସ୍ ମଧ୍ୟରେ ରହିଛି। ଦର ବଢ଼ିବା ନେଇ ସମାଲୋଚନା ମଧ୍ୟରେ ଏପରି କହି କେନ୍ଦ୍ର ସରକାର ବୃଦ୍ଧିକୁ ସମର୍ଥନ କରିଛନ୍ତି। ସରକାର ଯୁକ୍ତି ଦେଇଛନ୍ତି ଯେ, ପଶ୍ଚିମ ଏସିଆ ସଙ୍କଟ ଯୋଗୁଁ ବିଶ୍ୱବ୍ୟାପୀ ଶକ୍ତି ମୂଲ୍ୟରେ ତୀବ୍ର ବୃଦ୍ଧିର ସମ୍ପୂର୍ଣ୍ଣ ପ୍ରଭାବରୁ ଭାରତୀୟ ପରିବାର ସୁରକ୍ଷିତ ଅଛନ୍ତି। ସରକାର କହିଛନ୍ତି ଯେ, ୧୪.୨ କିଲୋଗ୍ରାମର ଏଲ୍‌ପିଜି ସିଲିଣ୍ଡର ଯୋଗାଣ ଖର୍ଚ୍ଚ ଏବେ ୧୬୦୦ ଟଙ୍କା ଅତିକ୍ରମ କରିଛି। ଫଳରେ ସରକାର ପ୍ରାୟ ୭୦୦ଟଙ୍କାର କ୍ଷତି ସହୁଛନ୍ତି। ଯେତେବେଳେ ସଦ୍ୟତମ ସଂଶୋଧନ ପରେ ଦିଲ୍ଲୀର ଜଣେ ସାଧାରଣ ଗ୍ରାହକ ୯୪୨ ଟଙ୍କା ଦେବେ ଏବଂ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ଜଣେ ହିତାଧିକାରୀ ଯୋଗ୍ୟ ରିଫିଲ୍ ପାଇଁ ପ୍ରଭାବଶାଳୀ ଭାବରେ ୬୪୨ ଟଙ୍କା ଦେବେ।

◆◆ପୃଷ୍ଠା ୭

## ବିରୋଧୀ ମେଂଟ ବୈଠକରେ ୨୩ଟି ଦଳ ସାମିଲ ହେବେ: ୮ ଜୁନରେ ନୂଆଦିଲ୍ଲୀରେ ହେବ ବୈଠକ

ନୂଆଦିଲ୍ଲୀ,୭/୬ : କଂଗ୍ରେସ ସାଧାରଣ ସମ୍ପାଦକ (ଯୋଗାଯୋଗ) ଜୟରାମ ରମେଶ କହିଛନ୍ତି ଯେ ୨୩ ଟି ରାଜନୈତିକ ଦଳ ନୂଆଦିଲ୍ଲୀରେ ବିରୋଧୀ ଇଣ୍ଡି ଆଲାଏନ୍ସ ବୈଠକରେ ସେମାନଙ୍କର ଅଂଶଗ୍ରହଣ ନିଶ୍ଚିତ କରିଛନ୍ତି। ମଧ୍ୟାହ୍ନ ୧୨ଟାରେ ସମ୍ବିଧାନ କ୍ଲବରେ ଏହି ବୈଠକ ଅନୁଷ୍ଠିତ ହେବ। ଜୟରାମ ରମେଶ ରବିବାର ଦିନ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ କହିଛନ୍ତି ଯେ ଇଣ୍ଡି ଆଲାଏନ୍ସର

◆◆ପୃଷ୍ଠା ୭


B.I.T. POLYTECHNIC, BALASORE
(A Sister Concern of Samalpur ITI, Balasore)
DIPLOMA ENGG COURSES
▶ Mechanical Engineering
▶ Electrical Engineering
▶ Civil Engineering
▶ E. & T. C. Engineering
▶ Comp. Sc. & Engineering
ITI TRADE
● Electrician ● Fitter ● Welder ● R & AC
Walk-In-Interview on Dated : 08-06-2026 (Monday)
FACULTY RECRUITMENT | Lecture in all above Branches | Lab Technician in all above Branches | Clerk & Hostel Superintendent
Place of Interview : IET Samalpur, Balasore
Contact : 9861947995, 8270317712
E-mail : bit_balasore@rediffmail.com

31 years of imparting quality technical education with excellence.
ADMISSIONS Open 2026-27
BAISINGA I.T.I
Trade: Fitter, Electrician
Affiliated to NCVT, Govt. of India, New Delhi
Baisinga, Mayurbhanj, Odisha
9937861296, 9692864722
8327799536, 9337957048


## ସିବିଏସଇ ଦୁର୍ନୀତି ପ୍ରସଙ୍ଗରେ ଧର୍ମେନ୍ଦ୍ରଙ୍କ ଇସ୍ତଫା ଦାବି କଲେ ରାହୁଲ



ନୂଆଦିଲ୍ଲୀ,୭/୬ : କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ)ର ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଖାତା ମୂଲ୍ୟାୟନ ପାଇଁ ଲାଗୁ ହୋଇଥିବା ଅନ୍-ସ୍କ୍ରିନ୍ ମାର୍କିଂ ସିଷ୍ଟମ୍ (ଓଏସଏମ୍) ଓ ଏହାର ଟେଣ୍ଡର ପ୍ରକ୍ରିୟାରେ 'କୋଏମ୍ପଟ୍' କମ୍ପାନୀ ସହ ହୋଇଥିବା ମଧୁଚନ୍ଦ୍ରିକାକୁ ପଦାରେ ପକାଇଥିବା ୧୮ ବର୍ଷୀୟ ହୁଇସିଲ୍ ବ୍ଲୋଅର୍ ଛାତ୍ର ସାର୍ଥକ ସିଦ୍ଧାନ୍ତ ଓ ତାଙ୍କ ସହଯୋଗୀ ନିସର୍ଗ ଅଧିକାରୀଙ୍କୁ ରବିବାର ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଭୂୟସୀ ପ୍ରଶଂସା କରିବା ସହ ଏହି ଘଟଣାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସିଧାସଳଖ ବହିଷ୍କାର ଏବଂ ଏକ ସ୍ୱତନ୍ତ୍ର ନ୍ୟାୟିକ ତଦନ୍ତ ପାଇଁ ଦୃଢ଼ ଦାବି କରିଛନ୍ତି। ସାର୍ଥକଙ୍କ ସହ ନିଜର ସାକ୍ଷାତକାର ଭିଡିଓ ସୋସିଆଲ ମିଡିଆ ଏକ୍ସରେ ସେୟାର କରି ରାହୁଲ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଯୁବପିଢ଼ିଙ୍କୁ କେବଳ 'ରିଲ୍ସ ବନାଇବା ଓ ପକୋଡ଼ା ଛାଣିବା' କାର୍ଯ୍ୟରେ ବ୍ୟସ୍ତ ରଖିବାକୁ ଚାହୁଁଥିବା ବେଳେ, ଏହି ଦୁଇ ଛାତ୍ର ପ୍ରଶ୍ନ ପଚାରି ଦେଶର ବଡ଼ ବଡ଼ ଗଣମାଧ୍ୟମ ଓ ସିବିଆଇ ଠାରୁ ବି ଅଧିକ ଦ୍ରୁତ ଗତିରେ

◆◆ପୃଷ୍ଠା ୭

# ଗ୍ୟାସ୍ ଦର ବୃଦ୍ଧି, ଗ୍ରାମାଚଂଳରେ କାଠଚୁଲିର ଚାହିଦା ବଢୁଛି

ଜୟପୁର, ୭/୦୬ (ନି.ପ୍ର): ୨୦୧୬ ମସିହାରେ ଯୋଜନା ଆରମ୍ଭ ହେବା ପରେ ଗ୍ରାମାଚଂଳର ଗରିବ ମହିଳାଙ୍କୁ ମାଗଣାରେ ଇନ୍ଧନ ଗ୍ୟାସ ସଂଯୋଗ ଯୋଗାଇ ଦିଆଯାଉଛି । ଧୂଆଁମୁକ୍ତ ରୋଷେଇ ପାଇଁ କେନ୍ଦ୍ର ସରକାର ଆରମ୍ଭ କରିଥିଲେ ଉଜ୍ୱଳା ଯୋଜନା । ଏଯାବତ୍ କୋରାପୁଟ ଜିଲା ଜୟପୁର, କୋରାପୁଟ, ସେମିଳିଗୁଡା, ବୈପାରିଗୁଡା, ବୋରିଗୁମ୍ମା, ଲକ୍ଷ୍ମୀପୁର , ଲମତାପୁଟ, କୋଟପାଡ, ପଟାଙ୍ଗୀ ବ୍ଲକରେ ଏହି ଯୋଜନା ଅନେକ ହିତାଧିକାରୀଙ୍କ ନିକଟରେ ପହଂଚି ପାରିନାହିଁ କି ଅନେକ ପାଇଥିଲେ ମଧ ଗ୍ୟାସ୍ ଉଚ୍ଚ ଦର ଗରିବଙ୍କ ପେଟକୁ ଲାତ ମାରିଛି । ତେଣୁ ଏବେ ମଧ ଗ୍ରାମାଚଂଳର ମହିଳା କାଠଚୁଲି ବ୍ୟବହାର କରୁଛନ୍ତି । ଏଥିପାଇଁ ନିୟମିତ କାଠ ସଂଗ୍ରହ କରିବା ପାଇଁ ବାଧ ହେଉଛନ୍ତି । ଗ୍ରାମାଚଂଳ, ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଗଛରୁ କାଠ ସଂଗ୍ରହ ଅନେକ ସମୟରେ ମହିଳାମାନେ କରୁଥିବା ସହ ଗ୍ରାମାଚଂଳରେ ମଧ ଜାଳେଣି କାଠ ସଂଗ୍ରହ ହୋଇ ରୋଷେଇ ହେଉଛି । ଘଂଟା ଘଂଟା କାଠ ସଂଗ୍ରହରେ ରହୁଥିବାରୁ ଆତ୍ମନିର୍ଭର ହେବା ପାଇଁ ସମୟ ପାଉନାହାନ୍ତି । ଏବେ ମଧ କୋରାପୁଟ ଜିଲାରେ ଅନେକ ପରିବାର ଅଛନ୍ତି ଉଜ୍ଜଳା ଯୋଜନାରେ ସାମିଲ ହୋଇନାହାନ୍ତି । ତେଣୁ ମହିଳା ମାନେ ସକାଳୁ ଉଠିବା ମାତ୍ରେ ଜାଳେଣି କାଠ ସଂଗ୍ରହ କରିବାକୁ ଯାଉଛନ୍ତି । ସେହିପରି କିଛି ପରିବାର ଗ୍ୟାସ ସଂଯୋଗ ପାଇଥିଲେ ସୁଦ୍ଧା ବ୍ୟବହାର କରୁନାହାନ୍ତି । କାରଣ ମାସିକ ପାଖାପାଖି ୧ ହଜାର ଟଙ୍କା ଦେଇ ସିଲିଣ୍ଡର କିଣିବା ସେମାନଙ୍କ ପକ୍ଷେ ସମ୍ଭବ ନୁହେଁ ବୋଲି ସୂଚନା ଦେଇଛନ୍ତି । ସରକାର ସମସ୍ତ ପରିବାରକୁ ଉଜ୍ୱଳା ଯୋଜନାରେ ସାମିଲ ସହ ସ୍ୱଳ୍ପ ପରିମାଣ ଗ୍ୟାସ ଯୋଗାଇଲେ ଗରିବ ଶ୍ରେଣୀର ଲୋକ ବ୍ୟବହାର କରିବା ସହ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଧୂଆଁମୁକ୍ତ ରୋଷେଇ ଯୋଜନା ସଫଳ ହୁଅନ୍ତା । ତେଣୁ ରନ୍ଧନ ଗ୍ୟାସ ଲିସିଣ୍ଡର ଦର ହ୍ରାସ କରି ଉଜ୍ୱଳା ଯୋଜନାକୁ ତ୍ୱରାନ୍ୱିତ କରିବାକୁ ସାଧାରଣରେ ଦାବି ହୋଇଛି ।

# ଦୁଆନଡିହିରେ ବିଶ୍ୱ ପରିବେଶ ଦିବସ

ଝାରସୁଗୁଡ଼ା, ୭/୦୬ (ନି.ପ୍ର): କୋଲାବିରା ବ୍ଲକ କେଲେଣ୍ଡାମାଲ ପଂଚାୟତ ଦୁଆନଡିହି ଗ୍ରାମରେ ସେୱା ଅନୁଷ୍ଠାନ ଦ୍ୱାରା ପରିଚାଳିତ ଓଡ଼ିଶା ସରକାରଙ୍କ କୃଷି ଉତ୍ପାଦନ ସମୂହ ପ୍ରକଳ୍ପ ତରଫରୁ ବିଶ୍ୱ ପରିବେଶ ଦିବସ ଆଡମ୍ବରରେ ପାଳିତ ହୋଇଯାଇଛି । ଏହି ଦିବସରେ ଉଦ୍ୟାନ ବିଭାଗ ରୁ ଏଚଇଡ଼ାବ୍ଲୁ, ଏପିସି,ପ୍ରକଳ୍ପ ଜୀବନ ଜୀବିକା ଏକ୍ସପର୍ଟ, ସିସି, ଏମଆଇ, ସିଆରପି ଓ ଗାଁ ର ସମସ୍ତ ବର୍ଗ ଭାଇ ଭଉଣୀ ମିଶି ବୃକ୍ଷ ରୋପଣ କରିଥିଲେ । ମାଟି ମା ସହ ପରିବେଶକୁ ବଂଚାଇବାକୁ ସମସ୍ତେ ଶପଥ ନେଇଥିଲେ । ଏହା ସହ ଆଗାମୀ ଦିନରେ ମାଡିଆସୁଥିବା ବିପଦ ଏଲନିନୋ ବିଷୟରେ ସଚେତନ କରାଯାଇଥିଲା ।

# ବିଜେଡିର ସାଂଗଠନିକ ବୈଠକ ସହ ୧୧ଦଫା ଦାବିପତ୍ର ପ୍ରଦାନ

ଜୟପୁର, ୭/୦୬ (ନି.ପ୍ର): କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ଠାରେ ବିଜୁ ଜନତା ଦଳ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଛି । ପରେ ବିଭିନ୍ନ ସମସ୍ୟାକୁ ନେଇ ଦାବୀପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବୈପାରିଗୁଡ଼ା ବିଜୁ ଜନତା ଦଳର ତରଫରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଭାରତୀୟ ଜନତା ପାର୍ଟି ତଥା ରାଜ୍ୟ ସରକାରଙ୍କ ବିରୁଦ୍ଧରେ ବର୍ଷିଲେ ବିଜୁ ଜନତା ଦଳର ନେତା ଓ କର୍ମୀ । ବୈପାରିଗୁଡ଼ା ଅଂଚଳର ବିଭିନ୍ନ ସମସ୍ୟାକୁ ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ କୋରାପୁଟ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହାସହ ଡାକ ବଙ୍ଗଳା ଠାରେ ଏକ ସଭାର ଆୟୋଜନ କାର୍ଯ୍ୟକ୍ରମ କରାଯାଇଥିଲା । ବୈପାରିଗୁଡ଼ା ବ୍ଲକ ବିଜୁ ଜନତା ଦଳର ବ୍ଲକ ସଭାପତି ମନୋଜ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିବା ଏହି ସାଙ୍ଗଠନିକ ସଭା କାର୍ଯ୍ୟକ୍ରମରେ କୋରାପୁଟ ବିଜୁ ଜନତା ଦଳର ଜିଲ୍ଲା ସଭାପତି ଝିନ୍ନ ହିକକା, କୋରାପୁଟ ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ଜିଲ୍ଲା ଯୁବ ସଭାପତି ଲଲାଟ ରଞ୍ଜନ ସେଠୀ, ନବରଙ୍ଗପୁର ନିର୍ବାଚନ ମଣ୍ଡଳୀ ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ଜିଲ୍ଲା ମହିଳା ସଭାନେତ୍ରୀ ପାର୍ବତୀ ମସ୍ତି, କୋଟପାଡ଼ ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ପଦ୍ମିନୀ ଦିଆନା, ବିଜୁ ଜନତା ଦଳୀୟ କୋଟପାଡ଼ ବିଧାୟକ ପ୍ରାର୍ଥୀ ଚନ୍ଦ୍ର ଶେଖର ମାଝୀ, କୋରାପୁଟ ସାଂସଦ ପ୍ରାର୍ଥୀ କୌଶଲ୍ୟା ହିକକା, ଜିଲ୍ଲା ପରିଷଦ ଅଧକ୍ଷା ସସ୍ମିତା ମେଲେକା, ବୈପାରିଗୁଡ଼ା ବ୍ଲକ ପୂର୍ବତନ ବିଜୁ ଜନତା ଦଳୀୟ ବ୍ଲକ ସଭାପତି ସାଥିରାମ ନାୟକ, କାର୍ଯ୍ୟକାରୀ ସଭାପତି ପ୍ରସାଦ ବିଡ଼ିକା ପ୍ରମୁଖ ଉପସ୍ଥିତ ଥିଲେ । ବିଜୁ ଜନତା ଦଳ ନିର୍ଦ୍ଦେଶ କ୍ରମେ ବୈପାରିଗୁଡ଼ା ବ୍ଲକର କୋଡ଼ିଏ ଗୋଟି ଗ୍ରାମ ପଂଚାୟତର ଦଳୀୟ କର୍ମୀ ଏକତ୍ରିତ ହୋଇ ବିରଖମ୍ବ ଠାରୁ ରାଲି ମାଧ୍ୟମରେ ବ୍ଲକ କାର୍ଯ୍ୟାଳୟରେ ପହଂଚି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ କୋରାପୁଟ ଜିଲ୍ଲାପାଳଙ୍କୁ ଏକ ଏଗାର ଦଫା ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ବାଦୀ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ବୈପାରିଗୁଡ଼ା ବ୍ଲକର ବୃଦ୍ଧା ମାନଙ୍କୁ ନିୟମିତ ଭାବେ ଭତା ପ୍ରଦାନ କରିବା, ଅଂଚଳବାସୀଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସଠିକ୍ ସମୟରେ ଜନ୍ମ ଓ ମୃତ୍ୟୁ ପ୍ରମାଣ ପତ୍ର, ଯୋଗାଇଦେବା, ମନରେଗା ଯୋଜନର କାର୍ଯ୍ୟ ଗୁଡ଼ିକ ବିଧାୟକ ମାନଙ୍କ ଦ୍ୱାରା କାର୍ଯ୍ୟାଦେଶ ପତ୍ର ବଂଟା ଯାଉଥିବା କାର୍ଯ୍ୟ ବନ୍ଦ କରିବା, ଓଡ଼ିଶାରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା ବେଳେ କୋରାପୁଟ ଜିଲ୍ଲାର ବିଭିନ୍ନ ଅଂଚଳରେ ମଧ ଆଇନ ଶୃଙ୍ଖଳା ପରିସ୍ଥିତି ତଥା ଚୋରି, ଡକାୟତି ଭଳି ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା, ମେଗା ପ୍ରକଳ୍ପ ପାନୀୟ ଜଳର ସୁବିଧା ଆରମ୍ଭ କରିବା, ପଂଚାୟତ ସମିତି କାର୍ଯ୍ୟ ଗୁଡ଼ିକ ବିଧାୟକ ମାନଙ୍କ ଦ୍ୱାରା କାର୍ଯ୍ୟାଦେଶ ପତ୍ର ବଂଟା ଯାଉଥିବା କାର୍ଯ୍ୟ ବନ୍ଦ କରି ଗ୍ରାମାଚଂଳ ଲୋକଙ୍କୁ ନେଇ ପଲ୍ଲୀସଭା ମାଧମରେ କାର୍ଯ୍ୟାଦେଶ ପତ୍ର ପ୍ରଦାନ କରିବା, ନିର୍ବାଚନ ପୂର୍ବରୁ ତିନିଶହ ୟୁନିଟ ବିଜୁଳି ପ୍ରତିଶୃତି କଥା ଦେଇଥିବା ସରକାର ପ୍ରତିଶୃତି ପାଳନ କରିବା, ତହସିଲ କାର୍ଯ୍ୟାଳୟ ପକ୍ଷରୁ ମିଳୁଥିବା ପ୍ରମାଣ ପତ୍ର ଲୋକେ ଅନ ଲାଇନ ମାଧାମରେ ଆବେଦନ କଲେ ତାହା ସାତଦିନ ମଧରେ ଲୋକଙ୍କୁ ଯୋଗାଇଦେବା ଇତ୍ୟାଦି ଦାବୀ ଗୁଡ଼ିକ ଉଲ୍ଲେଖ ରହିଛି । ଏହାସହ ବୈପାରିଗୁଡ଼ା ବ୍ଲକ କୋଡ଼ିଏ ଗୋଟି ଗ୍ରାମ ପଂଚାୟତ ମଧ୍ୟରୁ ପ୍ରାୟ ପଂଚାୟତରେ ନୂତନ ସଭାପତି ଗଠନ କରାଗଲା । ମାନସ ଜଗଦେବଙ୍କୁ ବୈପାରିଗୁଡ଼ା ବ୍ଲକ ନୂତନ ଯୁବ ସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଗଲା । ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଦେଇଥିବା ବିଭିନ୍ନ ପ୍ରତିଶୃତିକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିବା ସହ ଭାରତୀୟ ଜନତା ପାର୍ଟି ବିରୁଦ୍ଧରେ ଗଣ ବିକ୍ଷୋଭ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଛି ।

# ଚମ୍ପୁଆ ବ୍ଲକରେ ସରକାରୀ ନିୟମକୁ ଜଳାଞ୍ଜଳି: ସୂଚନା ଫଳକ ବିନା ଚାଲିଛି 'ଗୋପନ ବିକାଶ'

ଚମ୍ପୁଆ, ୭/୦୬ (ନି.ପ୍ର): ଗ୍ରାମାଚଂଳର ବିକାଶ ପାଇଁ ସରକାର ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି । ଠିକାଦାର ଓ ସରକାରୀ ଅଧିକାରୀଙ୍କ ମଧ୍ୟରେ ଥିବା ମଧୁଚନ୍ଦ୍ରିକା ଯୋଗୁଁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି । ଫଳରେ ଦିନକୁ ଦିନ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି । ସରକାରଙ୍କ ନିୟମ ଅନୁଯାୟୀ, ଯେକୌଣସି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ ଲଗାଇବା ବାଧ୍ୟତାମୂଳକ । ମାତ୍ର ଚମ୍ପୁଆ ବ୍ଲକର ବିଭିନ୍ନ ପଂଚାୟତରେ ନିର୍ମାଣ ଚାଲିଥିବା 'ସୁଭଦ୍ରା ଶକ୍ତି କେନ୍ଦ୍ର' ଗୃହ ଗୁଡ଼ିକରେ ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି । ପୂର୍ବରୁ ଜାଲି ପଂଚାୟତରେ ନିର୍ମାଣାଧୀନ ସୁଭଦ୍ରା ଶକ୍ତି କେନ୍ଦ୍ର ଗୃହରେ ହେଉଥିବା ଅନିୟମିତତା ସମ୍ପର୍କରେ ଖବର ପ୍ରସାରଣ ହୋଇଥିଲେ ମଧ ସମ୍ପୃକ୍ତ ବିଭାଗ ନିରବ ଦ୍ରଷ୍ଟା ସାଜିଛି । ସେହିପରି ଭଣ୍ଡା ଓ ଚନ୍ଦ୍ରଶେଖରପୁର ପଂଚାୟତରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ବସିଥିଲେ ବି ଏପର୍ଯ୍ୟନ୍ତ କୌଣସି ସୂଚନା ଫଳକ ଲଗାଯାଇ ନାହିଁ । ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ ଏବଂ ସରକାରୀ ନୀତି ନିୟମକୁ ଆଖିଠାର ମାରି ଏହି କାର୍ଯ୍ୟ ଚାଲିଛି । ଚମ୍ପୁଆ ବ୍ଲକରେ ଚାଲିଥିବା ଏଭଳି 'ଗୋପନ ବିକାଶ'କୁ ନେଇ ଏବେ ସ୍ଥାନୀୟ ଲୋକଙ୍କ ମନରେ ଅନେକ ପ୍ରଶ୍ନ ଉଠିଛି । ଏହି ପ୍ରକଳ୍ପ ପାଇଁ ଅନୁଦାନ କେଉଁଠୁ ଆସୁଛି ? କାମ କିଏ କରୁଛି ? ଏବଂ ନିମ୍ନମାନର କାର୍ଯ୍ୟ ଯୋଗୁଁ ଏହି ଗୃହ ଗୁଡ଼ିକର ସ୍ଥାୟିତ୍ୱ କେତେ ଦିନ ? ଏଭଳି ଅନେକ ପ୍ରଶ୍ନ ଏବେ ଚାପା ଉତେଜନା ସୃଷ୍ଟି କରିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

# ଅଗ୍ନି ବିପନ୍ନ ପରିବାରକୁ ଭେଟିଲା ବିଜେଡି ଟିମ୍

ଭୁବନ, ୭/୦୬ (ନି.ପ୍ର): ଢ଼େଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅନ୍ତର୍ଗତ ଦୟଣାବିଲି ପଂଚାୟତ କନ୍ହେଇପାଳ ଗ୍ରାମ ତଇଲା ସାହିରେ ଗତକାଲି ଶୁକ୍ରବାର ଅଗ୍ନିକାଣ୍ଡ ଘଟି ସମୁଦାୟ ୮ ବଖରା ଘର ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଥିଲା । ଗ୍ୟାସ ରେ କ୍ଷୀର ବସାଇ ଥିବା ବେଳେ ଗ୍ୟାସ ଲିକ୍ ହୋଇ ଅଗ୍ନିକାଣ୍ଡ ଘଟି ବାଉରୀବନ୍ଧୁ ସାହୁଙ୍କ ୨ ବଖରା ତାଙ୍କ ପୁଅ ଶିଶିର ସାହୁ ଙ୍କ ୩ ବଖରା ଓ ସମୀର ସାହୁ ଙ୍କ ୩ ବଖରା ( ସମୁଦାୟ ୮ ବଖରା) ଚାଳ ଘର ସମ୍ପୂର୍ଣ୍ଣ ପୋଡ଼ି ଭସ୍ମୀଭୂତ ହୋଇଯାଇଥିଲା । ନିଆଁ ର ପ୍ରକୋପ ଏତେ ତୀବ୍ର ଥିଲା ଯେ ଭୁବନ ଓ କାମାକ୍ଷା ନଗର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ନିଆଁ କୁ ଆୟତ୍ତ କରିଥିଲେ । ଏହି ଅଗ୍ନିକାଣ୍ଡରେ ବାଉରୀବନ୍ଧୁଙ୍କ ପରିବାର ର ସମସ୍ତ ଆସବାବ ପତ୍ର, ଟଙ୍କା ଓ ସୁନା ଗହଣା ସବୁ ପୋଡ଼ି ଯାଇଥିଲା । ଏହି ବିପତ୍ତି ସମ୍ପର୍କରେ ସୂଚନା ପାଇ ଭୁବନ ନଗରାପାଳ ଶୁଭେନ୍ଦୁ କୁମାର ସାହୁ,ପୂର୍ବତନ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ, ଜିଲ୍ଲା ବିଜେଡି ଉପ ସଭାପତି ସୁଧାକର ସାହୁ,ଭୁବନ ବ୍ଲକ ବିଜେଡି ସଭାପତି ତଥା ସ୍ଥାନୀୟ ଦୁଇ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ବିଜେଡି ଟିମ୍ ଆଜି ଶନିବାର ଅଗ୍ନି ବିପନ୍ନ ବାଉରୀ ଙ୍କ ପରିବାରକୁ ଭେଟି ସାନ୍ତ୍ୱନା ଦେବା ସହ ସହାୟତାର ହାତ ବଢ଼ାଇଥିଲେ ଓ ଖୁବ୍ ଶୀଘ୍ର ସରକାରୀ ସାହାଯ୍ୟ ମିଳିବ ବୋଲି ଆଶ୍ୱାସନା ଦେଇଥିଲେ ।

# ଏକ ପେଡ଼ ମା' କି ନାମ ପେ କାର୍ଯ୍ୟକ୍ରମ

ଭଦ୍ରକ, ୭/୦୬ (ନି.ପ୍ର):ଏହି ଜିଲାର ଚାନ୍ଦବାଲି ଏନ୍ଏସିର ୯ ନମ୍ବର ୱାର୍ଡରେ "ଏକ ପେଡ଼ ମା' କି ନାମ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧିର ବାର୍ତା ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚାର ରାଜ୍ୟ ସଂଯୋଜକ ଉପେନ୍ଦ୍ର କୁମାର ରାଉଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ।ଏହି ଅବସରରେ ଶ୍ରୀ ରାଉଳ ବୃକ୍ଷରୋପଣ କରି ପରିବେଶ ସୁରକ୍ଷାରେ ଗଛର ଭୂମିକା ସମ୍ପର୍କରେ ମତ ପ୍ରକାଶ କରିଥିଲେ । ପ୍ରତ୍ୟେକ ବ୍ୟକ୍ତି ନିଜ ମା'ଙ୍କ ସମ୍ମାନରେ ଅତି କମରେ ଗୋଟିଏ ଗଛ ଲଗାଇ ତାହାର ଯତ୍ନ ନେବାକୁ ସେ ଆହ୍ୱାନ ଦେଇଥିଲେ । ଏହାଦ୍ୱାରା ପରିବେଶ ସନ୍ତୁଳନ ରକ୍ଷା ସହିତ ଆଗାମୀ ପିଢ଼ି ପାଇଁ ଏକ ସବୁଜ ଭବିଷ୍ୟତ ଗଢ଼ାଯାଇପାରିବ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ଭାଜପା ଜିଲା କାର୍ଯ୍ୟକାରିଣୀ ସଦସ୍ୟ ବିଜୟ କୁମାର ବେହେରା,ବୟୋ ବୃଦ୍ଧ ସାମ୍ବାଦିକ କିଷାନ ପାତ୍ର ଏବଂ ନିତ୍ୟ ପ୍ରକାଶ ବେହେରା,ବିଶ୍ୱଜିତ ବିଶ୍ୱାଳ, ଭଞ୍ଜକିଶ୍ୱର ମହାଳିକ, ଦୟାନିଧି ଘଡେଇ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଶାସନିକ ଅଧିକାରୀଙ୍କ ସହ କରାଟେ ଛାତ୍ର ଛାତ୍ରୀଙ୍କ ପରିବେଶ ସଚେତନତା ର୍ୟାଲି

ବଲାଙ୍ଗିର, ୭/୦୬ (ନି.ପ୍ର): ବଲାଙ୍ଗିର ଜିଲ୍ଲା କରାଟେ ଅର୍ଗାନାଇଜେସନ ଓ ବଲାଙ୍ଗିର ଜିଲ୍ଲା ଟାଇକଣ୍ଡୋ ସଂଘର ମିଳିତ ଉଦ୍ୟମରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇ ଯାଇଛି । ଜାତୀୟ ସ୍ତରୀୟ କରାଟେ ଓ ଟାଇକଣ୍ଡୋ ପ୍ରଶିକ୍ଷକ ତଥା ପରିବେଶ ପ୍ରେମୀ ଅସୀମ କୁମାର ଭୋଇଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଏହି ଭବ୍ୟ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା । ଏ ଅବସରରେ କରାଟେ, ଟାଇକଣ୍ଡୋ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଏକ ବିଶାଳ ର୍ୟାଲି ଆୟୋଜନ କରାଯାଇଥିଲା । ଏ ର୍ୟାଲିଟି କୋଶଲ କଳା ମଣ୍ଡଳ ପଡିଆରୁ ବାହାରି ସହର ପରିକ୍ରମା କରିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଂଚି ଥିଲା । ର୍ୟାଲି ମାଧ୍ୟମରେ ଛାତ୍ର ଛାତ୍ରୀମାନେ ହାତରେ ବିଭିନ୍ନ ସ୍ଲୋଗାନ ଲେଖା ଥିବା ପ୍ଲାକାର୍ଡ ଧରି ସହରବାସୀଙ୍କୁ ପରିବେଶ ସୁରକ୍ଷାର ବାର୍ତା ପ୍ରଦାନ କରିଥିଲେ । ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଛାତ୍ର ଛାତ୍ରୀମାନେ ଜନସାଧାରଣଙ୍କୁ ଚାରା ବୃକ୍ଷ ପ୍ରଦାନ କରିଥିଲେ । ଏ ସମାରୋହରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠି, ଉପଜିଲ୍ଲାପାଳ ଆଲୋକ ପଟେଲ, ଏଡିସିନାଲ ଏସ୍ପି ଗୁଣନିଧି ମଲ୍ଲିକ, ତହସିଲଦାର ଲଗ୍ନଜିତ ବେହେରା, ଡେପୁଟି କଲେକ୍ଟର ସତ୍ୟଜିତ ବାରିକ ଏବଂ ଡେପୁଟି କଲେକ୍ଟର ଜୟକୃଷ୍ଣ ପାଣିଗ୍ରାହୀ ସମେତ ଅନେକ ବରିଷ୍ଠ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ଛାତ୍ର ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅତିଥିମାନେ କ୍ରୀଡାସଂଘର ଏହି ଅଭିନବ ସାମାଜିକ ପ୍ରୟାସ କୁ ଉଚ୍ଚ ପ୍ରଶଂସା କରିବା ସହ କହିଥିଲେ ଯେ ଶାରୀରିକ ସୁସ୍ଥତା ସହିତ ପୃଥିବୀ ଓ ପରିବେଶ ସୁସ୍ଥ ରଖିବା ଆମ ସମସ୍ତଙ୍କର ପରମ କର୍ତବ୍ୟ । ପରିବେଶ ସୁରକ୍ଷା ପାଇଁ ଅଧିକରୁ ଅଧିକ ବୃକ୍ଷରୋପଣ କରିବା ଏବଂ ପ୍ଲାଷ୍ଟିକ ମୁକ୍ତ ସମାଜ ଗଠନ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ । ଅସୀମ କରାଟେ ଏକାଡେମୀ ର ଏହି ମହତ ପ୍ରୟାସ ସ୍ଥାନୀୟ ଅଂଚଳରେ ଏକ ସକାରାତ୍ମକ ପ୍ରଭାବ ସୃଷ୍ଟି କରିପାରିଛି ।

# ବିଶ୍ୱ ପରିବେଶ ଦିବସରେ ଲଖନପୁରରେ ସଚେତନତା କାର୍ଯ୍ୟକ୍ରମ: ନୂତନ ଶିଳ୍ପ ଓ କୋଇଲା ଖଣି ସମ୍ପ୍ରସାରଣକୁ ବିରୋଧର ସଂକଳ୍ପ

ଝାରସୁଗୁଡା, ୭/୦୬ (ନି.ପ୍ର): ବିଶ୍ୱ ପରିବେଶ ଦିବସ ଅବସରରେ ଲଖନପୁର ବ୍ଲକ ନାଗରିକ ପରିଷଦର ଆହ୍ୱାନକ୍ରମେ ବନହରପାଲିସ୍ଥିତ ମା' ତାରିଣୀ ମନ୍ଦିର ପ୍ରାଙ୍ଗଣରେ ପରିବେଶ ସୁରକ୍ଷା ଓ ନାଗରିକ ଉତ୍ତରଦାୟିତ୍ୱ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୁଶ୍ରାଲୋଇ ଗ୍ରାମପଂଚାୟତର ବିଶିଷ୍ଟ ସମାଜସେବୀ ଧିରେନ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଶିଷ୍ଟ ପରିବେଶବିତ୍ ତଥା ଆଂଚଳିକ ପରିବେଶ ସୁରକ୍ଷା ସଂଘର ସଭାପତି ସତ୍ୟନାରାୟଣ ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ବିଶିଷ୍ଟ ସଙ୍ଗୀତଜ୍ଞ ପ୍ରମୋଦ କୁମାର ଦାଶ ଓ ତାଙ୍କ ସହଯୋଗୀ କଳାକାରମାନଙ୍କ ନେତୃତ୍ୱରେ ଉପସ୍ଥିତ ସମସ୍ତେ ସାମୂହିକ ଭାବେ 'ବନ୍ଦେ ମାତରମ୍' ଗାୟନ କରିଥିଲେ ।
ମୁଖ୍ୟ ଅତିଥି ଶ୍ରୀ ରାଓ ତାଙ୍କ ଅଭିଭାଷଣରେ ଝାରସୁଗୁଡ଼ା ଜିଲ୍ଲାରେ ଅନିୟନ୍ତ୍ରିତ ଶିଳ୍ପାୟନ ଓ ବ୍ୟାପକ କୋଇଲା ଖଣି ଖନନ ଯୋଗୁଁ ପ୍ରାକୃତିକ ପରିବେଶ ଉପରେ ପଡୁଥିବା କୁପ୍ରଭାବ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସେ କହିଥିଲେ ଯେ, ୨୦୧୬ ମସିହାରୁ ଝାରସୁଗୁଡ଼ା ଜିଲ୍ଲା ଶିଳ୍ପ ଧାରଣ କ୍ଷମତା ହରାଇଥିବା ସତ୍ତ୍ୱେ ନୂତନ ଶିଳ୍ପ ପ୍ରତିଷ୍ଠା ଓ ବିସ୍ତାର ଫଳରେ ପରିବେଶ ଓ ମାନବ ସ୍ୱାସ୍ଥ୍ୟ ଗଭୀର ସଙ୍କଟର ସମ୍ମୁଖୀନ ହେଉଛି ।
ସେ ଆହୁରି କହିଥିଲେ ଯେ, ଦେଶର ଅତ୍ୟଧିକ ପ୍ରଦୂଷିତ ଓ ଉତ୍ତପ୍ତ ଅଂଚଳ ଭାବେ ପରିଚିତ ଝାରସୁଗୁଡ଼ା ଜିଲ୍ଲା ଏବଂ ଲଖନପୁର ବ୍ଲକରେ ଆଉ କୌଣସି ନୂତନ ଶିଳ୍ପ କିମ୍ବା କୋଇଲା ଖଣି ସମ୍ପ୍ରସାରଣକୁ ଅନୁମତି ନ ଦେବାକୁ ସରକାରଙ୍କ ନିକଟରେ ଦୃଷ୍ଟି ଆକର୍ଷଣ କରାଯିବା ଆବଶ୍ୟକ । ଏହାସହ କୁଶ୍ରାଲୋଇ ଅଂଚଳରେ ପ୍ରସ୍ତାବିତ ଗ୍ୟାସିଫିକେସନ କମ୍ପାନୀ ନିର୍ମାଣକୁ ସମ୍ପୂର୍ଣ୍ଣ ବିରୋଧ କରିବା ପାଇଁ ଉପସ୍ଥିତ ଜନସାଧାରଣ ମା' ତାରିଣୀଙ୍କ ସମ୍ମୁଖରେ ସଂକଳ୍ପ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ବିଜୟାବାହିନୀର କାର୍ଯ୍ୟକାରୀ ସଭାନେତ୍ରୀ ଲକ୍ଷ୍ମୀ ବେହେରା ପ୍ରାକୃତିକ ପରିବେଶ ସୁରକ୍ଷାରେ ମାତୃଶକ୍ତିର ଭୂମିକା ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଲଖନପୁର ବ୍ଲକ ନାଗରିକ ପରିଷଦର ସଭାପତି ପିତାମ୍ବର ମିଶ୍ର ଅଂଚଳର ବୃହତ୍ତର ସ୍ୱାର୍ଥ ପାଇଁ କୌଣସି ପ୍ରକାର ରାଜନୈତିକ ଷଡ଼ଯନ୍ତ୍ର କିମ୍ବା ସାଲିସକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି କହିବା ସହ ଅଂଚଳର ଅସ୍ତିତ୍ୱ ରକ୍ଷା ଲଢେଇରେ ସମସ୍ତଙ୍କୁ ଏକତ୍ରିତ ହେବାକୁ ଆହ୍ୱାନ ଜଣାଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ କୈଳାଶ ଧୁରୁଆ, ଅଲିମା ମହାନନ୍ଦ, ରତ୍ନା ରାଉତ, ବିମଳାବତୀ ସୁନା, ରୁକ୍ମିଣୀ ରାଉତ, ସଂଯୁକ୍ତା ଭୋଇ, ମୋହିନୀ ଭୋଇ, ସରିତା ଭୋଇ, ପୂଜା ଗର୍ଡିଆ, ଉଦେ ବାଗ, ବଳରାମ ଧୁରୁଆ ଓ ବିବେକ ସୁନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ରେମେଣ୍ଡା ଗ୍ରାମର ରୋହିତ ସା ଧନ୍ୟବାଦ ଅର୍ପଣ କରିଥିଲେ ।

# ପୁରୀ ୨ରେ ସର୍ବବୃହତ ରଜ ମହୋତ୍ସବ ବିଜୟିତା ପିନ୍ଧିବେ ରଜରାଣୀ ମୁକଟ

ପୁରୀ, ୭/୦୬ (ନି.ପ୍ର): ପୁରୀ ମହାନଗର ନିଗମ ଅନ୍ତର୍ଗତ ହୁଲୁହୁଲିଆ ପୋଲ ନିକଟ କ୍ରୀଷ୍ଣା ଗାର୍ଡନେ ଠାରେ ଚଳିତମାସ ୧୪, ୧୫ ଓ ୧୬ ତାରିଖ ତିନି ଦିନ ଧରି ବିରାଟ ରଜ ମହୋତ୍ସବ ଅନୁଷ୍ଠିତ ହେବ । ଶନିବାର ମଧ୍ୟାହ୍ନରେ ଏ ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ଦିବ୍ୟଜ୍ୟୋତି ସାହୁ କହିଛନ୍ତି ପୁରୀ ୨ ଅଂଚଳରେ ଏହି ମହୋତ୍ସବ ଓ ପ୍ରତିଯୋଗିତା ଅଂଚଳବାସୀଙ୍କ ମନରେ ଆନନ୍ଦର ଲହରୀ ଖେଳାଇ ଦେଇଛି । ଶ୍ରେଷ୍ଠ ବିଜୟିତାଙ୍କୁ ରଜରାଣୀ ଟାଇଟେଲରେ ମୁକଟ ପିନ୍ଧିବା ସହ ବଡ ଟ୍ରଫି ପ୍ରଦାନ କରାଯିବ । କ୍ରିଷ୍ଣା ଗାର୍ଡନର ୫୦ ହଜାର ବର୍ଗ ଫୁଟ ଅଂଚଳରେ ରଜ ଉତ୍ସବର ମାହୋଲ ସୃଷ୍ଟି କରାଯିବ । ଓଲିଉଡ୍ ପ୍ଲେ ବ୍ୟାକ ସିଙ୍ଗର ଓ ସେଲିବ୍ରିଟ ମାନେ ଯୋଗଦେବେ । ପ୍ରତିଦିନ ଦିନ ୩ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲୁ ରହିବ । ଝୋଟି, ମେହେନ୍ଦି, ପିଠା, ପାନ, ମ୍ୟୁଜିକ, ଦୋଳି, ଆର୍ଟ ଓ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହାସହ ସେମି କ୍ଲାସିକାଲ ଓ ମର୍ଦ୍ଦନ ଡ୍ୟାନ୍ସରେ ମଂଚ ଦୁଲୁକିବ । ପ୍ରତିଦିନ ୫ରୁ ୭ ହଜାର ଦର୍ଶକଙ୍କ ପାଇଁ ବ୍ୟବସ୍ଥା କରାଯାଇଛି । ସହରରେ ଦେଖିବାକୁ ମିଳିବ ଗାଁର ରଜ ମାହୋଲ । ମୁଖ୍ୟ ଆୟୋଜକ କ୍ରୀଷ୍ଣା ଗାର୍ଡନ ସହ ଡି ଲୋକ ଅନୁଷ୍ଠାନ ରହିଅଛି ।
ଏହି ସାମ୍ବାଦିକ ସମ୍ମିଳନୀରେ ବିଦ୍ୱତ୍ ପରିଷଦର ଅଧକ୍ଷ ମନୋଜ କୁମାର ରଥ, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା, ମୁଖ୍ୟ ସଂଯୋଜକ ଦିବ୍ୟଜ୍ୟୋତି ସାହୁ, ବିଜୟ କୃଷ୍ଣ ବ୍ରହ୍ମା ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଶା ମେଟାଲିକ୍ସ ବିରୋଧରେ ନୂଆ ଅଭିଯୋଗ: ସ୍ୱଚ୍ଛ ତଦନ୍ତ ଦାବିରେ ଜନପ୍ରତିନିଧି

ଝାରସୁଗୁଡ଼ା, ୭/୦୬ (ନି.ପ୍ର): ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ ମରାକୁଟା ଅଂଚଳରେ ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା କଥିତ ବେଆଇନ ଗଭୀର ନଳକୂପ ଓ ଇନଟ୍ରେକ୍ ୱେଲ୍ ନିର୍ମାଣକୁ ନେଇ ବିବାଦ ତୀବ୍ର ହୋଇଛି । ଏହି ପ୍ରସଙ୍ଗରେ ଗଠିତ ଜନପ୍ରତିନିଧି କମିଟିର ସଦସ୍ୟମାନଙ୍କୁ ତଦନ୍ତ ପ୍ରକ୍ରିୟାରୁ ଦୂରେଇ ରଖାଯାଇଥିବା ଅଭିଯୋଗ ଆଣି କମିଟି ପକ୍ଷରୁ ଶନିବାର ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସୂଚନା ଅନୁସାରେ, ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ମରାକୁଟା ସରପଂଚ ଲିଲି ତନ୍ତୀଙ୍କ ଅଧ୍ୟକ୍ଷତାରେ ୧୦ ଜଣିଆ ଏକ ପ୍ରତିନିଧି ଦଳ ଗଠନ କରାଯାଇଥିଲା । କମ୍ପାନୀ ପରିସରରେ ଥିବା କଥିତ ବେଆଇନ ଗଭୀର ନଳକୂପଗୁଡ଼ିକର ଅନୁଧ୍ୟାନ ପାଇଁ ଏହି ଦଳକୁ ଅନୁମତି ମଧ ପ୍ରଦାନ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟ ମିଳିତ ତଦନ୍ତ ସମୟରେ ୧୩ଟି ବେଆଇନ ଗଭୀର ନଳକୂପ ଚିହ୍ନଟ ହୋଇଥିବା କମିଟି ପକ୍ଷରୁ ଦାବି କରାଯାଇଛି । ମାତ୍ର ଗତ ୫ ଜୁନରେ ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟ ଯାଂଚ୍ ବେଳେ ଜଳସେଚନ ବିଭାଗର ଅଧିକାରୀ ଏବଂ କମ୍ପାନୀ କର୍ତୃପକ୍ଷ କମିଟି ସଦସ୍ୟମାନଙ୍କୁ କମ୍ପାନୀ ପରିସରକୁ ପ୍ରବେଶ କରିବାକୁ ବାରଣ କରିଥିବା ଅଭିଯୋଗ ହୋଇଛି । ଏହା ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଓ ନିରପେକ୍ଷ ତଦନ୍ତ ପ୍ରକ୍ରିୟା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବୋଲି କମିଟି ଅଭିଯୋଗ କରିଛି । କମିଟି ପକ୍ଷରୁ ଦାଖଲ ହୋଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଓଡ଼ିଶା ମେଟାଲିକ୍ସ ପ୍ରତିଷ୍ଠା ପାଇଁ ସ୍ଥାନୀୟ ଲୋକମାନେ ଚାଷଜମି ଓ ବାସଭୂମି ହରାଇଥିବା ବେଳେ କମ୍ପାନୀ ବିରୋଧରେ ଜଙ୍ଗଲ ଜମି ଦଖଲ, ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତିରେ ଅବହେଳା ଏବଂ ଅନ୍ୟାନ୍ୟ ଅନିୟମିତତା ସମ୍ପର୍କିତ ଅଭିଯୋଗ ପୂର୍ବରୁ ମଧ ଉଠିଆସିଛି । ବେଆଇନ ଗଭୀର ନଳକୂପ ମାଧ୍ୟମରେ ଭୂତଳ ଜଳର ଅତ୍ୟଧିକ ବ୍ୟବହାର ଯୋଗୁଁ ମରାକୁଟା, ଜମେରା ଏବଂ ବ୍ରଜରାଜନଗର ଅଂଚଳରେ ଜଳ ସଙ୍କଟ ଦେଖାଦେଇଥିବା ମଧ ଅଭିଯୋଗରେ ଦର୍ଶାଯାଇଛି । ଏହି ପ୍ରସଙ୍ଗରେ ମରାକୁଟା ସରପଂଚ ଲିଲି ତନ୍ତୀ, ଜିଲ୍ଲା ପରିଷଦ ସଦସ୍ୟ ଦିଗାମ୍ବର ଭୋଇ, ଝରଣା ସାଗର, କାଉନ୍ସିଲର ଦ୍ରୌପଦୀ ମେହେର, ସତ୍ୟପ୍ରକାଶ ସାହୁ, ଟିକେଶ୍ୱରୀ ପ୍ରଧାନ, କ୍ଷମାଶୀଳ ସାହୁ, ନୃପଲାଲ ମେହେର ଏବଂ ରାଜକୁମାର ବୁଢ଼ା ପ୍ରମୁଖ ସରକାରୀ ଅଧିକାରୀଙ୍କ ଭୂମିକାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ଦାବିପତ୍ରରେ ଆଗାମୀ ସାତ ଦିନ ମଧ୍ୟରେ କମିଟି ସଦସ୍ୟମାନଙ୍କ ଉପସ୍ଥିତିରେ ସ୍ୱଚ୍ଛ ଓ ନିରପେକ୍ଷ ମିଳିତ ଅନୁଧ୍ୟାନ କରାଯିବାକୁ ଦାବି କରାଯାଇଛି । ଏହା ନହେଲେ ଝାରସୁଗୁଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳୀନ ଗଣଧାରଣା ଆରମ୍ଭ କରାଯିବ ବୋଲି କମିଟି ପକ୍ଷରୁ ସତର୍କ କରାଯାଇଛି ।

# ବିକଶିତ ଓଡ଼ିଶା ଗଠନରେ ଚାର୍ଟାର୍ଡ ଆକାଉଂଟାଂଟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ

ଭୁବନେଶ୍ୱର, ୭/୦୬ (ନି.ପ୍ର): ରାଜ୍ୟର ଆର୍ଥିକ ବିକାଶ, ଆର୍ଥିକ ସ୍ୱଚ୍ଛତା ଓ ନୂତନ ପ୍ରଯୁକ୍ତିଭିତ୍ତିକ ଅର୍ଥନୀତିକୁ ସୁଦୃଢ଼ କରିବାରେ ଚାର୍ଟାର୍ଡ ଆକାଉଂଟାଂଟମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ କହିଛନ୍ତି । ଭୁବନେଶ୍ୱରରେ ଦି ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଂଟାଂଟସ୍ ଅଫ୍ ଇଣ୍ଡିଆ ର କଟକ ଶାଖା ପକ୍ଷରୁ ଆୟୋଜିତ 'ନ୍ୟାସନାଲ୍ ସିଏ କନଫରେନ୍ସ-୨୦୨୬' ରେ ଯୋଗଦେଇ ସେ ଅର୍ଥନୀତି, ଆକାଉଂଟିଂ ଓ ଆର୍ଥିକ ପ୍ରଗତି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ମତବିନିମୟ କରିଥିଲେ । ସମ୍ମିଳନୀକୁ ସମ୍ବୋଧିତ କରି ଡା. ମହାଲିଙ୍ଗ କହିଥିଲେ ଯେ, ଏଭଳି ଜାତୀୟସ୍ତରୀୟ ଆଲୋଚନା ମଂଚ ବର୍ତ୍ତମାନ ସମୟରେ ଅତ୍ୟନ୍ତ ଆବଶ୍ୟକ । ଏହା ଦେଶ ଓ ରାଜ୍ୟର ଆର୍ଥିକ ଉନ୍ନତି ସହ ନୂତନ ଚିନ୍ତାଧାରା ଏବଂ ନୀତି ନିର୍ମାଣକୁ ପ୍ରୋତ୍ସାହନ ଦେବ ବୋଲି ସେ ମତ ପ୍ରକାଶ କରିଥିଲେ । ସେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ବିକାଶର ନୂତନ ଉଚ୍ଚତାକୁ ସ୍ପର୍ଶ କରୁଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ମଧ ଦ୍ରୁତ ଅଗ୍ରଗତିର ପଥରେ ଆଗେଇ ଚାଲିଛି । ସେ ଆହୁରି କହିଥିଲେ ଯେ, ରାଜ୍ୟରେ କାର୍ବନ କ୍ରେଡିଟ୍ କନସେପ୍ଟ' ର ପ୍ରଭାବୀ ବ୍ୟବହାର ସହ 'ବିକଶିତ ଭାରତ-୨୦୪୭' ଏବଂ 'ବିକଶିତ ଓଡ଼ିଶା'ର ଲକ୍ଷ୍ୟ ପୂରଣରେ ଚାର୍ଟାର୍ଡ ଆକାଉଂଟାଂଟମାନେ ନିଜ ଜ୍ଞାନ ଓ ଦକ୍ଷତାକୁ ସମର୍ପିତ କରିବା ଆବଶ୍ୟକ । ସମ୍ମିଳନୀରେ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଚାର୍ଟାର୍ଡ ଆକାଉଂଟାଂଟ, ଆର୍ଥିକ ବିଶେଷଜ୍ଞ ଓ ବୃତ୍ତିଗତ ବ୍ୟକ୍ତିବିଶେଷମାନେ ଅଂଶଗ୍ରହଣ କରିଥିଲେ ।

# ଧାମରାରେ ପ୍ରକୃତି ମିତ୍ର ଶରତଙ୍କ ଦ୍ୱାରା ବିଶ୍ୱ ପରିବେଶ ଦିବସ ପାଳିତ

ଭଦ୍ରକ, ୭/୦୬ (ନି.ପ୍ର):ପ୍ରତିବର୍ଷ ଜୁନ ୫ତାରିଖରେ ପରିବେଶ ସୁରକ୍ଷା ଓ ପ୍ରକୃତିକୁ ସବୁଜିମା ରଖିବା ଏବଂ ସଚେତନତା ସୃଷ୍ଟି କରିବା ପାଇଁ ଏହି ବିଶ୍ୱ ପରିବେଶ ଦିବସ ପାଳିତ ହୋଇ ଆସୁଛି । ଚଳିତ ବର୍ଷ ଏହି ବିଶ୍ୱ ପରିବେଶ ଦିବସ ଅବସରରେ ପ୍ରକୃତି ମିତ୍ର ଏବଂ ପ୍ରକୃତି ବନ୍ଧୁ ପୁରସ୍କାର ରେ ପୁରସ୍କୃତ ଶରତ ଦଳେଇ ଚାନ୍ଦବାଲି ତହସିଲ ଅଫିସ ପ୍ରାଙ୍ଗଣ ଏବଂ ଧାମରା ଆର ଆଇ ଅଫିସ ପରିସରରେ ବୃକ୍ଷ ରୋପଣ କରି ସାଧାରଣ ଜନତାଙ୍କ ମଧ୍ୟରେ ପରିବେଶକୁ ସନ୍ତୁଳିତ କରିବାର ଆହ୍ୱାନ ଦେଇ ସେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ସଂପାଦିତ କରିଥିଲେ ।

# ଚିତ୍ରା

# ଧ୍ୱନି ପ୍ରତିଧ୍ୱନି



## ଉଚ୍ଚତା ଅନୁସାରେ ଆପଣଙ୍କ ଓଜନ କେତେ ରହିବା ଆବଶ୍ୟକ ?

ଶରୀରରେ ଉଚ୍ଚତା ଏବଂ ଓଜନ ଏକ ଶକ୍ତିଶାଳୀ ସମ୍ପର୍କ ବହନ କରେ । ଯେତେବେଳେ ଉଭୟଙ୍କ ମଧ୍ୟରେ ସନ୍ତୁଳନ ବିଗିଡ଼ି ଯାଏ ତାହା ଶରୀରରେ ଦେଖାଦେଇଥାଏ । ହରମୋନରେ ସାମାନ୍ୟ ଅସମାନତା ଦେଖା ଦେଲେ ଆମ ଶରୀରର ଓଜନ ବଢ଼ିବା କିମ୍ବା କମିବାର ଲକ୍ଷ୍ୟ କରିଥିବେ । ମାତ୍ର ଏକ ନିର୍ଦ୍ଦିଷ୍ଟ ଉଚ୍ଚତା ପାଇଁ ଏକ ସୁସ୍ଥ ଓଜନ ପରିସର ଜାଣିବା ଉଚିତ । ଏହା ଜାଣିବା ପାଇଁ ବିଜ୍ଞାନ ଏକ ଉପଯୁକ୍ତ ଉପାୟ ପ୍ରଦାନ କରେ । ଏଯାବତ୍ କୌଣସ ଏକକ ସଂପୂର୍ଣ୍ଣ ସଂଖ୍ୟା ନାହିଁ । ମାତ୍ର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏହା ବଦଳରେ ଏକ ପରିସର ବ୍ୟବହାର କରନ୍ତି । ଏହି ପରିସର ବଡି ମାସ ଇଣ୍ଡେକ୍ସ ବା ଇଗଓ ରୁ ଆସିଥାଏ, ଯାହା ଓଜନକୁ ଉଚ୍ଚତା ସହିତ ତୁଳନା କରିଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ୧୮.୫ ଏବଂ ୨୪.୯ ମଧ୍ୟରେ ଇଗଓ ଦୀର୍ଘକାଳୀନ ରୋଗର ସର୍ବନିମ୍ନ ବିପଦ ସହିତ ଜଡିତ । ଏହି ପରିସର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟର ପ୍ରତିଶ୍ରୁତି ଦିଏ ନାହିଁ, କିନ୍ତୁ ଏହା ହୃଦରୋଗ ଏବଂ ଟାଇପ୍ ୨ ମଧୁମେହ ଭଳି ସମସ୍ୟାର ସମ୍ଭାବନାକୁ ହ୍ରାସ କରେ ।

ଉଚ୍ଚତା ହିସାବରେ ଶରୀରର ଓଜନ କଣ ରହିବା ଉଚିତ୍ ;

୫''୦'' (୧୫୨ସେମି): ୪୩-୫୭କେଜି
୫''୨''(୧୫୭ସେମି):୪୬-୬୦କେଜି
୫''୪'' (୧୬୩ସେମି):୪୯-୬୪କେଜି
୫''୬''(୧୬୮ସେମି) : ୫୨-୬୭କେଜି
୫''୮''(୧୭୩ସେମି): ୫୬-୭୨କେଜି
୫''୧୦'' (୧୭୮ସେମି) : ୫୯-୭୬କେଜି

ଏହି ସଂଖ୍ୟାଗୁଡ଼ିକ ଆମେରିକାର ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଦ୍ୱାରା ବ୍ୟବହୃତ BMI ଗଣନାରୁ ଆସିଛି । ଏଗୁଡ଼ିକ ଜନସଂଖ୍ୟା-ସ୍ତରୀୟ ସ୍ୱାସ୍ଥ୍ୟ ଧାରା ବର୍ଣ୍ଣନା କରନ୍ତି, ବ୍ୟକ୍ତିଗତ କୌଣସି ମୂଲ୍ୟ ନୁହେଁ । କମ୍ ଓଜନ ମଧ୍ୟ ଏପରି ବିପଦ ବହନ କରେ ଯାହା ପ୍ରତି କମ୍ ଧ୍ୟାନ ଦିଆଯାଏ । ହାଡ଼ର ଶକ୍ତି ହ୍ରାସ ପାଇପାରେ, ଯାହା ଦ୍ୱାରା ଫ୍ରାକ୍ଚର ବିପଦ ବଢ଼ିପାରେ । ଆଇରନ୍ ଏବଂ ଭିଟାମିନର ସ୍ତର ହ୍ରାସ ପାଇପାରେ, ଯାହା ଫଳରେ ଥକ୍କାପଣ ଏବଂ କେଶ ପତଳା ହୋଇପାରେ । ମହିଳାମାନଙ୍କ କ୍ଷେତ୍ରରେ, ବହୁତ କମ୍ ଓଜନ ମାସିକ ଋତୁଚକ୍ରକୁ ବାଧା ଦେଇପାରେ । ସ୍ୱାସ୍ଥ୍ୟ ହାଲୁକା ହେବା ବିଷୟରେ ନୁହେଁ ଆମ ଶରୀରର ଓଜନ ମାପକାଠି ଆମକି ଜଣାପଡ଼ିଥାଏ । ଏକ ଶକ୍ତି-ପ୍ରଶିକ୍ଷିତ ଶରୀର ଅଧିକ ଓଜନ ହୋଇପାରେ ଏବଂ ସୁସ୍ଥ ରହିପାରେ । ବୟସ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ୪୦ ବର୍ଷ ପରେ, ମାଂସପେଶୀ ହ୍ରାସ ଓଜନକୁ ପରିବର୍ତ୍ତନ କରିପାରିବ ।



## ଚକ୍ଷୁ ପାଇଁ ଯୋଗ

ଆଖି ପାଇଁ ରହିଛି ବିଭିନ୍ନ ପ୍ରକାର ଯୋଗ ଏବଂ ବ୍ୟାୟାମ । ଏହା ନିୟମିତ କରିବା ଦ୍ୱାରା ଦୃଷ୍ଟିଶକ୍ତି ଭଲ ରହେ । ଏହାଦ୍ୱାରା ଆଖିପତା ଓ ଚକ୍ଷୁର ବାହାର ମାଂସପେଶୀକୁ ଅଧିକ ମାତ୍ରାରେ ରକ୍ତ ସଂଚାଳନ ହୋଇଥାଏ ।

**ଶୀର୍ଷାସନ:** ମୁଣ୍ଡ ତଳକୁ କରି ଗୋଡ ଉପରକୁ କରିବା ସହ ଏହି ଆସନ କରାଯାଇଥାଏ । ଏହାଦ୍ୱାରା ଚକ୍ଷୁ ଭିତରକୁ ରକ୍ତ ସଂଚାଳନ ହୁଏ । ଯାହାକି ଅନ୍ୟାନ୍ୟ ଉପଯୋଗିତା ସହ ଚକ୍ଷୁକୁ ସୁସ୍ଥ ରଖେ । ଏହା ଯୁବାବସ୍ଥାରେ କରିବା ଭଲ । ଉଚ୍ଚ ରକ୍ତଚାପ ଭୋଗୁଥିବା ରୋଗୀ ଓ ବାର୍ଦ୍ଧକ୍ୟ ଅବସ୍ଥାରେ ଏହି ଆସନ କରିବା ଅନୁଚିତ । ଏହାଦ୍ୱାରା ଚକ୍ଷୁ ଭିତର ଦୁର୍ବଳ ଶିରାପ୍ରଶିରାରୁ ରକ୍ତସ୍ରାବ ହେବାର ସମ୍ଭାବନା ଥାଏ ।

**ବଜ୍ରାସନ:** ବଜ୍ରାସନ ଦୃଷ୍ଟିଶକ୍ତିରେ ସୁସ୍ଥତା ଆଣିଥାଏ । ତେବେ ଏହା ଅଧିକ ଲାଭପ୍ରଦ ହୁଏ । ଏହି ଆସନରେ ବସି ମୁହଁକୁ ଖୋଲାକରି ଜିଭକୁ ଆଗକୁ ଆଣନ୍ତୁ ଏବଂ ଉପରକୁ ଚାହାନ୍ତୁ । ୧୦ ସେକେଣ୍ଡ ପରେ ଜିଭକୁ ଭିତରକୁ ନେଇ ମୁହଁ ବନ୍ଦ କରି ଆଖିକୁ ଧୀରେ ବନ୍ଦକରି ୨୦ ସେକେଣ୍ଡ ରଖନ୍ତୁ । ଏହି କ୍ରିୟାକୁ ୫ ରୁ ୬ ଥର କରନ୍ତୁ । ଏହି ଆସନ ବ୍ୟତୀତ ଯୋଗମୁଦ୍ରାସନ, ପଦ୍ମାସନ ଏବଂ ସର୍ବାଙ୍ଗାସନ ଚକ୍ଷୁକୁ ସୁସ୍ଥ ରଖିଥାଏ । ସାକାଳୁ ଉଠି ପାପୁଲି ଘଷି ଆଖିରେ ହାଲକା ସ୍ପର୍ଶ ଦିଅନ୍ତୁ । ପରେ ପରେ ଆଖିରେ ପାଣି ଛାଟନ୍ତୁ । ଏହା ଆଖିକୁ ପରିଷ୍କାର ଏବଂ ସୁସ୍ଥ ରଖେ ।

## ସାବଧାନ ! ଭୋଜନ ପରେ ଖାଉଛନ୍ତି କି ଏହି ସବୁ ଜିନିଷ ?



ପ୍ରତ୍ୟହ ଏମିତି ଖାଦ୍ୟ ଗ୍ରହଣ କରିବା ଉଚିତ ଯାହା ଆମ ଶରୀର ପାଇଁ ଉପଯୋଗୀ। ଅନୁପଯୁକ୍ତ ଖାଦ୍ୟ ବା ହଜମ ନ ହେବା ଖାଦ୍ୟ ଶରୀରରେ ଅନେକ ସମସ୍ୟା ଦେଖାଦେଇପାରେ। ସେଥିପାଇଁ ଖାଦ୍ୟ ଖାଇବା ଯେତିକି ଆବଶ୍ୟକ ହୋଇଥାଏ ଖାଦ୍ୟର ସଠିକ୍ ମାତ୍ରା ଗ୍ରହଣ କରିବା ମଧ୍ୟ ସେତିକି ଜରୁରୀ ହୋଇଥାଏ। ଖାଦ୍ୟ ଗ୍ରହଣ ନେଇ ସଚେତନ ହେବା ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଆସନ୍ତୁ ଜାଣିବା ଖାଇବା ପୂର୍ବରୁ ଏବଂ ଖାଇବା ପରେ କଣ କଣ ସବୁ ଖାଦ୍ୟ ଗ୍ରହଣ କରିବା ଉଚିତ। ଖାଦ୍ୟ ସମ୍ବନ୍ଧରେ ଅନେକ ଲୋକଙ୍କର ଏକ ଅଭ୍ୟାସ ପ୍ରଣାଳୀ ରହିଛି, କିନ୍ତୁ ବର୍ତ୍ତମାନ ସେହି ଅସ୍ୱାସ୍ଥ୍ୟକର ଅଭ୍ୟାସକୁ ଅଣଦେଖା କରିବାର ଉପଯୁକ୍ତ ସମୟ ଅଟେ। ଭୋଜନ ପରେ ତୁରନ୍ତ ଗାଧାନ୍ତୁ ନାହିଁ: ବିଶେଷଜ୍ଞଙ୍କ କହିବା ମୁତାବକ ଭୋଜନ ପରେ ତୁରନ୍ତ ଗାଧାନ୍ତୁ ନାହିଁ। କାରଣ ସେହି ସମୟରେ ରକ୍ତ ଖାଦ୍ୟକୁ ପାକସ୍ଥଳୀ ଚାରିପାଖରେ ରହି ହଜମ କରିବାରେ ସାହାଯ୍ୟ କରେ ଏବଂ ଯେତେବେଳେ ଆପଣ ଗାଧୋଇଥାନ୍ତି ଏହାଦ୍ୱାରା ଶରୀରର ତାପମାତ୍ରାରେ ପରିବର୍ତ୍ତନ ଆସିଥାଏ। ଶରୀରକୁ ମୂଳ ତାପମାତ୍ରାକୁ ଫେରାଇ ଆଣିବା ପାଇଁ ରକ୍ତ ପେଟ ପାକସ୍ଥଳୀରୁ ଚର୍ମ ପୃଷ୍ଠକୁ ଚାଲିଆସିଥାଏ ଏବଂ ହଜମ ପ୍ରକ୍ରିୟା ଦୁର୍ବଳ ହୋଇଯାଏ।ଝ ବ୍ୟାୟାମରୁ ଦୂରେଇ ରୁହନ୍ତୁ: ଭୋଜନ ପରେ ଜୋରଦାର ବ୍ୟାୟାମ ହଜମ ପ୍ରକ୍ରିୟାକୁ ବାଧା ଦେଇପାର। ଏହା ବାନ୍ତି, ପେଟ / ପେଟ ଯନ୍ତ୍ରଣା ଦେଇପାରେ ଭଳି ସମସ୍ୟା ସୃଷ୍ଟି କରିପାରେ। ଶୋଇବାଠାରୁ ଦୂରେଇ ରୁହନ୍ତୁ: ଭୋଜନ ପରେ ଶୋଇବାର ଇଚ୍ଛା ଏକ ସାଧାରଣ କଥା। ଏହା ହଜମକାରୀ ରସକୁ ବୃଦ୍ଧି କରାଇଥାଏ। ଯାହାଦ୍ୱାରା ହୃଦଘାତ ଭଳି ସମସ୍ୟା ଉପୁଜିପାରେ।ଝ ଖାଇବା ପରେ ପ୍ରଚୁର ପାଣି ପିଅନ୍ତୁ ନାହିଁ: ଖାଇବା ପରେ ପ୍ରଚୁର ପାଣି ପିଅନ୍ତୁ ନାହିଁ। ଏହା ହଜମ ପ୍ରକ୍ରିୟାକୁ ମନ୍ଥର କରିଥାଏ। ଅଧିକ ପାଣି ପିଇବା ଦ୍ୱାରା ପେଟରେ ଏସିଡ୍ ହ୍ରାସ ପାଇଥାଏ ଏବଂ ହଜମ ପ୍ରକ୍ରିୟାକୁ ଖରାପ କରିଥାଏ ।ଝ ଖାଇବା ପରେ ଫଳ ଖାଇବା ଠାରୁ ଦୂରେଇ ରୁହନ୍ତୁ: ଖାଇବା ପରେ ଫଳ ଖାଇବା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇପାରେ। କାରଣ ଏହା ଫଳରୁ ପୋଷକ ତତ୍ତ୍ୱର ଅବଶୋଷଣକୁ ହ୍ରାସ କରିପାରେ ।

## ଚେହେରାରେ କରନ୍ତୁ ନନ୍ ସର୍ଜିକାଲ୍ ଫେସିଆଲ : ଜାଣନ୍ତୁ ଏହାର ପଦ୍ଧତି ...

ଆଧୁନିକ ଜୀବନଶୈଳୀରେ ସୁନ୍ଦର ଓ ଯୁବ ଚର୍ମ ପାଇଁ ଲୋକମାନେ ବିଭିନ୍ନ ବ୍ୟୁଟି ଟ୍ରିଟମେଣ୍ଟ ଦିଗରେ ଆକୃଷ୍ଟ ହେଉଛନ୍ତି। ସେଥିରେ ରେଡିଓ ଫ୍ରିକ୍ୱେନ୍ସି ଫେସିଆଲ ଏକ ନୂତନ ଓ ପ୍ରଭାବଶାଳୀ ପଦ୍ଧତି ଭାବେ ପରିଚିତ ହୋଇଛି । ସର୍ଜରି ବିନା ଚର୍ମକୁ ଟାଇଟ୍ କରିବା, ଚର୍ବି କମାଇବା ଓ ପ୍ରାକୃତିକ ଉଜ୍ଜ୍ୱଳ ଫେରାଇବାରେ ଏହା ବିଶେଷ ଭୂମିକା ଗ୍ରହଣ କରିଛି । ତେଣୁ ଆଜିର ଯୁଗରେ ଏହି ଚିକିତ୍ସା ମଧ୍ୟ ବହୁତ ଲୋକପ୍ରିୟ ହୋଇପାରିଛି । ଏହି ଫେସିଆଲ ସମ୍ପର୍କରେ ସୌନ୍ଦର୍ଯ୍ୟ ବିଶାରଦ ଡା. ଦେବୀ ପୁଷ୍ପା ମହାନ୍ତି କହନ୍ତି, ରେଡିଓ ଫ୍ରିକ୍ୱେନ୍ସି ଫେସିଆଲ ହେଉଛି ଏକ ନନ୍-ସର୍ଜିକାଲ ପ୍ରକ୍ରିୟା, ଯାହାର ଉଚ୍ଚ ତରଙ୍ଗ ଶକ୍ତି ଦ୍ୱାରା ଚର୍ମର ଗଭୀର ସ୍ତରକୁ ଉତ୍ତାପ ପହଞ୍ଚାଏ। ଏହି ଉତ୍ତାପ କୋଲାଜେନ୍ ଉତ୍ପାଦନକୁ ବଢ଼ାଇ ଚର୍ମକୁ ଟାଇଟ୍ ଓ ନରମ କରିଥାଏ। ଫଳସ୍ୱରୂପ ଚର୍ମ ଅଧିକ ଯୁବ, ଆକର୍ଷଣୀୟ ଓ ପତଳା ଦେଖାଯାଏ। ଏହି ଟ୍ରିଟମେଣ୍ଟର ପ୍ରମୁଖ ଲାଭ ହେଉଛି ମୁଖର ଚର୍ବି କମେଇବା ସହ ମୁହଁରେ ନୂତନ ଉଜ୍ଜ୍ୱଳତା ଆଣିଥାଏ। ଏହା ସହିତ ପୋର୍ସ ହ୍ରାସ କରେ ଓ ଫେସ୍‌ରେ ଲିଫ୍ଟିଂ ଏଫେକ୍ଟ ମିଳେ।

ବିଶେଷକରି ୨୦ ବର୍ଷ ବୟସ ପରେ ଏହି ଚିକିତ୍ସା କରିବା ଚର୍ମ ଯତ୍ନ ପାଇଁ ଅଧିକ ଉପଯୋଗୀ ହୋଇଥାଏ। ପ୍ରକ୍ରିୟା ଦୃଷ୍ଟିରୁ ଦେଖିଲେ, ପ୍ରଥମେ ଚର୍ମକୁ ସଫା କରାଯାଏ, ପରେ ଏକ ବିଶେଷ ଜେଲ୍ ଲଗାଯାଇ ଆରଏଫ୍ ଡିଭାଇସ୍ ଦ୍ୱାରା ହଲୁକ ମାସାଜ୍ କରାଯାଏ। ପୂରା ପ୍ରକ୍ରିୟା ପ୍ରାୟ ୩୦ ରୁ ୪୫ ମିନିଟ୍ ମଧ୍ୟରେ ସମାପ୍ତ ହୁଏ ଓ ଏହା ବେଶୀ କଷ୍ଟ ଅନୁଭବ ହୁଏନାହିଁ। ଯଦିଓ ଏହା ସୁରକ୍ଷିତ ଚିକିତ୍ସା, ମାତ୍ର କେତେକ ମାମଲାରେ ମୁଖ ହାଲୁକା ଲାଲ ହେବା ବା ତାପ ଅନୁଭବ ହୋଇପାରେ। ଯାହା କିଛି ସମୟରେ ଠିକ୍ ହୋଇଯାଏ। ଏହି ଚିକିତ୍ସାରେ କେତୋଟି ପର୍ଯ୍ୟାୟ ପରେ ତ୍ୱଚାରେ ପରିବର୍ତ୍ତନ ଦେଖାଯାଏ। ଏହି ଫେସିଆଲ ପରେ ୨୪ ଘଣ୍ଟା ପର୍ଯ୍ୟନ୍ତ ଖରାକୁ ଯିବେ ନାହିଁ। ଏହାସହ ସର୍ବଦା ମୁହଁରେ ସନ୍ ?ସ୍କ୍ରନ୍ ? ଓ ମଇଶ୍ଚରାଇଜର ଲଗାନ୍ତୁ। ଆରଏଫ୍ ଚିକିତ୍ସା ର ଭଲ ଫଳାଫଳ ପାଇଁ ପୁଷ୍ଟିକର ଖାଦ୍ୟପେୟ, ନିୟମିତ ବ୍ୟାୟମ କରନ୍ତୁ। ଏହାସହ ଜଙ୍କ୍ ଫୁଡ୍, ମଦ୍ୟପାନ ଓ ଧୂମପାନ ଠାରୁ ଦୂରେଇ ରହିବା ଦରକାର। ଏହି ଟ୍ରିଟମେଣ୍ଟ କରାଇବା ପୂର୍ବରୁ ଜଣେ ପ୍ରଶିକ୍ଷିତ ବ୍ୟୁଟି ଏକ୍ସପର୍ଟ ବା ଡାକ୍ତରଙ୍କ ପରାମର୍ଶ ନେବା ଉଚିତ।



## ଦମ୍ପତିଙ୍କ ସ୍ମୃତିଶକ୍ତି ବଢ଼ାଏ ଭଲ ପାଇବା

ଭଲପାଇବା ଦମ୍ପତିଙ୍କ ମାନସିକ ସ୍ଥିତି ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ । ଏହା ଯୋଗୁ ଦମ୍ପତିଙ୍କ ସ୍ମୃତିଶକ୍ତି ବଢ଼ିଥାଏ । ଏ ନେଇ ୱାଶିଂଟନ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି । ପୁରୁଷମାନଙ୍କ ତୁଳନାରେ ମହିଳାଙ୍କ କ୍ଷେତ୍ରରେ ଏଭଳି ଆଚରଣ ଅଧିକ ଦେଖାଯାଏ । ଦାମ୍ପତ୍ୟ ଜୀବନରେ ନିବିଡ଼ ଭଲ ପାଇବା ଯୋଗୁ ମାନସିକ ସ୍ଥିତିରେ ସନ୍ତୁଳନ ସୃଷ୍ଟି ହୁଏ । ଦମ୍ପତି ପରସ୍ପର ବିଷୟରେ ଚିନ୍ତା କରିବା ଛଡ଼ା ଅନ୍ୟ ବାହାର ସମସ୍ୟା ଉପରେ ପ୍ରାୟତଃ ଧ୍ୟାନ ଦେଇ ନଥାନ୍ତି । ଏହା ଯୋଗୁ ମସ୍ତିଷ୍କର ମନେ ରଖିବା ଶକ୍ତି ବଢ଼େ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ତେଣୁ ହଠାତ୍ କୌଣସି ସମସ୍ୟାରେ ପଡ଼ିଲେ ଏହାକୁ ଦମ୍ପତି ସାହସର ସହିତ ମୁକାବିଲା କରିଥାନ୍ତି । ତେବେ ଦାମ୍ପତ୍ୟ ଜୀବନରେ ମନୋମାଳିନ୍ୟ ହେଲେ ମାନସିକ ସ୍ଥିତି ବିଗିଡ଼ି ଯାଇଥାଏ ବୋଲି ଏହି ରିପୋର୍ଟରେ ସୂଚିତ ହୋଇଛି ।

## ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି

ଅଣ୍ଟାବ୍ୟଥା ଏବେ ପ୍ରାୟ ପ୍ରତ୍ୟେକଙ୍କୁ ଆକ୍ରାନ୍ତ କରୁଥିବା ବେଳେ ଏହାର ମୁଖ୍ୟତଃ ଦୁଇଟି କାରଣ ରହିଛି । ଆଗକୁ ନଇଁ ଭାରି ଜିନିଷ ଉଠାଉଥିବା ବେଳେ ମେରୁଦଣ୍ଡ ଦୁଇପାଖରେ ସକଅବଜର୍ଭର ଭାବେ କାମ କରୁଥିବା ଡିସ୍କ ଖସିଯାଏ । ଏହାକୁ କହନ୍ତି ସ୍ଲିପ୍ ଡିସ୍କ । ଅନ୍ୟ ଏକ ସମସ୍ୟାରେ ବୟସ ବଢ଼ିଲେ ମେରୁଦଣ୍ଡ କେନାଲର ବ୍ୟାସାର୍ଦ୍ଧ, ଧୀରେଧୀରେ କମିଯାଏ ଓ ସୁଷୁମ୍ନାକାଣ୍ଡକୁ ଚାପିଦିଏ । ଏହାଦ୍ୱାରା ସିଆଟିକ୍ ସ୍ନାୟୁ ଉପରେ ଚାପ ଆସି ଅଣ୍ଟାକୁ ଚାପିଦିଏ । ଏହାଦ୍ୱାରା ସିଆଟିକ୍ ସ୍ନାୟୁ ଉପରେ ଚାପ ଆସି ଅଣ୍ଟାରୁ ଗୋଡ଼ ପର୍ଯ୍ୟନ୍ତ ବିନ୍ଧେ । ଗୋଡ଼ ଝିମଝିମ ହୋଇ କାଲୁଆ ପଡ଼ିଯାଏ । ଚାଲିଲାବେଳେ ଗୋଡ଼ ବାନ୍ଧିରଖେ ଓ ଚାଲିବାର ଦୂରତା କମିଆସେ । ବେଳେବେଳେ ମଳମୂତ୍ର ତ୍ୟାଗର ବେଗ ଉପରେ ନିୟନ୍ତ୍ରଣ ରହେନାହିଁ । ଏହାକୁ ସିଆଟିକା ମଧ୍ୟ କହନ୍ତି । ଏବେ ଏସବୁ ସମସ୍ୟାର ଚିକିତ୍ସା ଅତ୍ୟାଧୁନିକ ଏଣ୍ଡୋସ୍ପାଇନ ସାହାଯ୍ୟରେ କରାଯାଇପାରୁଛି । ଏଥିରେ ଅସ୍ତ୍ରୋପଚାରୀ କରାଗଲେ ମଧ୍ୟ ଷ୍ଟିଚ ଦରକାର ହୁଏନି । ଏହି ଅସ୍ତ୍ରୋପଚାର ବେଳେ ଏକ ସେଣ୍ଟିମିଟର ବ୍ୟାସାର୍ଦ୍ଧର ଛୋଟ କଣା କରାଯାଏ । ୨୫ମିନଟ୍ ମଧ୍ୟରେ ଅସ୍ତ୍ରୋପଚାର ବେଳେ ଏକ ସେଣ୍ଟିମିଟର ବ୍ୟାସାର୍ଦ୍ଧର ଛୋଟ କଣା କରାଯାଏ । ୨୫ମିନିଟ୍ ମଧ୍ୟରେ ଅସ୍ତ୍ରୋପଚାର ଶେଷ ହେବା ସହ ମାତ୍ର ୧୦ମିଲି ରକ୍ତ କ୍ଷୟ ହୁଏ । ଅସ୍ତ୍ରୋପଚାରର ଦୁଇଘଣ୍ଟା ପରେ ରୋଗୀ ଚାଲିପାରେ । ହସପିଟାଲରେ ଦୁଇ ଦିନ ରହିବାକୁ ପଡ଼େ ଏବଂ ସାତଦିନ ମଧ୍ୟରେ ରୋଗୀ କାମରେ ଯୋଗଦେଇପାରନ୍ତି । ଏହି ଅସ୍ତ୍ରୋପଚାର ସମୟରେ ସୁଷୁମ୍ନାକାଣ୍ଡରୁ ବାହାରିଥିବା ସ୍ନାୟକୁ ଅଲଗା କରି ରଖିବା ଲାଗି ସ୍ୱତନ୍ତ୍ର ଭାବେ ଏକ ଯନ୍ତ୍ର ରହିଛି । ଏହା ଏକ ଅତି ସୂକ୍ଷ୍ମ ଟେଲିସ୍କୋପିକ ଯନ୍ତ୍ର ଭଳି ଆଗରୁ ଅସ୍ତ୍ରୋପଚାର ବେଳେ କେତେକ କ୍ଷେତ୍ରରେ ରକ୍ତମାଂସ ମଝିରେ ରହିଥିବା ସରୁସ୍ନାୟୁ କାଟି ହୋଇଯାଉଥିଲା । ଫଳରେ ରୋଗୀଙ୍କ ପାଦ ଝୁଲିପଡ଼େ ,ବଂ ପରାଲିସିସ୍ ହେବାର ଆଶଙ୍କା ଦେଖାଯାଏ । ଏହାକୁ ଫୁଟ୍‌ଡ୍ରପ୍ ବୋଲି କହଂନ୍ତି ଏବେ ଅତ୍ୟାଧୁନିକ ଯନ୍ତ୍ରରେ ଅସ୍ତ୍ରେପଚାର ଦ୍ୱାରା ଏହି ଆଶଙ୍କା ଏଡାଯାଇପାରିଛି । ଏଥିସହିତ ସେଣ୍ଟ୍ରାଲଡିସ୍କ ପାରାସେଣ୍ଟ୍ରାଲ ହିସ୍କ ଲାଟେଳାଲ ଡିସ୍କ, ଫାରାଲାଟେରାଲ ଡିସ୍କ ଏବଂ ଫୋରାମିନାଲ ଡିସ୍କ ଆଦି ରୋଗ ସହଜରେ ଚିକିତ୍ସା କରାଯାଇପାରୁଛି । ଏହି ଯନ୍ତ୍ର ଦ୍ୱାରା ବାମ ପାଖରେ ପଶି ଡାହାଣ ପାଖକୁ ଭିତରେ ଭିତରେ ଯାଇ ଲାମିନା ବା ଫେସେଟ୍ ବୟସଜନିତ ହାଡ଼ର ଅଧିକ ବୃଦ୍ଧି ହାଇପରଟ୍ରଫ୍ ଲିଗାମେଣ୍ଟକୁ ମଧ୍ୟ ସଫା କରିହୁଏ । ଏହି ଅସ୍ତ୍ରୋପଚାର ସାଧାରଣ ଅସ୍ତ୍ରୋପଚାରଠାରୁ କମ ସମୟ ଓ କମ ଖର୍ଚ୍ଚରେ ହୋଇଥାଏ ।





## ପ୍ରତିଦିନ ପିଅନ୍ତୁ ଧନିଆ ପାଣି: ଓଜନ ହ୍ରାସ ସହ କମିବ ଥାଇରଏଡ୍



ପ୍ରତିଦିନ ସକାଳେ ଧନିଆ ପାଣି ପିଇବା ଦ୍ୱାରା କେବଳ ଥାଇରଏଡ୍ ଲକ୍ଷଣ କମ୍ ହୁଏ ନାହିଁ ବରଂ ଆପଣଙ୍କ ସ୍ୱାସ୍ଥ୍ୟର ସନ୍ତୁଳନ ମଧ୍ୟ ଠିକ୍ ରହିଥାଏ। ଧନିଆ ପାଣି ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରିଥାଏ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଶରୀରରେ ଫ୍ରି ରେଡିକାଲସ୍‌କୁ ହ୍ରାସ କରିବାରେ ସାହାଯ୍ୟ କରେ।

କେଶ ପାଇଁ ମଧ୍ୟ ଏହା ଉତ୍କୃଷ୍ଟ । ଏଥିରେ ଭିଟାମିନ୍ କେ, ସି ଏବଂ ଏ ଭରପୂର ମାତ୍ରାରେ ରହିଥାଏ। ଏହି ଭିଟାମିନ୍ କେଶକୁ ମଜଭୁତ କରିବା ସହ ବୃଦ୍ଧି କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ପ୍ରତିଦିନ ସକାଳେ ଧନିଆ ପାଣି ପିଇବା ଦ୍ୱାରା ଆପଣଙ୍କ କେଶ ଝଡିବା ଏବଂ ଛିଡିବା ଭଳି ସମସ୍ୟା କମ ହୋଇଥାଏ ।

ଥାଇରଏଡ ଲକ୍ଷଣ ଥିବା ବ୍ୟକ୍ତିଙ୍କ ପାଇଁ ଏହା ରାମବାଣ ସଦୃଶ କାମ କରିଥାଏ ବୋଲି କୁହାଯାଏ। ରିପୋର୍ଟ ଅନୁଯାୟୀ ଥାଇରଏଡ୍ ରୋଗୀଙ୍କ ପାଇଁ ଧନିଆ ଜଳ ବେଶ୍ ଲାଭଦାୟକ ହୋଇଥାଏ। ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ । ଧନିଆରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଫ୍ରି ରେଡିକାଲ୍ସ ହ୍ରାସ କରିଥାଏ ଯାହା ଶରୀରର ଓଜନ ହ୍ରାସ କରିବାରେ ମଧ୍ୟ ସହାୟକ ହୋଇଥାଏ । ଏହାକୁ ପ୍ରସ୍ତୁତ କରିବା ପାଇଁ ଏକ ଚାମଚ ଧନିଆ ମଞ୍ଜିକୁ ପାଣିରେ ୫ ମିନିଟ୍ ଫୁଟାନ୍ତୁ। ପାଣି ଅଧା ହେବା ପର୍ଯ୍ୟନ୍ତ ଏହାକୁ ଫୁଟାନ୍ତୁ। ତା'ପରେ ଏହାକୁ ଛାଣି ପିଅନ୍ତୁ । ସାଧାରଣତଃ ଗର୍ଭବତୀ ମହିଳାମାନେ ଏହି ପାଣିକୁ କମ୍ ପିଇବା ଉଚିତ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି।

# ମଣିପୁରର କରୁଣ ବାସ୍ତବତା

ମଣିପୁରରେ ମେ ୨୦୨୩ ମସିହାରେ ଆରମ୍ଭ ହୋଇଥିବା ଜାତିଗତ ହିଂସାକୁ ତିନି ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା ରାଜ୍ୟରେ ଶାନ୍ତି ଓ ସ୍ୱାଭାବିକ ସ୍ଥିତି ଏପର୍ଯ୍ୟନ୍ତ ଫେରିପାରିନାହିଁ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ନାଗରିକମାନଙ୍କୁ ସୁରକ୍ଷା ପ୍ରଦାନ କରିବା ରାଷ୍ଟ୍ରର ପ୍ରାଥମିକ ଦାୟିତ୍ୱ ହୋଇଥିବା ବେଳେ, ମଣିପୁରର ସାମ୍ପ୍ରତିକ ସ୍ଥିତି ଏହି ଦାୟିତ୍ୱବୋଧ ଉପରେ ଏକ ବଡ଼ ପ୍ରଶ୍ନଚିହ୍ନ ଲଗାଇଛି । ନିକଟରେ ସୂଚନା ଅଧିକାର (ଆରଟିଆଇ) ଆଇନ ବଳରେ ସାମ୍ନାକୁ ଆସିଥିବା ତଥ୍ୟ ରାଜ୍ୟରେ ଜାରି ରହିଥିବା ମାନବିକ ସଙ୍କଟର ଏକ ଭୟାବହ ଏବଂ ହୃଦୟ ବିଦାରକ ଚିତ୍ର ଉପସ୍ଥାପନ କରିଛି । ଲେଖକ ତଥା ରାଜନୈତିକ କର୍ମୀ ହରେଶ୍ୱର ଗୋସ୍ୱାମୀଙ୍କ ଦ୍ୱାରା ଆଗତ ଏକ ଆବେଦନର ଉତ୍ତରରେ ମଣିପୁର ଗୃହ ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ହିଂସା ଆରମ୍ଭ ହେବା ଦିନଠାରୁ ରାଜ୍ୟର ବିଭିନ୍ନ ରିଲିଫ୍ କ୍ୟାମ୍ପ ଏବଂ ଅସ୍ଥାୟୀ ଆବାସଗୁଡ଼ିକରେ ଆଶ୍ରୟ ନେଇଥିବା ଅନ୍ତତଃ ୭୩୧ ଜଣ ବିସ୍ଥାପିତ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି । ଏହା ସହିତ ୪୩,୦୦୦ ରୁ ଅଧିକ ଲୋକ ଆଜି ମଧ୍ୟ ନିଜ ଭିଟାମାଟିରୁ ଦୂରରେ ଶରଣାର୍ଥୀ ଭାବେ ଜୀବନ ବିତାଉଛନ୍ତି । ଏହି ପରିସଂଖ୍ୟାନ କେବଳ କିଛି ସଂଖ୍ୟା ନୁହେଁ, ବରଂ ଏହା ହେଉଛି ପ୍ରଶାସନିକ ଅସହାୟତା, ଦୃଢ଼ ରାଜନୈତିକ ସମାଧାନର ଅଭାବ ଏବଂ ଏକ ବିଖଣ୍ଡିତ ସମାଜର ଜୀବନ୍ତ ପ୍ରମାଣ । ଏକ କଲ୍ୟାଣକାରୀ ରାଷ୍ଟ୍ରରେ ରିଲିଫ୍ କ୍ୟାମ୍ପଗୁଡ଼ିକ ସାଧାରଣତଃ ବିପନ୍ନ ଲୋକଙ୍କ ପାଇଁ ଏକ ସାମୟିକ ଆଶ୍ରୟସ୍ଥଳୀ ହୋଇଥାଏ, କିନ୍ତୁ ମଣିପୁର କ୍ଷେତ୍ରରେ ଏହି କ୍ୟାମ୍ପଗୁଡ଼ିକ ଅନେକଙ୍କ ପାଇଁ ମୃତ୍ୟୁର ପ୍ରତୀକ୍ଷାଳୟ ପାଲଟିଯାଇଛି ।

ଆରଟିଆଇ ରିପୋର୍ଟରୁ ପ୍ରାପ୍ତ ଜିଲ୍ଲାୱାରୀ ତଥ୍ୟକୁ ବିଶ୍ଳେଷଣ କଲେ ସ୍ଥିତିର ଗମ୍ଭୀରତା ଅଧିକ ସ୍ପଷ୍ଟ ହୁଏ । ନଅଟି ଜିଲ୍ଲାରୁ ସଂଗୃହିତ ସରକାରୀ ତଥ୍ୟ ଅନୁଯାୟୀ, ସର୍ବାଧିକ ୨୪୮ ଜଣଙ୍କର ମୃତ୍ୟୁ ଚୁରାଚାନ୍ଦପୁର ଜିଲ୍ଲାରେ ହୋଇଥିବା ବେଳେ ବିଷ୍ଣୁପୁରରେ ୧୫୧, କାଙ୍ଗପୋକପିରେ ୧୨୮, ଇମ୍ଫାଲ ୱେଷ୍ଟରେ ୯୪, କାକଚିଙ୍ଗରେ ୬୦, ଇମ୍ଫାଲ ଇଷ୍ଟରେ ୨୫, ଜିରିବାମରେ ୧୩, ଥୌବଲରେ ୧୧ ଏବଂ ତେଙ୍ଗନୌପାଲରେ ଜଣେ ବିସ୍ଥାପିତଙ୍କର ପ୍ରାଣହାନି ଘଟିଛି । ଉପତ୍ୟକା ଅଞ୍ଚଳରେ ବସବାସ କରୁଥିବା ମୈତେଇ ଏବଂ ପାହାଡ଼ିଆ ଅଞ୍ଚଳରେ ରହୁଥିବା କୁକି-ଜୋ ସମ୍ପ୍ରଦାୟ ମଧ୍ୟରେ ସୃଷ୍ଟି ହୋଇଥିବା ଅବିଶ୍ୱାସ ଏବଂ ହିଂସାର ନିଆଁ ଏତେ ତୀବ୍ର ଥିଲା ଯେ, ଲୋକମାନେ ନିଜର ସର୍ବସ୍ୱ ଛାଡ଼ି କେବଳ ଜୀବନ ବଞ୍ଚାଇବା ପାଇଁ ଏହି ଶିବିରଗୁଡ଼ିକରେ ଆଶ୍ରୟ ନେଇଥିଲେ । କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି, ଯେଉଁ ସୁରକ୍ଷିତ ଆଶ୍ରୟର ଆଶାରେ ସେମାନେ ନିଜ ଘର ଛାଡ଼ିଥିଲେ, ସେହି ଆଶ୍ରୟସ୍ଥଳୀରେ ହିଁ ରୋଗ, ଅବସାଦ ଏବଂ ଅଭାବ କାରଣରୁ ସେମାନଙ୍କୁ ମୃତ୍ୟୁବରଣ କରିବାକୁ ପଡ଼ିଲା । ସରକାରୀ ତଥ୍ୟ ଅନୁଯାୟୀ ନଭେମ୍ବର ୨୦୨୪ ସୁଦ୍ଧା ସିଧାସଳଖ ହିଂସାକାଣ୍ଡରେ ପ୍ରାୟ ୨୫୮ ଜଣଙ୍କର ପ୍ରାଣହାନି ଘଟିଥିଲା । କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି, ହିଂସାରୁ ବର୍ତ୍ତିଯାଇ ଆଶ୍ରୟ ନେଇଥିବା ଲୋକଙ୍କ ମଧ୍ୟରୁ ୭୩୧ ଜଣଙ୍କର ମୃତ୍ୟୁ ରିଲିଫ୍ କ୍ୟାମ୍ପରେ ହୋଇଛି । ଏହା ଦର୍ଶାଉଛି ଯେ ସିଧାସଳଖ ସଂଘର୍ଷ ଅପେକ୍ଷା ବିସ୍ଥାପନର ପରବର୍ତ୍ତୀ ପ୍ରଭାବ ଅଧିକ ଭୟଙ୍କର ଏବଂ ପ୍ରାଣଘାତୀ ସାବ୍ୟସ୍ତ ହୋଇଛି । ଏପ୍ରିଲ ୩୦, ୨୦୨୬ ସୁଦ୍ଧା ମିଳିଥିବା ଆକଳନ ଅନୁଯାୟୀ, କାଙ୍ଗପୋକପି ଜିଲ୍ଲାରେ ସର୍ବାଧିକ ୧୫,୬୯୪ ଜଣ ଲୋକ ଏବେ ବି ବିସ୍ଥାପିତ ଅବସ୍ଥାରେ ଅଛନ୍ତି । ସେହିପରି ବିଷ୍ଣୁପୁରରେ ୧୦,୦୯୨ ଏବଂ ଚୁରାଚାନ୍ଦପୁରରେ ୬,୩୭୫ ଜଣ ଲୋକ ପ୍ରି-ଫ୍ୟାବ୍ରିକେଟେଡ୍ (ଅସ୍ଥାୟୀ) ଆବାସରେ ରହୁଛନ୍ତି । ପୂର୍ବରୁ ମାର୍ଚ୍ଚ ୨୦୨୪ ସୁଦ୍ଧା ପ୍ରାୟ ୫୮,୮୦୦ ରୁ ଅଧିକ ଲୋକ ବିସ୍ଥାପିତ ହୋଇଥିବା ସରକାରୀ ଭାବେ କୁହାଯାଇଥିଲା । ଏଥିରୁ ସ୍ପଷ୍ଟ ଯେ କିଛି ଲୋକ ଅନ୍ୟତ୍ର ସ୍ଥାନାନ୍ତରିତ ହୋଇଥିଲେ ମଧ୍ୟ ଏକ ବଡ଼ ଅଂଶ ଏବେ ବି ଶିବିରରେ ପଡ଼ିରହିଛନ୍ତି । ତିନି ବର୍ଷର ଏକ ଦୀର୍ଘ ସମୟ ଧରି ନିଜ ଘରକୁ ଫେରି ନପାରିବା କେବଳ ଏକ ଭୌଗୋଳିକ ବିସ୍ଥାପନ ନୁହେଁ, ବରଂ ଏହା ଏକ ଗଭୀର ମାନସିକ ଏବଂ ସାମାଜିକ ବିସ୍ଥାପନ ।

ଏହି ସରକାରୀ ତଥ୍ୟରେ ସବୁଠାରୁ ଉଦବେଗଜନକ ଦିଗଟି ହେଉଛି ଶିବିରଗୁଡ଼ିକରେ ଘଟିଥିବା ୨୫ଟି ଅସ୍ୱାଭାବିକ ମୃତ୍ୟୁ । ବୁଡ଼ିଯିବା, ବିଦ୍ୟୁତ୍ ଆଘାତ, ଆତ୍ମହତ୍ୟା, ଡ୍ରଗ୍ସ ଓଭରଡୋଜ୍ (ନିଶାଦ୍ରବ୍ୟର ଅତ୍ୟଧିକ ସେବନ) ଏବଂ ଗୁଳିମାଡ଼ ଭଳି ଘଟଣାରେ ଏହି ଲୋକମାନେ ପ୍ରାଣ ହରାଇଛନ୍ତି । ଉଦାହରଣସ୍ୱରୂପ, ଚୁରାଚାନ୍ଦପୁରରେ ୬ଟି ଅସ୍ୱାଭାବିକ ମୃତ୍ୟୁ ଘଟିଥିବା ବେଳେ ସେଥିରେ ବୁଡ଼ିଯିବା ଏବଂ ଯୌନ ନିର୍ଯାତନା ଭଳି ସାଂଘାତିକ ଅଭିଯୋଗ ମଧ୍ୟ ସାମିଲ ଅଛି । ସେହିପରି ଇମ୍ଫାଲ ୱେଷ୍ଟରେ ୪ଟି ଅସ୍ୱାଭାବିକ ମୃତ୍ୟୁ ମଧ୍ୟରୁ ଦୁଇଟି ଆତ୍ମହତ୍ୟା ଏବଂ ଗୋଟିଏ ନିଶାଦ୍ରବ୍ୟ ସେବନ କାରଣରୁ ହୋଇଛି । ଆତ୍ମହତ୍ୟା ଏବଂ ନିଶାଦ୍ରବ୍ୟ ସେବନ କାରଣରୁ ମୃତ୍ୟୁ ହେବା ଏକ ସ୍ପଷ୍ଟ ସଙ୍କେତ ଦିଏ ଯେ, ବିସ୍ଥାପିତମାନେ କେବଳ ଶାରୀରିକ ସ୍ତରରେ ନୁହେଁ, ବରଂ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି । ନିଜ ଆଖି ସାମ୍ନାରେ ନିଜର ଘରଦ୍ୱାର ଜଳିଯିବାର ଦୃଶ୍ୟ, ନିଜ ପରିଜନଙ୍କୁ ହରାଇବାର ଦୁଃଖ ଏବଂ ଭବିଷ୍ୟତର ଅନିଶ୍ଚିତତା ଲୋକଙ୍କୁ ଘୋର ନୈରାଶ୍ୟ ଆଡ଼କୁ ଠେଲି ଦେଇଛି । ଦୀର୍ଘ ଦିନ ଧରି ଏକ ଛୋଟ ଅସ୍ଥାୟୀ ତମ୍ବୁ କିମ୍ବା ଟିଣ ଘରେ ରହିବା, ରୋଜଗାରର କୌଣସି ପନ୍ଥା ନଥିବା ଏବଂ ପିଲାମାନଙ୍କର ଶିକ୍ଷା ବ୍ୟାହତ ହେବା କାରଣରୁ ଯୁବଗୋଷ୍ଠୀ ମଧ୍ୟରେ ଅବସାଦ ଏବଂ ନିଶାସେବନର ମାତ୍ରା ବୃଦ୍ଧି ପାଇବା ଏକ ସାମାଜିକ ବ୍ୟାଧିରେ ପରିଣତ ହୋଇଛି । ଯଦିଓ ପ୍ରଶାସନ ପକ୍ଷରୁ ବେଳେବେଳେ କୁହାଯାଏ ଯେ କ୍ୟାମ୍ପଗୁଡ଼ିକରେ ସଚେତନତା ଏବଂ କାଉନସେଲିଂ (ପରାମର୍ଶ) କାର୍ଯ୍ୟକ୍ରମ ଚାଲୁ ରହିଛି, ତଥାପି ଏହି ଅସ୍ୱାଭାବିକ ମୃତ୍ୟୁଗୁଡ଼ିକ ପ୍ରମାଣ କରୁଛି ଯେ ସରକାରୀ ପ୍ରୟାସ ପର୍ଯ୍ୟାପ୍ତ ନୁହେଁ କିମ୍ବା ବାସ୍ତବିକ ସମସ୍ୟାର ମୂଳୋତ୍ପାଟନ କରିବାରେ ବିଫଳ ହୋଇଛି ।

ଏହା ବ୍ୟତୀତ, ବିସ୍ଥାପିତ ପରିବାରଗୁଡ଼ିକ ସମ୍ମୁଖୀନ ହେଉଥିବା ସ୍ୱାସ୍ଥ୍ୟଗତ ଆହ୍ୱାନଗୁଡ଼ିକ ମଧ୍ୟ ଅତ୍ୟନ୍ତ ଗମ୍ଭୀର । ଆକଳନ ଅନୁଯାୟୀ, କେବଳ ଇମ୍ଫାଲ ଇଷ୍ଟ ଜିଲ୍ଲାର ଶିବିରଗୁଡ଼ିକରେ ୨୧୭ ଜଣ ବ୍ୟକ୍ତି ଗମ୍ଭୀର କିମ୍ବା ଅସାଧ୍ୟ (ଟର୍ମିନାଲ୍) ରୋଗରେ ପୀଡ଼ିତ ଅଛନ୍ତି । ସେହିପରି ଇମ୍ଫାଲ ୱେଷ୍ଟରେ ୪୧ ଜଣ ଏବଂ ବିଷ୍ଣୁପୁରରେ ୨୬ ଜଣ ରୋଗୀ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରୁଛନ୍ତି । ରିଲିଫ୍ କ୍ୟାମ୍ପଗୁଡ଼ିକରେ ସ୍ୱଚ୍ଛତାର ଅଭାବ, ପୁଷ୍ଟିକର ଖାଦ୍ୟର ଅନୁପଲବ୍ଧତା ଏବଂ ଉପଯୁକ୍ତ ତଥା ଉନ୍ନତମାନର ଚିକିତ୍ସା ସେବାରେ ବିଳମ୍ବ କାରଣରୁ ବୟସ୍କ ଏବଂ ଶିଶୁମାନେ ସବୁଠାରୁ ଅଧିକ ପ୍ରଭାବିତ ହେଉଛନ୍ତି । ଯଦିଓ ପ୍ରଶାସନ ଦାବି କରିପାରେ ଯେ ପ୍ରଭାବିତ ଲୋକଙ୍କୁ ପ୍ରାଥମିକ ଚିକିତ୍ସା ସହାୟତା କିମ୍ବା ଔଷଧ ଯୋଗାଇ ଦିଆଯାଉଛି, କିନ୍ତୁ ଏତେ ବଡ଼ ସଂଖ୍ୟାରେ ମୃତ୍ୟୁ ଏହି ଦାବିର ବାସ୍ତବତା ଉପରେ ପ୍ରଶ୍ନ ଉଠାଉଛି । ଏକ ସୀମିତ ପରିସର ମଧ୍ୟରେ ହଜାର ହଜାର ଲୋକ ଏକାଠି ରହିବା ଦ୍ୱାରା ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ମଧ୍ୟ ସର୍ବଦା ଲାଗି ରହିଥାଏ। ଉପଯୁକ୍ତ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଅଭାବ ଏବଂ ବିଶେଷଜ୍ଞ ଡାକ୍ତରଙ୍କ ନିୟମିତ ଅନୁପସ୍ଥିତି କାରଣରୁ ଅନେକ ସାଧାରଣ ରୋଗ ମଧ୍ୟ ଉପଯୁକ୍ତ ସମୟରେ ଚିକିତ୍ସା ନପାଇ ପ୍ରାଣଘାତୀ ସାବ୍ୟସ୍ତ ହେଉଛି । ଏହି ୭୩୧ ଜଣଙ୍କ ମୃତ୍ୟୁ ମଧ୍ୟରୁ ଅଧିକାଂଶ କେବଳ ଉପଯୁକ୍ତ ଚିକିତ୍ସା ଏବଂ ଯତ୍ନର ଅଭାବରୁ ହିଁ ହୋଇଥିବା ସ୍ପଷ୍ଟ ଅନୁମେୟ ।

ମଣିପୁରର ଏହି ସ୍ଥିତି କେବଳ ଏକ ଆଇନ ଶୃଙ୍ଖଳା ଜନିତ ସମସ୍ୟା ନୁହେଁ, ବରଂ ଏହା ଏକ ଗଭୀର ସାମାଜିକ-ରାଜନୈତିକ ସଙ୍କଟ । ରାଜ୍ୟଟି ଏବେ ଜାତିଗତ ଭିତ୍ତିରେ ସମ୍ପୂର୍ଣ୍ଣ ରୂପେ ବିଭାଜିତ ହୋଇଯାଇଛି । ପାହାଡ଼ିଆ ଅଞ୍ଚଳ ଏବଂ ଉପତ୍ୟକା ଅଞ୍ଚଳ ମଧ୍ୟରେ ଏକ ଅଦୃଶ୍ୟ ସୀମାରେଖା ଟାଣି ହୋଇଯାଇଛି, ଯାହାକୁ ଅତିକ୍ରମ କରିବାକୁ କେହି ସାହସ କରୁନାହାନ୍ତି । ନିରନ୍ତର ସୁରକ୍ଷା ଜନିତ ଚିନ୍ତା ଏବଂ କୌଣସି ଠୋସ୍ ରାଜନୈତିକ ସମାଧାନର ଅଭାବ କାରଣରୁ ବିସ୍ଥାପିତ ପରିବାରଗୁଡ଼ିକ ନିଜ ମୂଳ ବାସସ୍ଥାନକୁ ଫେରିବାକୁ ଅସମର୍ଥ ହେଉଛନ୍ତି । ଯେଉଁଠାରେ ପଡ଼ୋଶୀମାନେ ଦିନେ ଏକାଠି ରହୁଥିଲେ, ସେଠାରେ ପୁନର୍ବାର ବିଶ୍ୱାସ ସ୍ଥାପନ କରିବା ଏକ କାଠିକର ପାଠ । ଶାନ୍ତି ପ୍ରତିଷ୍ଠା ପାଇଁ କେବଳ ପୋଲିସ କିମ୍ବା ସେନା ମୁତୟନ ଯଥେଷ୍ଟ ନୁହେଁ; ଏଥିପାଇଁ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ସଂଳାପ ଏବଂ ସମାଧାନର ବାଟ ଫିଟିବା ଆବଶ୍ୟକ । ଏହି ସଙ୍କଟର ଏକ ବୃହତ୍ତର ଅର୍ଥନୈତିକ ପ୍ରଭାବ ମଧ୍ୟ ରହିଛି । ୪୩,୦୦୦ ରୁ ଊର୍ଦ୍ଧ୍ୱ ଲୋକ କାମଧନ୍ଦା ହରାଇ ଶିବିରରେ ବସି ରହିବା ଦ୍ୱାରା ରାଜ୍ୟର ଅର୍ଥନୀତି ଉପରେ ଏହାର ସିଧାସଳଖ ପ୍ରଭାବ ପଡୁଛି । କୃଷି, ବ୍ୟବସାୟ ଏବଂ ପର୍ଯ୍ୟଟନ ଭଳି କ୍ଷେତ୍ରଗୁଡ଼ିକ ଗୁରୁତର ଭାବେ ପ୍ରଭାବିତ ହୋଇଛି । ଯେଉଁ ହାତଗୁଡ଼ିକ କ୍ଷେତରେ ଫସଲ ଫଳାଉଥିଲେ କିମ୍ବା ତନ୍ତରେ ଲୁଗା ବୁଣୁଥିଲେ, ସେମାନେ ଆଜି ଦୁଇ ଓଳି ଖାଦ୍ୟ ପାଇଁ ସରକାରୀ ରିଲିଫ୍ ଉପରେ ନିର୍ଭରଶୀଳ । ଏକ ବେସରକାରୀ ସଂସ୍ଥା (ଏନଜିଓ) ପକ୍ଷରୁ ଶିବିରରେ ତନ୍ତ ଯୋଗାଇ ଦିଆଯାଇ ଲୋକଙ୍କୁ ସ୍ୱାବଲମ୍ବୀ କରିବାକୁ ଚେଷ୍ଟା କରାଯାଉଥିବା ଖବର ସାମ୍ନାକୁ ଆସିଛି , କିନ୍ତୁ ଏଭଳି ପ୍ରୟାସ ସମୁଦ୍ରକୁ ଶଙ୍ଖେ ପାଣି ସଦୃଶ। ସରକାରଙ୍କ ପକ୍ଷରୁ ବ୍ୟାପକ ସ୍ତରରେ ପୁନର୍ବାସ ଏବଂ ରୋଜଗାର ସୃଷ୍ଟିର ବ୍ୟବସ୍ଥା ନକରାଗଲେ ଏହି ଲୋକମାନଙ୍କର ଭବିଷ୍ୟତ ଅନ୍ଧକାରମୟ ହୋଇଯିବ । ପିଲାମାନଙ୍କର ପାଠପଢ଼ା ବନ୍ଦ ହେବା କାରଣରୁ ଏକ ସମ୍ପୂର୍ଣ୍ଣ ପିଢ଼ି ଶିକ୍ଷାରୁ ବଞ୍ଚିତ ହେବାକୁ ଯାଉଛି, ଯାହା ଭବିଷ୍ୟତରେ ସାମାଜିକ ଅସ୍ଥିରତାକୁ ପ୍ରୋତ୍ସାହିତ କରିବାର ଆଶଙ୍କା ରହିଛି ।

ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଏବଂ ରାଜ୍ୟ ପ୍ରଶାସନର ଦାୟିତ୍ୱ କେବଳ ଆର୍ଥିକ ସହାୟତା ଘୋଷଣା ବା ସୁରକ୍ଷା ବାହିନୀ ମୁତୟନ ମଧ୍ୟରେ ସୀମିତ ରହିବା ଉଚିତ ନୁହେଁ । ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଏବଂ ବିଭିନ୍ନ ଶାନ୍ତି କମିଟିର ପ୍ରୟାସ ସତ୍ତ୍ୱେ କ୍ଷେତ୍ରସ୍ତରରେ ଆଖିଦୃଶିଆ ପରିବର୍ତ୍ତନ ଆସିପାରିନାହିଁ । ତେଣୁ ଏକ ବ୍ୟାପକ ଏବଂ ସ୍ୱଚ୍ଛ ଥଇଥାନ ନୀତି ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି । ଯେଉଁମାନଙ୍କର ଘରଦ୍ୱାର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି, ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବା ସହ ସେମାନଙ୍କର ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ଏକ ସ୍ୱତନ୍ତ୍ର ସୁରକ୍ଷା ବଳୟ ସୃଷ୍ଟି କରାଯିବା ଦରକାର । ଏହା ସହିତ ଶିବିରଗୁଡ଼ିକରେ ଥିବା ରୋଗୀମାନଙ୍କ ପାଇଁ ତୁରନ୍ତ ଉଚ୍ଚସ୍ତରୀୟ ମେଡିକାଲ୍ ଟିମ୍ ପଠାଯାଇ ସେମାନଙ୍କର ଜୀବନ ରକ୍ଷା କରିବା ପ୍ରଶାସନର ପ୍ରଥମ ପ୍ରାଥମିକତା ହେବା ଆବଶ୍ୟକ। ଶିକ୍ଷା ବ୍ୟବସ୍ଥାକୁ ପୁନର୍ଜୀବିତ କରିବା ପାଇଁ ଅସ୍ଥାୟୀ ବିଦ୍ୟାଳୟ ଏବଂ ଡିଜିଟାଲ୍ ମାଧ୍ୟମର ବ୍ୟବହାର କରାଯାଇପାରିବ, ଯାହାଦ୍ୱାରା ପିଲାମାନଙ୍କର ଭବିଷ୍ୟତ ନଷ୍ଟ ହେବ ନାହିଁ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସମାଜର ପ୍ରତ୍ୟେକ ବର୍ଗକୁ ଏହି ପ୍ରସଙ୍ଗରେ ନିଜର ସକାରାତ୍ମକ ଭୂମିକା ନିର୍ବାହ କରିବାକୁ ପଡ଼ିବ, ଯାହାଦ୍ୱାରା ପାରସ୍ପରିକ ତିକ୍ତତା ହ୍ରାସ ପାଇବ ।

ସାମଗ୍ରିକ ଭାବେ ଦେଖିବାକୁ ଗଲେ, ମଣିପୁରର ଏହି ରିଲିଫ୍ କ୍ୟାମ୍ପଗୁଡ଼ିକରେ ହେଉଥିବା ମୃତ୍ୟୁ ଏବଂ ଦୁର୍ଦ୍ଦଶା ଏକ ବଡ଼ ଉଦବେଗର ବିଷୟ । ୭୩୧ ଜଣଙ୍କର ପ୍ରାଣହାନି କେବଳ ଏକ ସ୍ୱାସ୍ଥ୍ୟଗତ କିମ୍ବା ପ୍ରାକୃତିକ ବିପର୍ଯ୍ୟୟର ଫଳାଫଳ ନୁହେଁ, ଏହା ହେଉଛି ବ୍ୟବସ୍ଥାଗତ ବିଫଳତାର ପ୍ରତ୍ୟକ୍ଷ ପରିଣାମ । ଏହି ଲୋକମାନେ ହିଂସାରେ ନିଜ ଜୀବନ ବଞ୍ଚାଇ ଆସିଥିଲେ ସତ, କିନ୍ତୁ ପରବର୍ତ୍ତୀ ସମୟରେ ଉପଯୁକ୍ତ ସାମାଜିକ ସୁରକ୍ଷା ଏବଂ ସ୍ୱାସ୍ଥ୍ୟସେବାର ଅଭାବ ସେମାନଙ୍କ ପାଇଁ କାଳ ସାଜିଲା । ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ତୁରନ୍ତ ଏକ ଗ୍ରହଣଯୋଗ୍ୟ ରାଜନୈତିକ ସମାଧାନର ବାଟ ବାହାର କରିବା । କେବଳ ଅସ୍ଥାୟୀ ଘର ତିଆରି କରିଦେଲେ କିମ୍ବା ମାଗଣା ରାସନ ବାଣ୍ଟିଦେଲେ ସମସ୍ୟାର ସମାଧାନ ହେବ ନାହିଁ । ବିସ୍ଥାପିତମାନଙ୍କୁ ସେମାନଙ୍କର ମୂଳ ବାସସ୍ଥାନକୁ ସୁରକ୍ଷିତ ଭାବେ ଫେରାଇ ନେବା, ସେମାନଙ୍କର ନଷ୍ଟ ହୋଇଯାଇଥିବା ଘରଦ୍ୱାର ପୁନଃନିର୍ମାଣ କରିବା ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ସଦଭାବନା ଓ ବିଶ୍ୱାସ ପୁନଃସ୍ଥାପନ କରିବା ପାଇଁ ଏକ ଦୃଢ଼ ଏବଂ ନିରପେକ୍ଷ ପ୍ରୟାସ ଆରମ୍ଭ ହେବା ଦରକାର। ଗଣତନ୍ତ୍ରରେ ପ୍ରତ୍ୟେକ ଜୀବନର ମୂଲ୍ୟ ଅଛି ଏବଂ ମଣିପୁରର ଏହି ବିସ୍ଥାପିତ ନାଗରିକମାନେ ସମ୍ମାନର ସହ ବଞ୍ଚିବାର ହକ୍ ରଖନ୍ତି । ସେମାନଙ୍କର କାନ୍ଦଣା ଏବଂ ଦୁଃଖକୁ ଅଣଦେଖା କରିବା ଏକ ସୁସ୍ଥ ସମାଜ ପାଇଁ ଗ୍ରହଣୀୟ ନୁହେଁ । ପ୍ରଶାସନିକ କଳକୁ ନିଜର ଦାୟିତ୍ୱ ପାଳନ କରିବାକୁ ପଡ଼ିବ, ଯାହାଦ୍ୱାରା ଆଗାମୀ ଦିନରେ ଏହି ଶିବିରଗୁଡ଼ିକରୁ ଆଉ କୌଣସି ମୃତ୍ୟୁର ଖବର ନଆସେ ଏବଂ ଲୋକମାନେ ନିଜ ନିଜର ଭିଟାମାଟିକୁ ଫେରି ଏକ ଶାନ୍ତିପୂର୍ଣ୍ଣ ନବଜୀବନ ଆରମ୍ଭ କରିପାରିବେ।

# ମୁକ୍ତିର ପଥ : ବାଇଶି ପାହାଚ



## ସୁକାନ୍ତ ଛାଟୋଇ



ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପୂର୍ବରୁ ଆତ୍ମଭରା ଭକ୍ତଜନ ନିଜ ଜୀବନର ଭାବ ଅନଟନ, ତେଲ ଲୁଣର ଜଞ୍ଜାଳ, ଅଭାବୀ ଓ ନାନା ଚିନ୍ତାଗ୍ରସ୍ତ ଜୀବନ ଜଞ୍ଜାଳରେ ଛନ୍ଦି ହୋଇ ସାଂସାରିକ ଦୁଃଖ ଭୋଗ କରୁଥିବାବେଳେ ସିଂହଦ୍ୱାର ଦେଇ ବାଇଶି ପାହାଚରେ ପାଦ ଦେବା ପରେ ତାକୁ ଲାଗେ ତାର ସବୁ କିଛି ଦୂରୀଭୂତ ହେବାପାଇଁ ମହାପ୍ରଭୁ ଅପେକ୍ଷମାଣ। ଶ୍ରୀଜଗନ୍ନାଥ ସଂସ୍କୃତିର ଅନନ୍ୟ ରହସ୍ୟମୟ ଏହି ବାଇଶି ପାହାଚକୁ ତତ୍ତ୍ୱଦର୍ଶୀମାନେ ବିଭିନ୍ନ ଦୃଷ୍ଟିକୋଣରୁ ଏହାର ମାହାତ୍ମ୍ୟକୁ କରିଛନ୍ତି ପ୍ରତିପାଦିତ।

ଏହି ପାହାଚର ଇତିହାସ ମଧ୍ୟ ସନାତନ ଧର୍ମାବଲମ୍ବୀମାନଙ୍କର ଭାବାବେଗ ସହିତ ଓତପ୍ରୋତ ଭାବେ ଜଡ଼ିତ। ଏହି ପାହାଚର ସୃଷ୍ଟି ସିଂହଦ୍ୱାରରୁ ଏବଂ ଶେଷ ମଧ୍ୟ ସିଂହଦ୍ୱାରର ଗୁମୁଟ ଠାରୁ ଆରମ୍ଭ ହୋଇ ଲମ୍ବି ଯାଇଛି ଆନନ୍ଦ ବଜାର ସିଂହଦ୍ୱାର ପର୍ଯ୍ୟନ୍ତ। ମେଘନାଦ ପାଚେରୀର ସୃଷ୍ଟି ପୂର୍ବରୁ ଏହାର ନାମ ଥିଲା 'ବହିସ୍ଥ ପାବଚ୍ଛ'। କ୍ରମେ ଏହା ଅପଭ୍ରଂଶ ହୋଇ ଧାରଣ କରିଛି ବାଇଶି ପାହାଚ ନାମ। ଭାନୁଦେବଙ୍କ ରାଜତ୍ୱ କାଳରେ ଏହି ବାଇଶି ପାହାଚ ନିର୍ମାଣ କରାଯାଇଛି। ବାଇଶି ପାହାଚକୁ କେତେକ ଗବେଷକ ଓ ମାଦଳା ପାଞ୍ଜିର ବର୍ଣ୍ଣନା ଅନୁଯାୟୀ ଦଶଅବତାରରେ ଭଗବାନଙ୍କ ପାଦ ସଂଖ୍ୟା ବାଇଶି ହୋଇଥିବାରୁ ତାହାରି ବର୍ଣ୍ଣନା ଅନୁଯାୟୀ ବାଇଶି ପାହାଚର ପାହାଚ ସଂଖ୍ୟା ହେଉଛି ବାଇଶି।

ବାଇଶି ପାହାଚକୁ ନେଇ ଅନେକ ଅପୂର୍ବ ବର୍ଣ୍ଣନା ରହିଛି। ବାଇଶି ତୀର୍ଥ ଭୂମିର ସ୍ୱରୂପ ଓ ତତ୍ତ୍ୱ ତଥା ବାଇଶି ଭାବର ପ୍ରତୀକକୁ ବାଇଶି ପାହାଚ ବୁଝାଯାଏ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁସାରେ ବାଇଶି ପାହାଚ ଶ୍ରୀମନ୍ଦିରର ପ୍ଲଟ ନଂ ୧୫୭ (କ) ଉପରେ ଅବସ୍ଥିତ। ଏହି ପାହାଚ ଗୁଡ଼ିକ ବଉଳମାଳା ପଥରରେ ନିର୍ମିତ। ଆକାର ଦୃଷ୍ଟିରୁ ଏମାନେ ସମାନ ନୁହନ୍ତି। ସାଧାରଣତଃ ଏହି ପାହାଚର ଲମ୍ବ ୭୦ ଫୁଟ ଓସାର ୬ଫୁଟ ଏବଂ ଉଚ୍ଚତା ୬ରୁ ୭ ଇଞ୍ଚ। ଅଷ୍ଟାଦଶ ପାହାଚର ଓସାର ୧୫ ଫୁଟ। ଅନ୍ୟ ସମସ୍ତ ପାହାଚ ଆୟତକାର ହୋଇଥିବା ସମୟରେ ଉନ୍ନବିଂଶ ଏବଂ ବିଂଶ ପାହାଚ ଦୁଇଟିର ଆକାର ଅର୍ଦ୍ଧ ଗୋଲାକାର। ସଂଖ୍ୟା ଦୃଷ୍ଟିରୁ ବାଇଶି ପାହାଚ ଆସୁଥିବାରୁ ଏହା ଅନୁମେୟ ଯେ ମେଘନାଦ ପାଚେରୀ ନିର୍ମାଣ ସମୟରେ ଅରୁଣ ସ୍ତମ୍ଭ ଠାରୁ ଗୁମୁଟ ପର୍ଯ୍ୟନ୍ତ ଥିବା ଚାରିଗୋଟି ପାହାଚ ତଳେ ପୋତି ହୋଇଯାଇଛି। ତଥାପି ଆନନ୍ଦବଜାର ଯିବା ରାସ୍ତାରେ ଦୁଇଟି ଏବଂ କୂର୍ମ ବେଢ଼ା ଦ୍ୱାର ନିକଟରେ ଥିବା ଦୁଇଗୋଟି ପାହାଚର ସମ୍ମିଶ୍ରଣରେ ଏହି ପାହାଚ ସଂଖ୍ୟାରେ ପୂର୍ଣ୍ଣତା ଆସିଥାଏ। ଗୁମୁଟ ପରେ ପ୍ରଥମ ପାହାଚର ବାମ ପାର୍ଶ୍ୱରେ କାଶୀ ବିଶ୍ୱନାଥ ବିଦ୍ୟମାନ। ଶ୍ରୀମନ୍ଦିର ମହିମାକୁ ଅଧିକ ଭାବରେ ଋଦ୍ଧିମନ୍ତ କରୁଥିବା ଏହି ବାଇଶି ଗୋଟି ପାହାଚ ନିର୍ଦ୍ଦିଷ୍ଟ ନାମରେ ହୋଇଥାନ୍ତି ନାମିତ। ଯଥା ଦ୍ରାବା, କୁମୁଦବତୀ, ମନ୍ଦା, ଛନ୍ଦୋବତୀ, ଦୟାବତୀ, ରଞ୍ଜନୀ, ରତିକା, ରୌଦ୍ରା, କ୍ରୋଧା, ବଦ୍ରିକା, ପ୍ରସାରଣୀ, ବ୍ରତୀ, ମାର୍ଜନୀ, କ୍ଷାତି, ରକ୍ତା, ସାନ୍ଦିପନୀ, ଅଜପନି, ମଦନ୍ତି, ରୋହିଣୀ, ରମ୍ୟା, ଉଗ୍ରା ଓ କ୍ଷୋଭିନୀ।

ସାଧକମାନଙ୍କ ମତରେ ଏହି ବାଇଶି ପାହାଚ ହେଉଛି ପଞ୍ଚ 'ମ' କାର ଯଥା ମଦ୍ୟ, ମାଂସ, ମତ୍ସ୍ୟ, ମୁଦ୍ରା, ମୈଥୁନ ଅଷ୍ଟାଙ୍ଗ ଯୋଗ ଯଥା - ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ, ସମାଧି ଏବଂ ନବଧା ଭକ୍ତି ଯଥା - ଶ୍ରବଣ, କୀର୍ତ୍ତନ, ସ୍ମରଣ, ପଦସେବନ, ଅର୍ଚ୍ଚନ, ବନ୍ଦନ, ଦାସ୍ୟ, ସଖ୍ୟ, ଆତ୍ମନିବେଦନର ପ୍ରତୀକ। ଯୋଗ ସାଧନ ମାର୍ଗରେ ସାଧନା ଦ୍ୱାରା ଜୀବ ଶିବ ତୁଲ୍ୟ ଯୋଗୀ ରାଜ ଭାବରେ ସିଦ୍ଧି ଲାଭ କରିପାରିବ। ଅନ୍ୟ ଅର୍ଥରେ ବାଇଶି ପାହାଚ ହେଉଛି ସପ୍ତ ପିତୃଲୋକ ଯଥା - ସ୍ୱୟଂ, ପିତା, ପିତାମହ, ପ୍ରପିତାମହ, ବୃଦ୍ଧପ୍ରପିତାମହ, ଅତିବୃଦ୍ଧ ପ୍ରପିତାମହ, ପରମାତିବୃଦ୍ଧ, ପ୍ରପିତାମହ, ଦଶ ବିଶ୍ୱଦେବା ଯଥା - କ୍ରତୁ, ଦକ୍ଷ, ବସୁ, ସତ୍ୟ, କାଳ, କାମ, ଧୂରି, ରୋଚନ, ପୁରୋରବ, ମାଦ୍ରବସ, ଚତୁଃସନକ ଯଥା - ସନକ, ସନନ୍ଦନ, ସନାତନ, ସନତକୁମାର, ଏବଂ ଭୃଗୁ ଋଷିଙ୍କ ଶକ୍ତିର ଦ୍ୟୋତକ। କେହି କେହି ଶରୀରକୁ ସ୍ୱର୍ଗ, ମର୍ତ୍ତ୍ୟ ଏବଂ ପାତାଳ ଏହିପରି ତିନି ଭାଗରେ ବିଭକ୍ତ କରି ମର୍ତ୍ତ୍ୟ ଭାଗରେ ଅବସ୍ଥିତ ଦୁଇଗୋଟି ଚକ୍ର ଯଥା ମଣିପୁର ଏବଂ ଅନାହତରେ ଥିବା ପଦ୍ମର ପାଖୁଡ଼ା ସହିତ ବାଇଶି ପାହାଚକୁ ତୁଳନା କରିଥାନ୍ତି। ମଣିପୁର ଚକ୍ର ଅର୍ଥାତ୍ ନାଭି ଚକ୍ରରେ ଥିବା ଦଶଦଳ ବିଶିଷ୍ଟ ପଦ୍ମ ଏବଂ ଅନାହତ ଚକ୍ର ଅର୍ଥାତ୍ ହୃଦୟରେ ବିରାଜିତ ଦ୍ୱାଦଶ ଦଳ ପାଖୁଡ଼ା ବିଶିଷ୍ଟ ପଦ୍ମର ସମ୍ମିଶ୍ରଣ ହେଉଛି ବାଇଶି। ସାଧକ କୁଣ୍ଡଳିନୀ ଶକ୍ତିକୁ ଜାଗ୍ରତ କରାଇ ଏହି ଦୁଇ ଚକ୍ର ଅତିକ୍ରମ କରିବା ପରେ ପହଞ୍ଚିଥାଏ ଆଜ୍ଞା ଚକ୍ରରେ। ବାଇଶି ପାହାଚକୁ ନେଇ ଅନେକ କିମ୍ବଦନ୍ତୀ, ଲୋକ କଥା ସବୁ ରହିଛି। ମହାପ୍ରଭୁ ରଥଯାତ୍ରା ଦିନ ପତିତପାବନ ଯାତ୍ରାରେ ଭକ୍ତଜନଙ୍କ ସହ ମିଶିବା ପାଇଁ, ଦର୍ଶନ ଦେବା ପାଇଁ, କୋଳେଇ ନେବା ପାଇଁ ରତ୍ନସିଂହାସନ ଛାଡ଼ି ଏହି ବାଇଶି ପାହାଚ ଦେଇ ଆସିଥାନ୍ତି ବଡ଼ଦାଣ୍ଡକୁ। ନବଦିନ ବ୍ୟାପୀ ଘୋଷଯାତ୍ରା ପରେ ଲୀଳାମୟ ପୁଣି ବାଇଶି ପାହାଚ ଦେଇ ପ୍ରତ୍ୟାବର୍ତ୍ତନ କରନ୍ତି ନିତ୍ୟଧାମ ରତ୍ନସିଂହାସନକୁ। ବାଇଶି ପାହାଚ ଭାବର ପାହାଚ। ଭାବନାର, କୃପାର ଓ କରୁଣାର ପବିତ୍ର ଓ ଜୀବନତତ୍ତ୍ୱ।

ପୋପରଡ଼ା, ନୂଆ ବଜାର,
କଟକ,
ମୋ: ୮୨୪୯୨୬୦୬୨୧

# ମନର ବାଣୀ ଆକାଶବାଣୀ

## ଅଧ୍ୟାପକ ରାଜେଶ୍ ରାୟ




'ଆକାଶବାଣୀ' ଏହି ଶବ୍ଦଟି ସାମ୍ନାକୁ ଆସିଲେ ମନରେ ଉଙ୍କିମାରେ ଶିକ୍ଷା ଓ ମନୋରଞ୍ଜନର ପରସକୁ ଗୁଣୁ ଗୁଣୁ ହୋଇ ବାଣ୍ଟୁଥିବା ଆଦ୍ୟ ଗଣଯୋଗାଯୋଗର ଅନନ୍ୟ ସୃଷ୍ଟି ରେଡ଼ିଓର କଥା । ପ୍ରଯୁକ୍ତିବିଦ୍ୟାର ସ୍ରୋତରେ ବର୍ତ୍ତମାନ ଆଧୁନିକ ଯନ୍ତ୍ରପାତି ଯେତେ ବିକାଶ କରୁଥିଲେ ମଧ୍ୟ ରେଡ଼ିଓ ଏକ ବିଶ୍ୱସନୀୟ ଏବଂ ଲୋକାଦୃତ ଗଣମାଧ୍ୟମ ରୂପେ ଆଜିବି ନିଜର କାର୍ଯ୍ୟକୁ ସମ୍ପାଦନ କରୁଛି। ଏହା ସତ ଯେ ବିବର୍ତ୍ତନର ଚକ୍ରରେ ବାନ୍ଧି ହୋଇ ରେଡ଼ିଓର ରୂପରେଖ ବଦଳିଛି । ଆଉ ସେ ପୁରୁଣା କାଠବାକ୍ସର ଚାରିକାନ୍ଥ ଭିତରେ ରେଡ଼ିଓ ଆବଦ୍ଧ ହୋଇ ନାହିଁ ବରଂ ନିଜର ମୁକ୍ତ ଡେଣା ଝାଡ଼ି ପ୍ରଯୁକ୍ତିବିଦ୍ୟାର ବିଶାଳ କ୍ଷେତ୍ରରେ ପାଦ ଥାପିଛି । ମୋବାଇଲ୍ ଫୋନର ଆପ୍ ଯୋଗେ ଏବେ ଆମେ ରେଡ଼ିଓକୁ **FM (frequency modulation)** ମାଧ୍ୟମରେ ଆମେ ଶୁଣି ପାରୁଛୁ। ବିଶ୍ୱର ଯେକୌଣସି ସ୍ଥାନରେ ଏବେ ରେଡ଼ିଓ ପହଞ୍ଚି ପାରୁଛି । ଅତୀତର ପୃଷ୍ଠାକୁ ଓଲଟାଇଲେ ଆମେ ଦେଖିବା ଯେ ୧୮୮୬ ରୁ ୧୮୮୮ ମଧ୍ୟରେ ପ୍ରଖ୍ୟାତ ବୈଜ୍ଞାନିକ ହେନରିଚ୍ ରୁଡୋଲ୍ଫ ହର୍ଜଙ୍କ ବୈଦୁତିକ ଚୁମ୍ବକୀୟ ତରଙ୍ଗ ପରୀକ୍ଷଣ ଏବଂ ୧୯୦୧ ମସିହାରେ ଇଟାଲୀର ବୈଜ୍ଞାନିକ ଜି. ମାର୍କୋନୀଙ୍କ ଉଦ୍ୟମରେ ଗଢ଼ା ହୋଇଥିବା ଯନ୍ତ୍ରଦ୍ୱାରା ପ୍ରଥମେ ତାରବିହୀନ ବା ବେତାର ବାର୍ତ୍ତା ପ୍ରେରଣ କରାଯାଇଥିଲା । ସେଇଠୁ ହିଁ ରେଡ଼ିଓର ଜନ୍ମ । ୧୯୦୬ ମସିହାରେ ରେଜିନାଲଡ୍ ଫେସେନଡେନଙ୍କ ଦ୍ୱାରା ପ୍ରଥମେ ମଣିଷର ସ୍ୱର ରେଡ଼ିଓ ଯୋଗେ ପ୍ରସାରିତ ହୋଇଥିଲା । ଭାରତରେ ସର୍ବପ୍ରଥମେ ୧୯୨୩ ମସିହାରେ ' ରେଡ଼ିଓ କ୍ଲବ୍ ଅଫ୍ ବମ୍ବେ ' ନାମରେ ରେଡ଼ିଓ ପ୍ରବେଶ କଲା। ୧୯୩୬ ମସିହାରେ ଅଲ୍ ଇଣ୍ଡିଆ ରେଡ଼ିଓ ଏବଂ ୧୯୫୬ ମସିହାରେ ଆକାଶବାଣୀ ଭାବେ ଜନମାନସରେ ରେଡ଼ିଓ ଆଦୃତ ଲାଭ କଲା । ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ମାନସ ସନ୍ତାନ ହେଉଛି ଆକାଶବାଣୀ ଯାହାର ଆକ୍ଷରିକ ଅର୍ଥ ଆକାଶରୁ ଭାସି ଆସୁଥିବା ବାଣୀ । ରେଡ଼ିଓ ଆକାଶର ଉଜ୍ଜଳ ନକ୍ଷତ୍ର ଭାବେ ଆକାଶବାଣୀ ନିଜର ଚମକକୁ ବାଣ୍ଟି ମନର କଥାକୁ ଖୁବ୍ ସୁନ୍ଦର ଭାବେ ପରିପ୍ରକାଶ କରୁଛି । ୨୦୨୫-୨୬ ର ତଥ୍ୟ ଅନୁଯାୟୀ ଆକାଶବାଣୀ ଭାରତର ୯୮ ପ୍ରତିଶତ ଲୋକଙ୍କ ପାଖରେ ପହଞ୍ଚିଛି ଏବଂ ଭାରତ ଛଡା ୧୦୦ରୁ ଊର୍ଦ୍ଧ୍ୱ ଦେଶରେ ମଧ୍ୟ ଏହା କାର୍ଯ୍ୟକ୍ରମ ପ୍ରସାରଣ କରୁଛି । ଭାରତରେ ଏବେ ଆକାଶବାଣୀର ୫୯୧ ଟି କେନ୍ଦ୍ର କାମ କରିବା ସହ ୨୩ ଟି ଭାଷା ଏବଂ ୧୪୬ଟି ଉପଭାଷାରେ ଏହା ଶ୍ରୋତାଙ୍କ ମନ ପସନ୍ଦର ବିଭିନ୍ନ କାର୍ଯ୍ୟକ୍ରମକୁ ଭେଟି ଦେଉଛି । ଅନବରତ ସେବା ଯୋଗାଇ ଚାହୁଁ ଚାହୁଁ ଆକାଶବାଣୀ ଆଜି ୯୦ ବର୍ଷରେ ପାଦ ଥାପିଛି ସତ କିନ୍ତୁ ଅନେକ ଗୁଡ଼ିଏ ଚ୍ୟାଲେଞ୍ଜ ମଧ୍ୟରେ ଏବେ ତାର ଭବିଷ୍ୟତ ଗତି କରୁଛି । ବଡ଼ କଥା ହେଲା ବର୍ତ୍ତମାନ ରେଡ଼ିଓକୁ ଶୁଣୁଥିବା ଶ୍ରୋତାଙ୍କ ସଂଖ୍ୟା ଅତି ନଗଣ୍ୟ ସ୍ଥିତିରେ ରହିଛି ! ଦୁଃଖର ସହ ଏଠି କହିବାକୁ ପଡୁଛି ଯେ କିଛି ସୀମିତ ଶ୍ରୋତାଙ୍କୁ ନେଇ ବର୍ତ୍ତମାନ ଆକାଶବାଣୀର ପ୍ରତିଟି କେନ୍ଦ୍ର ପରିଚାଳିତ ହେଉଛି । ଯୁବ ଶ୍ରୋତାଙ୍କ ସଂଖ୍ୟା ନ କହିଲେ ଭଲ । ସମୟ , ଶବ୍ଦ ଓ ସ୍ୱରକୁ ସର୍ବଦା ପ୍ରାଧାନ୍ୟ ଦେଇଥାଏ ଆକାଶବାଣୀ । ଉଦଘୋଷକ ଏବଂ ଉଦଘୋଷିକାମାନେ ଯେଉଁ ଶୁଦ୍ଧ ଶୈଳୀରେ କାର୍ଯ୍ୟକ୍ରମ ଉପସ୍ଥାପନା କରନ୍ତି ତାହା ବେଶ୍ ରୁଚିକର ଏବଂ ଉଚ୍ଚକୋଟିର କିନ୍ତୁ ସମୟ ସହ ତାଳ ଦେଇ ତଥା ବର୍ତ୍ତମାନ ପିଢ଼ିର ଭାବନାକୁ ବୁଝି ସେହି ଚିରାଚରିତ ଢଙ୍ଗରେ ପରିବର୍ତ୍ତନ ଆସିବାର ଯଥେଷ୍ଟ ଆବଶ୍ୟକତା ରହିଛି । ରେଡ଼ିଓର ଏକ ଆକର୍ଷଣୀୟ ଏବଂ ପ୍ରଭାବୀ କାର୍ଯ୍ୟକ୍ରମ ହେଉଛି ଲାଇଭ ଫୋନ ଇନ୍ ଯେଉଁଥିରେ ଶ୍ରୋତାମାନେ ସିଧାସଳଖ ଯୋଡ଼ି ହୋଇ ନିଜ ମନର କଥା ରଖନ୍ତି କିନ୍ତୁ ଆକାଶବାଣୀ ପରି ପୁରାତନ ଏବଂ ସର୍ବାଧିକ ଲୋକଙ୍କ ପାଖେ ପହଞ୍ଚିଥିବା ଗଣମାଧ୍ୟମରେ ଏବେ ଅନୁଷ୍ଠିତ ହେଉଥିବା ଫୋନ ଇନ୍ କାର୍ଯ୍ୟକ୍ରମ କିଛି ନିର୍ଦ୍ଦିଷ୍ଟ ଶ୍ରୋତାଙ୍କୁ ନେଇକି ଗତି କରୁଛି । ଯେଉଁଠି ସାମାଜିକ ଗଣମାଧ୍ୟମ ଏବଂ ଅତ୍ୟାଧୁନିକ ମନୋରଞ୍ଜନର ମାଧ୍ୟମକୁ ଆମେ ପ୍ରାଧାନ୍ୟ ଦେଉଛୁ ସେଠାରେ ଆକାଶବାଣୀ ପରି ବିଶ୍ୱସନୀୟ ଏବଂ ସଠିକ୍ ସୂଚନା ଦେଉଥିବା ମାଧ୍ୟମକୁ ନଜର ଅନ୍ଦାଜ କରୁଛେ । ଆକାଶବାଣୀରେ ଆପଣ ଏବେବି ପାଲା, ଦାସ କାଠିଆ, ଲୋକଗୀତ, ପୁରାଣ, ଓ ନାଟକ ପରି ସଂସ୍କୃତି ସମ୍ପନ୍ନ କାର୍ଯ୍ୟକ୍ରମ ଶୁଣି ପାରୁଛନ୍ତି ଯାହା ଅନ୍ୟ ଗଣମାଧ୍ୟମରେ ଉପଲବ୍ଧ ନାହିଁ। ଖୁବ୍ କମ୍ କର୍ମଚାରୀ ମାନଙ୍କୁ ନେଇ ଆକାଶବାଣୀର ବିଭିନ୍ନ କେନ୍ଦ୍ର ଏବେ ପରିଚାଳିତ ହେଉଛି । ସ୍ଥାୟୀ ନିଯୁକ୍ତି ସଂଖ୍ୟା କମି ଅସ୍ଥାୟୀ ଭାବେ ଲୋକଙ୍କୁ ଆକାଶବାଣୀରେ କାମ କରିବା ପାଇଁ ସୁଯୋଗ ମିଳୁଛି, ଏହାମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଭାବେ ଦଣ୍ଡାୟମାନ। ପ୍ରଯୁକ୍ତିବିଦ୍ୟାର ଶ୍ରେଷ୍ଠ ଉପହାର ଭାବେ ବର୍ତ୍ତମାନ ମୁଣ୍ଡ ଟେକିଥିବା କୃତ୍ରିମ ବୁଦ୍ଧିମତାକୁ ଆକାଶବାଣୀର ବିକାଶ ନିମନ୍ତେ ବ୍ୟବହାର କରିବା ପାଇଁ ଯୋଜନା ପ୍ରସ୍ତୁତ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି । ଏବେବି ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ଲୋକେ ପ୍ରଥମେ ଆକାଶବାଣୀକୁ ଖୋଜନ୍ତି ତେଣୁ ଏହାର ଉପସ୍ଥିତି ସଦା ଚିର ସବୁଜ । ଆକାଶବାଣୀର ଆଜି ଶୁଭ ଜନ୍ମଦିନ । ରେଡ଼ିଓକୁ ଭଲ ପାଉଥିବା ଏବଂ ରେଡିଓରେ କାମ କରୁଥିବା ଜଣେ ବ୍ୟକ୍ତି ଭାବେ ମୋର ଅନ୍ତରାତ୍ମା ଆକାଶବାଣୀ ପ୍ରତି ସମର୍ପିତ ଏବଂ ଆଗାମୀ ଦିନରେ କିପରି ଏହା ନିଜର ସମସ୍ତ ଉଦ୍ଦେଶ୍ୟକୁ ପୂର୍ଣ୍ଣ କରିବ ସେଥିନିମନ୍ତେ ସମସ୍ତଙ୍କୁ ବିନମ୍ର ଅନୁରୋଧ କରୁଛି । ଗଣମାଧ୍ୟମର ଆଧୁନିକ ପରିପନ୍ଥୀ ଗୁଡ଼ିକ ଛାତିରେ ହାତ ବାଡ଼େଇ, ଅଣନିଃଶ୍ୱାସୀ ହୋଇ ଯେତେ ଚିତ୍କାର କରୁଥିଲେ ମଧ୍ୟ ଆକାଶବାଣୀ ସତ୍ୟ ଏବଂ ବିକାଶର ଗାଥାକୁ ସର୍ବଦା ଶ୍ରୋତାଙ୍କ ମନରେ ଯୋଡୁଥିବ ଏଥିରେ ଦ୍ୱିରୋକ୍ତି ନାହିଁ ।

+ଉଦଘୋଷକ, ଆକାଶବାଣୀ
ଜୟପୁର
ମୋ: ୬୩୭୧୫୫୫୯୪୦

# ରୋଗୀ ବଢୁଛନ୍ତି କିନ୍ତୁ ଡାକ୍ତର କମୁଛନ୍ତି

## ସୁବ୍ରତ କର



ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ନିହାତି ସୁଧୁରିବା ଦରକାର । ରୋଗୀଙ୍କୁ ଉପଯୁକ୍ତ ସେବା ମିଳିବାର ଆବଶ୍ୟକତା ରହିଛି । କୌଣସି ଡାକ୍ତରଖାନା ହେଉ ବା ମେଡିକାଲ କଲେଜ ହେଉ ସବୁ ବିଭାଗରେ ଯାବତୀୟ ଅବ୍ୟବସ୍ଥା କେଉଁଠି ଆବଶ୍ୟକ ଉପକରଣ ନଥିବାରୁ ବନ୍ଦ ପଡ଼ିଛି ବିଭାଗ ଓ ଆଉ କେଉଁଠି ଡାକ୍ତରଙ୍କ ଘୋର ଅଭାବ । ଆଉ କେଉଁଠି କାମଚଳା ଭାବେ ରୋଗୀଙ୍କୁ ପ୍ରାଥମିକ ଚିକିତ୍ସା କରିବା ପରେ ଅନ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାହେଉଛି । ରାଜ୍ୟର ଦ୍ୱିତୀୟ ବୃହତ୍ତମ ହସପିଟାଲ ଓ କଲେଜ (ରୋଗୀ ସଂଖ୍ୟା ଅନୁସାରେ) କୁହାଯାଉଥିବା ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲରେ ବିଭିନ୍ନ ବିଭାଗର ପ୍ରାୟ ୫୨ ଡାକ୍ତର ପଦବୀ ଖାଲି ପଡ଼ିଛି । ସୂଚନା ମୁତାବକ ପ୍ରତିଦିନ ପ୍ରାୟ ଏହି ମେଡିକଲେ କଲେଜକୁ ୧୫ ଶହରୁ ଅଧିକ ରୋଗୀ ଆସୁଛନ୍ତି କିନ୍ତୁ ଏହା ମେଡିକାଲ କଲେଜରେ ୨୧୪ ଜଣ ଡାକ୍ତର ରହିବା କଥା କିନ୍ତୁ ଅଛନ୍ତି ୧୬୨ ଜଣ । ପ୍ରଫେସର ୨୧, ଆସୋସିଏଟ ପ୍ରଫେସର ୨୯, ଆସିଷ୍ଟାଣ୍ଟ ପ୍ରଫେସର ୪୭, ଟିଉଟର ୨୫, ଏସଆର (ସିନିଅର ରେସିଡେଣ୍ଟ) ୫୪ ଜୁନିଅର ରେସିଡେଣ୍ଟ ୩୮ ମଞ୍ଜୁର ପଦବୀ ଥିବା ବେଳେ ଏଥି ମଧ୍ୟରୁ ୫୨ ପଦ ଖାଲି ପଡ଼ିଛି । ଏମିତିକି ଅସ୍ଥିଶଲ୍ୟ ବିଭାଗରେ ଜଣେ ପ୍ରଫେସରରେ ଚାଲିଛି । ବଡ଼କଥା ହେଉଛି ମେଡିକାଲ କଲେଜ ମାନଙ୍କରେ ଯେତେଜଣ ଡାକ୍ତର ରହନ୍ତି ସେମାନେ ରୋଗୀ ଦେଖିବା ସହିତ ଛାତ୍ରଛାତ୍ରୀମାନଙ୍କୁ ରିତିମତ ପାଠ ମଧ୍ୟ ପଢ଼ାନ୍ତି । ଡାକ୍ତର, ନର୍ସ ଓ କର୍ମଚାରୀ ଅଭାବ କାରଣରୁ ଦେଢ଼ ମାସ (ଜାନୁଆରୀ ୧ ତାରିଖରୁ ଫେବୃଆରୀ ୨୫ ଭିତରେ ୧୬୬୭ ଜଣ ରୋଗୀଙ୍କୁ ସ୍ଥାନାନ୍ତର ହେବାକୁ ପଡ଼ିଛି । ଏହି ମେଡିକାଲ କଲେଜ ୭ ବର୍ଷ ହେବ ବାଲେଶ୍ୱର ସଦର ଡାକ୍ତରଖାନାଠାରୁ ଅଲଗା ହୋଇ ରେମୁଣାଠାରେ କାର୍ଯ୍ୟରତ । ଦୁଃଖର କଥା ଏ ପର୍ଯ୍ୟନ୍ତ ବିଶେଷ ବିଭାଗ ଯେପରିକି ହୃଦୟ, ମସ୍ତିଷ୍କ, କିଏନି ରୋଗ ଏବଂ କ୍ୟାନସର ଭଳି ରୋଗକୁ ଦେଖିବା ପାଇଁ ଡାକ୍ତର ନାହାନ୍ତି କି ବିଭାଗ ମଧ୍ୟ ଖୋଲି ନାହିଁ । ଏହିସବୁ ରୋଗାଗ୍ରସ୍ତ ରୋଗୀ ଯିବେ କେଉଁଠି ? ସେମାନଙ୍କ ପାଇଁ ଏକମାତ୍ର ବାଟ କଟକ ଏବଂ ଭୁବନେଶ୍ୱର ପ୍ରାଇଭେଟ ଡାକ୍ତରଖାନା ଯେଉଁଠାରେ ରୋଗୀ ଦେଖା ଯାଏ ନାହିଁ ଟଙ୍କା ଦେଖାଯାଏ । ଏହାପରେ ମଧ୍ୟ ବାଲେଶ୍ୱରବାସୀ ବହୁ ଆଶା କରିଥିଲେ ଏମ୍ସ ସେଟେଲାଇଟ୍ ଡାକ୍ତରଖାନା ହେଲେ ଏହିସବୁ ରୋଗ ବାଲେଶ୍ୱର ଠାରେ ରୋଗ ଭଲ ହୋଇ ପାରିବ। ଦୁଃଖର କଥା ଏମ୍ସ ୬ ବର୍ଷ ତଳେ ଯେଉଁ ଅବସ୍ଥାରେ ଥିଲା ସେହି ଅବସ୍ଥାରେ ଅଛି ଏବଂ ସପ୍ତାହକୁ ୩ଟି ଡାକ୍ତର ୨ ଦିନ ପାଇଁ ଆସି ରୋଗୀ ଦେଖୁଛନ୍ତି ବିନା ଯନ୍ତ୍ରପାତି ବା ଟେଷ୍ଟ ନକରି । ଏ ପର୍ଯ୍ୟନ୍ତ ଆମ ରାଜ୍ୟରେ ୩୦୨୫ ଏମବିବିଏସ ସିଟ୍ ବିଭିନ୍ନ ମେଡିକାଲ କଲେଜ ଅଛି । ସେଥିରୁ ୧୮୦୦ ସିଟ୍ ଅଛି ୧୪ଟା ସରକାରୀ ମେଡିକାଲ କଲେଜରେ ୧୧୦୦ ସିଟ ଅଛି ୬ଟି ପ୍ରାଇଭେଟ୍ ମେଡିକାଲ କଲେଜରେ ଏବଂ ୧୨୫ଟି ସିଟ୍ ଅଛି ଏମ୍ସ ହସପିଟାଲରେ ଏଥିରେ । ଏହାପରେ ୧୨୫ଟି ସିଟ୍ ଆଉ ୪ଟା ମେଡିକାଲ କଲେଜରେ ଗତବର୍ଷ ବଢ଼ା ହୋଇଛି । ଏବେ ପ୍ରଶ୍ନ ଉଠୁଛି ସର୍ବମୋଟ ଆମ ରାଜ୍ୟରେ ୨୧ ମେଡିକାଲ କଲେଜକୁ ଆମ ସରକାର ଡାକ୍ତର, ନର୍ସ ଏବଂ ଯନ୍ତ୍ରପାତି ଯୋଗାଇ ପାରୁ ନାହାନ୍ତି ପୁଣି ଲୋକ ଦେଖାଣିଆ ଆମ ସ୍ୱାସ୍ଥ୍ୟମନ୍ତ୍ରୀ ଏସେମ୍ବ୍ଲିରେ କହିଛନ୍ତି । ଆଉ ୪ଟି ଏ ବର୍ଷ ନୂଆ କରି ମେଡିକାଲ କଲେଜ ହଜାର ବ୍ୟବସ୍ଥା କରା ହେଉଛି ଏବଂ ନୂଆ କରି ୮ଟି ନର୍ସିଂ କଲେଜ ଖୋଲିବାର ଅଛି । ଆମ ସରକାର ୨୧ଟି କଲେଜକୁ ଠିକ୍ ସେ ଚଳାଇବା ପାଇଁ କଷ୍ଟ ହେଉଛି ପୁଣି ଆଉ ୪ଟି ନୂଆ ମେଡିକାଲ କଲେଜକୁ କି ପ୍ରକାରର ଡାକ୍ତର ଦେବେ ଏବଂ କି ପ୍ରକାରର ନର୍ସ ଯୋଗାଇବେ ଦେଖିବାର ରହିଲା । ଶେଷରେ ଗୋଟିଏ କଥା ଯାହା ଅଛି ଏହାକୁ ଠିକ୍ ସେ ସଜାନି ଚଳେଇଲେ ଭଲ ହୁଅନ୍ତା ଏବଂ ଲୋକେ ସ୍ୱାସ୍ଥ୍ୟଗତ ସୁବିଧା ଅତି ସହଜରେ ପାଇ ପାରନ୍ତେ ଏବଂ ରାଜ୍ୟ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନ୍ୟ ରାଜ୍ୟ ସହିତ ପ୍ରତିଯୋଗିତା କରିପାରନ୍ତା ।




# ମାନସୀ

## ଦିନେଶ ମେହେର



ବୋଧେ ଫେରିଯିବାଟା ହିଁ
ତମ ଶେଷ ରାସ୍ତା,
ନହେଲେ ଅଧାଗଢ଼ା
ହେଇ ବଞ୍ଚିଥିବା ଜୀବନଟି
କେତେବେଳେ
କେଉଁ ମୋଡ଼ ନେଇଯିବ
ନା ତମେ ଜାଣିଛ,
ନା କେବେ ଜାଣି ପାରିବ।

ଯାଅ ଏଥର ଫେରିଯାଅ
ତମର ସେଇ ପୁରୁଣା ଠିକଣାକୁ,
ଯେଉଁଠି ତମେ ବହୁତ ଭଲରେ ଥିଲ
ଖୁସିରେ, ଆନନ୍ଦରେ, ଉଲ୍ଲାସରେ
ଯେଉଁଠି ସ୍ୱପ୍ନ ଦେଖୁଥିଲ
ଆକାଶର ଜହ୍ନକୁ,
ଜହ୍ନ ଚାରିପଟେ ଘେରି
ରହିଥିବା ମିଞ୍ଜୀମିଞ୍ଜି ତାରାଫୁଲକୁ,
ହେଲେ ସେସବୁ କଣ
ତମର ବିଶ୍ୱାସ ଭିତରେ
ସାଇତି ରହି ପାରିଛି ?

ନା,
ଏହା କେବଳ ସ୍ୱପ୍ନ ନୁହେଁ ତ ଆଉ କଣ,
ଯନ୍ତ୍ରଣାର ଜଉଘର ଭିତରେ
ମେଞ୍ଚାଏ ଆଶାକୁ ଆଲୋକ ସଜେଇ
ଆଉ କେତେଦିନ ବଞ୍ଚିବାର
ମିଛ ଅଭିନୟ କରିବ
କେତେଦିନ ଅପମାନର
ମିଛ ଅଳଙ୍କାରରେ
ନିଜକୁ ସଜେଇ ଦେଇ
ଭଙ୍ଗା ଆଇନା ଆଗରେ ନିଜର ମୁହଁକୁ
ଦେଖ,
ଦେଖେଇ ଦେଖେଇ
ପାଲଟି ଯିବ ହତଭାଗ୍ୟ,

ଯାଅ,
ଏଥର ଫେରିଯାଅ,
କିନ୍ତୁ ଯିବା ଆଗରୁ
ଫେରେଇ ଦିଅ ଶଙ୍ଖଚିଲର
ହଳେ ଡେଣା,
ଫେରେଇ ଦିଅ ରଙ୍ଗୀନ ପ୍ରଜାପତିର ରଙ୍ଗ
ଫେରେଇ ଦିଅ ଗୋଲାପର ବାସ୍ନା
ଆଉ ଫେରେଇ ଦିଅ ଜହ୍ନର ଜ୍ୟୋତ୍ସ୍ନା
ପାରିବ ତ ଫେରେଇ ଦେବ
କୋଇଲିର କୁହୁତାନ
ଫେରେଇ ଦିଅ ସଙ୍ଗୀତର ସାତସୁର... !

ଏବେ ଯଦି ନ ଫେରିବ
କାଲେ ମୋ ଅବଶିଷ୍ଟ ଆୟୁଷ ତମକୁ
ହାତଠାରି ଦୂର ଆକାଶର ଡାକିବେ
ମୋ ଆଖିର ଲୁହ ବୋଧେ
ବନ୍ଦ କରିଦେବ
ତମର ସବୁତକ ବାଟ,
ସେତେବେଳେ ହୁଏତ ମନା କରିବା
ତମ ପାଇଁ ଭାରି
କଷ୍ଟ ହେଇ ଯାଇପାରେ,

ସେତେବେଳକୁ,
ନେଡି ଗୁଡ଼ କହୁଣିକୁ ବହିଗଲେ ଆଉ
ଫେରେଇ ପାରିବନି
ନିଜର ବିଶ୍ୱାସ..... !

+ଜୁନାଗଡ଼, କଳାହାଣ୍ଡି

ଜ୍ୟୋତ୍ସ୍ନା ମିଶ୍ର (ପାଣିଗ୍ରାହୀ)

# ରନ୍ତା ଯୋଗୀ



ଏସିର ଶୀତଳ ପବନରେ ବି ତାଙ୍କୁ ଗରମ ଲାଗୁଥିଲା । କେତେ ହେକ୍ଟିକ୍ ଥିଲା ଆଜିର ଦିନଟା...। ସେ ଠିକ୍ ଦଶଟାରେ ଅଫିସ୍‌ରେ ପହଞ୍ଚିଥିଲେ। ବିଦାୟୀ ସେକ୍ରେଟାରୀ ମିଷ୍ଟର ମହାନ୍ତି ତାଙ୍କୁ ଅଫିସ୍‌ର ସମସ୍ତ ଷ୍ଟାଫ୍‌ଙ୍କ ସହ ପରିଚୟ କରାଇଦେଇ ଦାୟିତ୍ୱ ହସ୍ତାନ୍ତର କରିସାରିବାବେଳକୁ ପ୍ରାୟ ଲଞ୍ଚ ଟାଇମ୍ ହେଇଯାଇଥିଲା। ବିଦାୟୀ ସେକ୍ରେଟାରୀଙ୍କୁ ଫେୟାରୱେଲ୍ ସହ ଲଞ୍ଚ ସମସ୍ତେ ସେଇଠି ହିଁ କରିଥିଲେ। ଏବେ ହିଁ ସେ ନିଜ ଚାମ୍ବରକୁ ଆସିଲେ। ନିଜର ନେମପ୍ଲେଟ୍‌କୁ ଦେଖୁଥିଲେ ସେ...ଚିତ୍ରପର୍ଣ୍ଣା ମିଶ୍ର (ଫାଇନାନ୍ସ)

ଫାଇନାନ୍ସ ଡିପାର୍ଟମେଣ୍ଟର ଚିଫ୍ ସେକ୍ରେଟାରୀ ହେଇ ଜଏନ୍ କରି ସେ ଖୁସି ଥିଲେ। ଗୁଡ଼ାଏ ପେଣ୍ଡିଙ୍ଗ ଫାଇଲ୍ ଟେବୁଲ୍ ଉପରେ ଗଦା ହେଇଛି। କାମ ସବୁ ସାରିବାକୁ ହେବ। ହେଲେ ସେ ଆଦୌ ତରବର ହେବେନି। ରାଜ୍ୟର ଅର୍ଥବ୍ୟବସ୍ଥା ତ ତାଙ୍କରି ହାତରେ। ଠିକ୍ ଏତିକିବେଳେ ଫୋନ୍‌ର ରିଙ୍ଗ୍‌ରେ ସେ ଭାବନା ରାଜ୍ୟରୁ ଫେରି ଆସିଲେ ଆଉ ଧିରେ କି ହ୍ୟାଲୋ କହିଲାମାତ୍ରେ ଆରପଟରୁ ଉଚ୍ଛ୍ୱସିତ ଆଉ ଗମ୍ଭୀର ସ୍ୱରରେ ଜଣେ କହିଉଠିଲେ ୱେଲକମ୍ ମାଡ଼ାମ୍ ଚିତ୍ରା, ଏ ରାଜ୍ୟର ଲକ୍ଷ୍ମୀମାତା ତମେ। ତମ ହାତରେ ଭଣ୍ଡାରଘରର ଚାବିକାଠି। ଖୁସି ତ ଏଥର...!!!

ଆରେ ବାବା ମହାଯୋଗୀ ଏତେଶୀଘ୍ର କେମିତି ଏକଥା ଜାଣିଲେ...???  ଆଶ୍ଚର୍ଯ୍ୟ ହେଉଥିଲେ ଚିତ୍ରପର୍ଣ୍ଣା ଦେବୀ। ସ୍ୱରକୁ ଯଥାସମ୍ଭବ ଧୀର କରି ସେ ପଚାରିଲେ, ଆପଣ କେମିତି ଜାଣିଲେ? ମୁଁ ତ ଏଇ ଏବେ ଜଏନ୍ କରିଲି। ଭାବିଥିଲି ଘରକୁ ଫେରିବା ପରେ ଆପଣଙ୍କୁ ଜଣେଇବି। ଆପଣଙ୍କ ଗାଇଡାନ୍ସରେ ତ ମୁଁ ଏ ପର୍ଯ୍ୟନ୍ତ ସବୁ କରୁଥିଲି। ଆପଣ ହିଁ ଯାହା କହିବେ, ମୁଁ ସେଇ ଅନୁସାରେ କାମ କରିବି।" ଠିକ୍ ଅଛି, ଠିକ୍ ଅଛି କହିଲେ ବାବା। ଜମା ବ୍ୟସ୍ତ ହୁଅନି। ମୁଁ ଜାଣେ ମୋତେ ନପଚାରି ତମେ କିଛି କରିବନି। ହେଲେ ଆଜି ଏମିତି ବ୍ଲୁ ଶାଢ଼ୀଟେ କାହିଁକି ପିନ୍ଧିଲ ଯେ...?? ହେୟାର ଷ୍ଟାଇଲ୍‌ଟା ଠିକ୍‌ଅଛି ଖାଲି ଯାହା ବ୍ୟାକ୍ କ୍ଲିପ୍‌ଟା ଆଉ ଟିକେ ବଡ଼ ହେଇଥିଲେ ଭଲ ହେଇଥାନ୍ତା। ଆଶ୍ଚର୍ଯ୍ୟରେ ଚିତ୍ରାଦେବୀଙ୍କ ଆଖିଦୁଇଟା ବଡ଼ବଡ଼ ହେଇଗଲା....!! ହିମାଳୟର କେତେ ହଜାର ଫୁଟ୍ ଉପରେ କେଉଁ ଗୁମ୍ଫାରେ ଥିବା ମହାଯୋଗୀ ବାବା ସେ ଆଜି କ'ଣ ପିନ୍ଧିଛି, କେମିତି ମୁଣ୍ଡ କୁଣ୍ଢେଇଛି ସବୁ ଜାଣିପାରୁଛନ୍ତି....?

ଆରେ ଏମିତି ବଡ଼ବଡ଼ ଆଖି କରି କାହିଁକି ଚାହିଁଛ.... କହିଲେ ବାବା। ମୁଁ ପରା ଅଶରୀରୀ। ମୁଁ ସର୍ବତ୍ର, ସର୍ବକାଳରେ ଥାଏ। ତମେ ଯାହାଯାହା ଭାବୁଛ କି ଭାବିବ ସେସବୁ ମୁଁ ଜାଣିପାରେ, ବୁଝିଲ। ଗତ କୋଡ଼ିଏ ବର୍ଷ ହେଲାଣି ପରା ମୁଁ ତମ ବୃତ୍ତିଗତ ଆଉ ବ୍ୟକ୍ତିଗତ ମାମଲାରେ ମାର୍ଗଦର୍ଶନ ଦେଉଛି।

ହଁ...ହଁ... ଠିକ୍ କହିଲେ ବାବା। ଆପଣ ପରମପୁରୁଷ। ଆପଣ ହିଁ ମୋର ମହାରକ୍ଷକ, କହିଉଠିଲେ ଚିତ୍ରପର୍ଣ୍ଣା ଦେବୀ। ହଉ ଶୁଣ ରାଜ୍ୟର ମହାଲକ୍ଷ୍ମୀ, କହିଲେ ମହାଯୋଗୀ, ତମେ ତମ ଡିପାର୍ଟମେଣ୍ଟର ସେ ଜୁନିୟର କ୍ଲର୍କ ସଦାନନ୍ଦ ମାହାର୍ଣ୍ଣାକୁ ପ୍ରମୋସନ୍ ଦେଇ ତମର ଚିଫ୍ ଆଡଭାଇଜର୍ କରିଦିଅ। ୱାନ୍ କ୍ରୋର୍‌ରୁ ବି ଅଧିକ ସାଲାରୀ ଯେମିତି ବର୍ଷକୁ ହୁଏ ଦେଖିବ। ହଉ, ଆଜ୍ଞା ସବୁ ନୀତିନିୟମକୁ ସପରେସ୍ କରି ମୁଁ ଗୋଟେ ନୂଆ ପଦବି ସୃଷ୍ଟି କରି ତାଙ୍କୁ ନିଯୁକ୍ତି ଦେଇଦେବି। ଓକେ, ବୁଲବୁଲ୍, ଯୋଗୀ ଖୁସ୍ ହୁଆ.... ଔର ତୁହ୍ମେ ଢ଼େର୍‌ସାରା ଆଶୀର୍ବାଦ.... ଫୋନ୍ କଟିଗଲା।

ସବୁ ଠିକ୍‌ଠାକ୍ ଚାଲିଥିଲା। ଏବେ ସଦାନନ୍ଦ ଚିଫ୍ ଆଡଭାଇଜର୍ ପୋଷ୍ଟରେ ଅବସ୍ଥାପିତ। ସେ କିଛି ବୁଝନ୍ତିନି। ଯେଉଁଠି ଯାହା ସାଇନ୍ କରିବାକୁ ସଦାନନ୍ଦ କହେ, ସେ କରିଦିଅନ୍ତି। ମହାଯୋଗୀ ତ ସବୁକଥା ଦେଖୁଛନ୍ତି, ଏଇ ଭରସାରେ ସେ ଥାଆନ୍ତି। ହେଇ ସେଦିନ ସେ ହୀରାର ଟପ୍ ଦୁଇଟା ପିନ୍ଧି ଅଫିସ୍ ଆସିଥିଲେ। ଆସିଗଲା ବାବାଙ୍କ ଫୋନ୍।" ଆରେ ତମକୁ କହିଥିଲିନା, ସବୁବେଳେ ଲମ୍ବା ଝରାବାଲା କାନଫୁଲ ପିନ୍ଧିବ। ଏ ଟପ୍ ତମକୁ ଜମା ମାନୁନି। ବେଳେବେଳେ ଲମ୍ବା ବେଣୀଟିଏ କରି ରଜନୀଗନ୍ଧାର ମାଳଟେ ଲଗଉନ। ସବୁବେଳେ ସେଇ ବବ୍‌କଟ୍ ହେୟାର ଷ୍ଟାଇଲ୍ କ'ଣ ଯେ। ଅବଶ୍ୟ ଏଇଟା ମୋର ଫେଭରେଟ୍, କିନ୍ତୁ ତମେ ନୂଆ କିଛି ବି ଟ୍ରାଏଲ୍ କର। ହଁ ଶୁଣ,  ସେଇ ୪୦୦୦କୋଟିର ଟେଣ୍ଡର୍‌ଟା ଇଟାଲୀର କମ୍ପାନୀ ନାଁରେ ସାଙ୍କସନ୍ କରିଦେବ। ତା'ପରେ ସେ ସଦାନନ୍ଦ ସହ ଇଟାଲୀ ଆଡ଼େ ଯାଅ, ଥରେ ବୁଲିଆସ। ମନଦେଇ ସବୁକଥା ଶୁଣିଲେ ଚିତ୍ରପର୍ଣ୍ଣା। ବାବା ତ ତ୍ରିକାଳଦର୍ଶୀ। ସଦାନନ୍ଦ ସହ ଯେ ଖୁବ୍ କ୍ଲୋଜ୍ ହେଇଗଲେଣି, ଏକଥା ବାବାଙ୍କୁ ଆଉ ଅଜଣା ନାହିଁ। ହେଲେ ବାବା ସେ ବିଷୟରେ କିଛି ତ କହିଲେନି। ଆହୁରି ତା' ସହ ବୁଲିଯିବାକୁ କହିଲେ। ଖୁସି ହେଉଥିଲେ ଚିତ୍ରପର୍ଣ୍ଣା। ଏ ଭିତରେ ତିନିବର୍ଷ କଟିଗଲାଣି, ଜଣା ବି ପଡୁନି।

ସି.ବି.ଆଇ ଅଫିସର ଚାମ୍ବରରେ ବସି ଏହିଭଳି ସବୁ କହୁଥିଲେ ଚିତ୍ରପର୍ଣ୍ଣା। ପରମପୁରୁଷ, ସେହି ଇଚ୍ଛାଧାରୀ ଯୋଗୀ ଯେ, ଯେକୌଣସି ସ୍ଥାନରେ ଯେତେବେଳେ ବି ଇଚ୍ଛା ପ୍ରକଟ ହୋଇପାରନ୍ତି ଶୁଣି ସେବି ଆଉ ଷ୍ଟାଫ୍‌ମାନେ ଆଶ୍ଚର୍ଯ୍ୟ ହେଉଥିଲେ। ମାଡାମ୍, ଆପଣ ଏ ଏକବିଂଶ ଶତାବ୍ଦୀରେ ବି ଏସବୁ କଥା କେମିତି ଭାବିପାରିଲେ, ଆମେ ଆଶ୍ଚର୍ଯ୍ୟ ହେଉଛୁ। କୋଉ ହିମାଳୟର ଯୋଗୀ ନୁହେଁ, ସଦାନନ୍ଦ ହିଁ ଆପଣଙ୍କୁ ଭୁଆଁ ଭୁଲେଇଛି। ଆପଣଙ୍କ ଚାମ୍ବରରେ ସେ ଫ୍ଲାୱାର ଭେସ୍ ଭିତରେ ସେ ଗୋଟେ ମାଇକ୍ରୋଚିପ୍ ରଖିଥିଲା। ଫଳରେ ଆପଣ କ'ଣ ପିନ୍ଧିଛନ୍ତି, କ'ଣ କଥା ହେଉଛନ୍ତି, ସେ ଜାଣିପାରୁଥିଲା। ଆଉ ତା'ପରେ ହିମାଳୟର ମହାଯୋଗୀ ହେଇ ଆପଣଙ୍କ ସହ କଥା ହେଉଥିଲା। ସେମିତି ଆପଣଙ୍କୁ ଯେ ଯେଉଁ ଲମ୍ବା ଝରାକାନଫୁଲ୍ ଦେଇଥିଲା, ସେଥିରେ ବି ଚିପ୍ ଲାଗିଥିଲା। ଫଳରେ ଘରେ ବି ଆପଣ ଯାହା କରୁଥିଲେ, ସେ ଜାଣିଯାଉଥିଲା। ତା' କଥାରେ ଆପଣ ଏମିତି ଭଳିଗଲେ ଯେ ଜଣେ ସାଧାରଣ କ୍ଲର୍କ ଯିଏ କି ବର୍ଷକୁ ମୋତେ (୩/୪)ଲକ୍ଷ ଦରମା ପାଉଥିଲା, ତାକୁ ଆପଣ ପ୍ରଥମେ ଦେଢ଼କୋଟି ଆଉ ଏବେ ବର୍ଷକୁ ଚାରିକୋଟିରେ ଆପଏଣ୍ଟମେଣ୍ଟ ଦେଇଛନ୍ତି।


ଚିତ୍ରପର୍ଣ୍ଣା ତଳକୁ ମୁହଁ କରି ବସିଥିଲେ। ଜେଲ୍‌ର ଚାରିକାନ୍ଥ ଭିତରେ ନିଜକୁ ଭାବି ଭୋ ଭୋ ହେଇ କାନ୍ଦିଥିଲେ। ବ୍ୟସ୍ତ ହୁଅନ୍ତୁ ନାହିଁ, କହିଲେ ସିବିଆଇ ଅଫିସର୍। ସେ ହିମାଳୟର ଯୋଗୀ ଓରଫ୍ ସଦାନନ୍ଦ ବି ଆଜି ଚେନ୍ନାଇରୁ ଗିରଫ୍ ହେଇଛି। ଜେଲ୍‌ରେ ଆପଣଙ୍କ ଦିବ୍ୟପୁରୁଷଙ୍କ କଥା ଶୁଣିବେ।

ରାଜ୍ୟର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ନିଜ ପାଇଁ ସୁଖ ଖୋଜିଲେ ଏହିଭଳି ହିଁ ହୋଇଥାଏ, କହି ଉଠିଗଲେ ସିବିଆଇ ଅଫିସର୍...।


+ ଫକୀରମୋହନ ନଗର,
ଆଇଟିଆଇ ଛକ
ବାଲେଶ୍ୱର-୧
ମୋ : ୮୨୬୦୦୪୩୬୯୨


ସତ୍ୟନାରାୟଣ ପ୍ରଧାନ

# ସ୍ୱର୍ଗ ଖୁସି



ବାପା ମାଆର ଗୋଟେ ବୋଲି ପୁଅ ଯେତେବେଳେ ଯାହା ଇଚ୍ଛା କରିଛି ତାକୁ ସବୁ ମିଳିଛି । ପାଠ ପଢ଼ି ତାର ଚାକିରୀ ହେଲାନାହିଁ ବୋଲି ବାପା ଏବେ ବି କାମ କରି ରୋଜଗାର ଟଙ୍କାରେ ପରିବାର ଚଳାଇବା କେବେ ଛାଡି ନାହାଁନ୍ତି । ଘରେ କେତେ ମନ କରିଥିଲେ ପୁଅକୁ ଭଲ ଝିଅଟିଏ ଦେଖି ବାହା କରିବାକୁ । ସେ କିନ୍ତୁ ନିଜ ପସନ୍ଦ ଅନୁସାରେ ବିବାହ କରିବାକୁ ନିଷ୍ପତ୍ତି ଜଣାଇ ଦେଇଥିଲା ।

ପୁଅ ତ ଆଉ କାହାକୁ କହିବେ କ'ଣ ଆଜିର ସମାଜ ଯେପରି ହେଲାଣି କାଳେ କିଛି ଘଟିବା ଆଗରୁ ତାର ବିବାହ କାମ ସରି ଯାଇଥିଲା । ବୋହୂ ଦେଖିବାକୁ ସୁନ୍ଦର ଥିଲା କିନ୍ତୁ ତାର ବ୍ୟବହାରରେ ଅନ୍ୟମାନଙ୍କ ପ୍ରତି ଆନ୍ତରିକତା ଦେଖିବାକୁ ମିଳି ନ ଥିଲା । ଘରକୁ କେହି ବନ୍ଧୁ ବାନ୍ଧବ ଆସିଲେ ସେ ଖୁସି ହୋଇ କଥା ହେବା ବଦଳରେ ଦେଖା କରିବାକୁ ଆସନ୍ତି ନାହିଁ ।

ବାପା ମାଆ ପୁଅ ତ ବାହା ହୋଇଛି କାହାକୁ କହି କି ଲାଭ । ପୁଅ ବି ବିବାହ ପରେ ବଦଳି ଯାଇଥିଲା ତାର ବାପା ମାଆଙ୍କ ପ୍ରତି ଥିବା କର୍ତ୍ତବ୍ୟ ପାଳନ କରିବାରୁ ଓହରି ବାହାନା କରିବା ଆରମ୍ଭ କରି ଦେଇଥିଲା । ବାପା ତ ସକାଳେ କାମକୁ ଗଲେ ସନ୍ଧ୍ୟାରେ ଯାଇ ଘରକୁ ଫେରନ୍ତି । ବୋହୂର ବାପଘର ନିକଟରେ ହୋଇଥିବାରୁ ସ୍ୱାମୀ ତାର ସ୍ତ୍ରୀ କଥାରେ ବାଟ ଚାଲି ତୁରନ୍ତ ଛାଡି ଦେଇ ଚାଲି ଆସିଥିଲା ।

ଘରେ ବଢିଲା ଭଉଣୀଟିଏ ଥିଲା କିନ୍ତୁ ଭାଇ କୌଣସି ଚାପ ନେବାକୁ ପ୍ରସ୍ତୁତ ନ ଥିଲା । ପୁଅ କିଛି କରି ନ ପାରି ଏକା ଥରେ ରାତିରେ କୋଟିପତି ହେବାର ନିଶା ତାକୁ ଘାରି ଦେଇଥିଲା । ସେ ଗାଁର ସାଙ୍ଗ ମାନଙ୍କ ସହିତ ଟେଣ୍ଡର ପଡି ନୂଆ କାମ ହେଉଥିବା ଜାଗାରେ ଆଞ୍ଚଳିକ ଲୋକ କହି ଦୁଇ ପଇସା ହାତ ଖର୍ଚ୍ଚ ସେମାନଙ୍କର ହୋଇ ଯାଉଥିଲା ।

ଘରେ ତାର ମାଆର ଦେହ ଚାରି ଦିନ ହେବ ଭାରି ଖରାପ ଯେତେ ଔଷଧ ଖାଇଲେ ବି ମୋଟେ ଭଲ ହେଉ ନ ଥିଲା । ରାସ୍ତା କଡରେ ବସି ଗୁଲି ଗପ ମାରୁଥିବା ସମୟରେ ପାଖରେ ଗୋଟେ ଗାଡି ଲାଗିଲା । ଗାଡି ଭିତରୁ ଜଣେ ଲୋକ ବସିବା ପାଇଁ କହି ନୂଆ ଜାଗା ଦେଖାଇବା ଲାଗି ସେମାନଙ୍କୁ ନେଇ ଯାଇଥିଲା । ସେଠାରେ ସେମାନଙ୍କ କାମ ଥିଲା ଖାଲି  ଦିନେ ଦୁଇ ଦିନରେ ଥରେ ବୁଲି ଯିବା କାରଣ ପାଖ ଲୋକ ବୋଲି ଅନ୍ୟମାନେ ଜାଣିଲେ ଆଉ ଅସୁବିଧା ଆସିବ ନାହିଁ ।

ଲୋକଟି ସେମାନଙ୍କ ସହ କଥା ହୋଇ ବୁଝାଇବା ପରେ ପୁଣି ଆଣିଥିବା ଜାଗାରେ ପହଞ୍ଚାଇ ଦେଲା । ଅଚାନକ ତା ମୋବାଇଲକୁ କଲ୍ ଆସିଲା ତାର ମାଆ ଦେହ ଭଲ ଥିଲା ବେଳେ ପୁଣି ବିଗିଡି ଯାଇଛି । ସେ ଏ ସବୁ ଶୁଣି ସେମାନଙ୍କ ଠାରୁ ବିଦାୟ ନେଲାବେଳେ ଜୀବନରେ ଆଜି ନ ହେଲେ କାଲି ଟଙ୍କା ମିଳିଯିବ କିନ୍ତୁ ମାଆ ଅନେକ ଥର ଆଉ ମିଳିବ ନାହିଁ ସେମାନଙ୍କୁ କହି ଦେଇ ବିଜୁଳି ବେଗରେ ଛାଡି ଚାଲି ଯାଇଥିଲା ।

ସେ ପଦେ କଥା ଶୁଣି ମନ ତାର ବଦଳି ଯାଇଥିଲା ଘରକୁ ଯାଇ ତାର ଦେହ ଭଲ ହୋଇ ନ ଥିଲେ ଯେତେ ଟଙ୍କା କରଜ କରିବାକୁ ପଡୁ ପଛେ ତାକୁ ନେଇ ବଡ଼ ଡାକ୍ତରଖାନରେ ଦେଖାଇବ ଚିନ୍ତା କରିଥିଲା । ଘରେ ପହଞ୍ଚିଲା ବେଳକୁ ଆଖ ପାଖର ଲୋକ ଗଦା ହୋଇଥିଲେ । ସେମାନଙ୍କୁ ଆଡେଇ ଦେଖିଲା ବେଳକୁ ମାଆର ନିଶ୍ୱାସ ଚାଲିଯିବା ଉପରେ ସେ ଖାଲି ହାତ ଠାରି ପୁଅକୁ ଡାକୁଥିଲା ।


ସେ ତା ମାଆର ଏପରି ଅବସ୍ଥା ସହି ନ ପାରି ଯେତେ ଟଙ୍କା ପଡୁ ପଛେ ନିଜକୁ ବିକ୍ରି କରି ଦେବାକୁ ପ୍ରସ୍ତୁତ ହୋଇ ଯାଇ ସହରକୁ ବଡ଼ ଡାକ୍ତର ଖାନରେ ଯାଇ ଚିକିତ୍ସା କରାଇବା ପାଇଁ ପଛଘୁଞ୍ଚା ଦେଇ ନ ଥିଲା । ସେଥିପାଇଁ ଯେ କୌଣସି ପରିସ୍ଥିତି ଆସିଲେ ମଧ୍ୟ ତାକୁ ହସି ସାମ୍ନା କରିବାକୁ ପ୍ରସ୍ତୁତ ହୋଇ ଯାଇଥିଲା । ରୋଗୀଙ୍କ ପାଇଁ ସୁବିଧା ସୁଯୋଗ ମାଗଣାରେ ଉପଲବ୍ଧ ଥିବାରୁ ତାକୁ ବାକି ଯାହା ଅଳ୍ପ  ଖର୍ଚ୍ଚ ଉଠାଇବାକୁ ପଡିଥିଲା । ମାଆର ଦେହ ଭଲ ହୋଇ ଯିବାରୁ ସେ ଖାଇ ସାରି ସେଇ ମାଆର ପଣତରେ ମୁହଁ ପୋଛି ଦେଲା ବେଳେ ସ୍ୱର୍ଗ ଖୁସି ପାଇଗଲା ପରି ଅନୁଭବ କରୁଥିଲା ।


+ ସା /ପୋ - ଅଣ୍ଟିଆ
ଭାୟା - ଜେନାପୁର
ଜିଲ୍ଲା - ଯାଜପୁର
ପିନ୍ -୭୭୫୫୦୨୩
ମୋ -୯୧୭୮୩୧୩୬୪୪


ଘନଶ୍ୟାମ ପଲେଇ

# କେନ୍ଦୁଝରର ମହାରାଜା ଧନୁର୍ଜୟ ନାରାୟଣ ଭଞ୍ଜ





ମହାରାଜା ଗଦାଧର ନାରାୟଣ ଭଞ୍ଜଙ୍କ ତିନିରାଣୀ ଥିଲେ। ପାଟରାଣୀ ବିଷ୍ଣୁପ୍ରିୟା ମହାଦେବୀ ଓ ମଧ୍ୟମା ରାଣୀଙ୍କର କୌଣସି ସନ୍ତାନ ନଥିଲା। କିନ୍ତୁ ସାନରାଣୀ କମଳା ଦେବୀ(ଯାହାଙ୍କୁ ରାଜା ଫୁଲ ବିବାହୀ କରିଥିଲେ)ଙ୍କର ଧନୁର୍ଜୟ ଓ ଚନ୍ଦ୍ରଶେଖର ନାମରେ ଦୁଇ ପୁତ୍ର ଥିଲେ। ଧନୁର୍ଜୟ ନାରାୟଣ ଭଞ୍ଜ ୧୮୫୦ ମସିହା ଜୁନ ମାସ ୨୭ ତାରିଖରେ ଜନ୍ମ ଗ୍ରହଣ କରିଥିଲେ।

ମହାରାଜା ଗଦାଧର ନାରାୟଣ ଭଞ୍ଜ ଦେବ ତୀର୍ଥଯାତ୍ରା ଉଦ୍ଦେଶ୍ୟରେ ତ୍ରିବେଣୀ ସଙ୍ଗମକୁ ଯାଇଥିଲେ। ସେଠାରେ ୧୮୬୧ ମସିହା ମାର୍ଚ୍ଚ ମାସ ୧୨ ତାରିଖରେ ସେ ପରଲୋକ ଗମନ କଲେ। ତାଙ୍କର ମୃତ୍ୟୁ ବେଳକୁ ଧନୁର୍ଜୟ ନାରାୟଣ ଭଞ୍ଜଙ୍କୁ ମାତ୍ର ୧୧ ବର୍ଷ ହେଇଥିଲା। ୧୮୬୧ ମସିହା ଅପ୍ରେଲ ମାସ ୩ ତାରିଖରେ ଧନୁର୍ଜୟ ନାରାୟଣ ଭଞ୍ଜଙ୍କୁ ରାଜ ସଂହାସନରେ ବସାଗଲା। ମାତ୍ର ଏକ ସପ୍ତାହ ପରେ ମୟୂରଭଞ୍ଜ ମହାରାଜା ଯଦୁନାଥ ଭଞ୍ଜ ଘୋଷଣା କଲେ ଯେ ତାଙ୍କ ପୁତ୍ର ବୃନ୍ଦାବନ ଚନ୍ଦ୍ର କେନ୍ଦୁଝରର ସ୍ୱର୍ଗତ ମହାରାଜା ଓ ତାଙ୍କର ମହାରାଣୀଙ୍କର ପୋଷ୍ୟପୁତ୍ର ହୋଇଥିବାରୁ ସେ ଗାଦିରେ ବସି ରାଜା ହେବାକୁ ଏକମାତ୍ର ହକ୍?ଦାର୍ ଅଟନ୍ତି। ଏହା ପରେ କେନ୍ଦୁଝର ରାଜସିଂହାସନ ଅଧିକାର ନିମନ୍ତେ ବାଦ ବିସମ୍ବାଦ, ମାଲିମକୋଦ୍ଦମା ଓ ମେଳିମାଦଳ ଆରମ୍ଭହେଲା।

ଶେଷରେ ମକୋଦ୍ଦମା ହେଲା। ଇଂରେଜ ସରକାର ପାଟରାଣୀଙ୍କ କଥା ଶୁଣିଲେ ନାହିଁ। ଧନୁର୍ଜୟ ମଧ୍ୟ ନାବାଳକ ବୋଲି ଗାଦିରେ ବସିବାକୁ ଦେଲେ ନାହିଁ। ରାଜ୍ୟ ଶାସନ ନିଜ ହାତକୁ ନେଇଗଲେ। ୧୮୬୧ ରୁ ୧୮୬୭ ଶେଷ ପର୍ଯ୍ୟନ୍ତ କେନ୍ଦୁଝର ଗଡଜାତ ରାଜାବିହୀନ ହୋଇ କୋର୍ଟଅଫ୍? ୱାର୍ଡସରେ ଇଂରେଜ ଶାସନାଧିନ ହୋଇ ରହିଲା। ଏହି ସମୟରେ ଡେପୁଟି କଲେକ୍ଟର ଗୋପାଳ ବଲ୍ଲଭ ଦାସ କେନ୍ଦୁଝରର ପ୍ରଶାସନ ଦାୟିତ୍ୱ ନିଭାଇଥିଲେ। ତାଙ୍କ ପରେ କ୍ୟାପଟେନ ଜନଷ୍ଟନ କେନ୍ଦୁଝରର ପ୍ରଶାସନ ଦାୟିତ୍ୱରେ ନିଯୁକ୍ତ ହୋଇ ଆସିଲେ। ତାଙ୍କ ସମୟରେ ଶିକ୍ଷାର ପ୍ରସାର ପାଇଁ ଅନେକ ସ୍କୁଲ ସ୍ଥାପନା ହୋଇଥିଲା। ଜୁଆଙ୍ଗମାନଙ୍କୁ ଲୁଗାପିନ୍ଧା ଶିଖାଇଥିଲେ। ଜନଷ୍ଟନ ସାହେବ ବହୁ ଜନ ହିତକର କାର୍ଯ୍ୟ କରିଥିବାରୁ କେନ୍ଦୁଝର ଗଡର ଗୋଟିଏ ସାହିର ନାମ ଜନଷ୍ଟନ ଗଞ୍ଜ ନାମରେ ନାମିତ ହୋଇ ଅଛି।

୧୮୬୮ ମସିହା ଫେବୃୟାରୀ ୧୩ ତାରିଖରେ ଅନିଚ୍ଛା ସ୍ୱତ୍ତ୍ୱେ ମହାରାଣୀ ରାଜା ଧନୁର୍ଜୟଙ୍କୁ କେନ୍ଦୁଝରର ରାଜା ଭାବେ ଗ୍ରହନ କରି ତାଙ୍କ ମୁଣ୍ଡରେ ଶାଢୀ ବାନ୍ଧିଲେ। ତାଙ୍କ ଉପସ୍ଥିତେରେ ଅପୂର୍ବ ବିଧିବିଧାନରେ ରାଜାଙ୍କ ଅଭିଷେକ ହେଲା। ସେଦିନ ପାହାଡି ଭୂୟାଁମାନେ ତାଙ୍କର ନେତା ବା ମହାନାୟକଙ୍କ ସହିତ ନିଜର ବାଦ୍ୟଯନ୍ତ୍ରମାନ ଧରି ରାଜାଙ୍କ ପ୍ରାସାଦରେ ଉପସ୍ଥିତ ହେଲେ। ତା'ପରେ ମହାନାୟକ ତାଙ୍କ ଗୋଷ୍ଠୀର ଆନୁଗତ୍ୟ ଜଣାଇବା ପାଇଁ ରାଜାଙ୍କୁ ଗୋଟିଏ ଲାଉ ଉପହାର ଦେଲେ। ପରେ ପରେ ମହାନାୟକ ଜଣକ ନିଜର ଦୁଇ ଆଣ୍ଠୁ ଓ ଦୁଇ ହାତରେ ଭରାଦେଇ ଘୋଡାପରି ଆଣ୍ଠେଇ ରହିଲେ। ତାଙ୍କ ପିଠି ଉପରେ ରାଜା ବସିବା ପରେ ସେ ତାଙ୍କୁ ରାଜଗାଦି ରଖାଯାଇଥିବା ଘର ଭିତରକୁ ନେଲେ। ଏହି ସମୟରେ ଅନ୍ୟ ଜଣେ ଭୂୟାଁ ନେତା ଦେବୀ ରୂପରେ ପୂଜିତ ହୋଇଥିବା ଗୋଟିଏ ନୂଆ କଳସ ଉପରେ ଫୁଲ ଚଢାଇଲେ। ସେମାନେ ସିଆଳି ଲତାରେ ତିଆରି କରି ଆଣିଥିବା ଗୋଟିଏ ମୁକୁଟ ରାଜାଙ୍କ ମଥାରେ ରଖିବା ପରେ ସଙ୍ଗେସଙ୍ଗେ ସୀମ ଲତାରେ ତିଆରି ପଇତାଟିଏ ତାଙ୍କ କାନ୍ଧରେ ରଖିଥିଲେ। ତା'ପରେ ରାଜାଙ୍କ କପାଳରେ ସେ ଚନ୍ଦନ ଟୋପା ଲଗାଇଲେ। ତା'ର ଠିକ୍ ପରେ ପରେ ଗାଁର ମୁଖିଆ ନିଜକୁ ରାଣା ବୋଲି ସମ୍ବୋଧନ କରି ରାଜାଙ୍କ ହାତକୁ ଗୋଟିଏ ଖଣ୍ଡା ବଢାଇ ଦେଇ କହିଲେ- " ଲୋକଙ୍କର ମୁଣ୍ଡ କାଟିବା ପାଇଁ ଆଜି ତୁମକୁ ଅଭିଷକ୍ତ କଲୁ। ତୁମ ଇଚ୍ଛାନୁସାରେ ଯାହା କରିପାରିବ"। ତା'ପରେ ସେଠାରେ ଉପସ୍ଥିତ ସମସ୍ତ ଭୂୟାମ ସର୍ଦ୍ଦାରମାନେ ଚାଉଳ, ମୁଗ, ଘିଅ ରଖାଯାଇଥିବା ପାତ୍ର,କ୍ଷୀର,ମହୁ ଓ ଅନ୍ୟାନ୍ୟ ଜିନିଷ ଜଣକ ପରେ ଜଣେ ଛୁଇଁ ରାଜାଙ୍କୁ ଉପହାର ଦେଲେ। ଏହି ଉତ୍ସବର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଜଣେ ବ୍ରାହ୍ମଣ ପୁରୋହିତ ସାମବେଦ ମନ୍ତ୍ର ଉଚ୍ଚାରଣ କରୁଥିଲେ।

ଏହି ସମୟରେ ମହାରାଣୀ ବିଷ୍ଣୁପ୍ରିୟାଙ୍କ ପ୍ରୋରଚନାରେ ରାଜା ଧନୁର୍ଜୟଙ୍କ ବିରୁଦ୍ଧରେ ଏକ ବିଦ୍ରୋହ କରିଥିଲେ। ୧୮୬୮ ମସିହାର ଏହି ବିଦ୍ରୋହର ନେତୃତ୍ୱ ନେଇଥିଲେ ରତ୍ନା ନାଏକ। ଏହା ରତ୍ନାମେଳି ନାମରେ ଖ୍ୟାତ।

ମହାରାଜା ଧନୁର୍ଜୟ ନାରାୟଣ ଶେଷଜୀବନରେ ମହିମା ଧର୍ମ ଗ୍ରହଣ କରିବା ସହ ଦେବବ୍ରାହ୍ମଣ ଭକ୍ତ ପାଲଟି ଯାଇଥିଲେ। ତାଙ୍କ ଅମଳରେ କେନ୍ଦୁଝରର ବହୁତ ଉନ୍ନତି ହୋଇଥିଲା। କିନ୍ତୁ ଦୁଇ ଦୁଇଥର ପ୍ରଜାମେଳି(ରତ୍ନା ମେଳି ଓ ଧରଣୀ ବିପ୍ଲବ) ହେତୁ ସେ ଅନେକ କଷଣ ଭୋଗିଥିଲେ। ରାଜ୍ୟ ବାହାରୁ ଢେର୍ ମାନ ସମ୍ମାନ ପାଇଥିଲେ ବି ରାଜ୍ୟ ମଧ୍ୟରୁ ବହୁ ଅପମାନ ମୁଣ୍ଡାଇ ୫୫ ବର୍ଷ ବୟସରେ ୨୭.୧୦.୧୯୦୫ ଶୁକ୍ରବାର (ପୟା ଅମାବାସ୍ୟା) ଦିନ ଇହଲୀଳା ସମ୍ବରଣ କଲେ।


+ ଆମୁଣି, ହାଣ୍ଡିଭଙ୍ଗା,
କେନ୍ଦୁଝର-୩୧,
ମୋ-୯୪୩୭୭୧୮୫୦୦

# ତ୍ରୟବାର୍ଷିକୀ ସମ୍ମିଳନୀ ନେଇ ଜୟପୁରଠାରେ ବୈଠକ

କୋରାପୁଟ, ୭/୦୬ (ନି.ପ୍ର): ଓଡ଼ିଶା ଅମଲା ସଂଘର ୧୭ ତମ ତ୍ରୟୋବାର୍ଷିକି ସମ୍ମିଳନିକୁ ନେଇ ଜୟପୁର ଯାଦବ ଭବନ ଠାରେ ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି । ଓଡ଼ିଶା ଅମଲା ସଂଘ ଆଂଚଳିକ ସମ୍ପାଦକ କୈଳାଶ ସାମନ୍ତରାୟଙ୍କ ଦ୍ୱାରା ଆୟୋଜିତ ବୈଠକରେ ଓଡ଼ିଶା ଅମଲା ସଂଘର ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଶଶୀ ଭୂଷଣ ଦାସ ଯୋଗଦାନ କରିବା ସହିତ ସଂଘର କାର୍ଯ୍ୟକାରିଣୀ ସଦସ୍ୟମାନେ ଯୋଗଦାନ କରିଥିଲେ । ଏଥି ପୂର୍ବରୁ ଓଡ଼ିଶା ଅମଲା ସଂଘର ତ୍ରୟୋବାର୍ଷିକି ସମ୍ମିଳନି କୋରାପୁଟ ଜିଲ୍ଲାରେ କରିବା ନିମନ୍ତେ ଶ୍ରୀ ଦାଶ୍ ବାରମ୍ୱାର ରାଜ୍ୟ ସଂଘର ଦୃଷ୍ଟି ଆକର୍ଷଣ କରିବା ସହିତ ଜୟପୁର ଠାରେ ବୈଠକ ଡାକିଥିଲେ । ସାମ୍ବାଦିକ ସମ୍ମିଳନୀ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅପରପକ୍ଷରେ କିଛି କୁଚକ୍ରାନ୍ତକାରୀ ଅମଲା, ରାଜସ୍ୱ ଅମଲା ଓ ଜଣେ ଅବସରପ୍ରାପ୍ତ ରାଜସ୍ୱ ଅମଲା ଯେଉଁଭଳି ଭାବରେ କୁଚକ୍ରାନ୍ତ କରି ହଜାର ହଜାର ଅମଲାଙ୍କ ଆଖିରେ ଧୂଳି ଦେଇ ପୁରୀ ଠାରେ ଏକ ତ୍ରୟବାର୍ଷିକି ସମ୍ମିଳନି କରିବା ସହିତ ଲୁକ୍କାୟିତ ଭାବେ କର୍ମକର୍ତା ଚୟନ କରି ଘୋଷଣା କରିଥିଲେ । ଏହାକୁ ସମଗ୍ର ଜିଲ୍ଲାର ଅମଲା ମାନେ ବିରୋଧ ପ୍ରଦର୍ଶନ କରିବା ସହିତ ଆନ୍ଦୋଳନ କରି ଏହାକୁ ସ୍ଥଗିତ କରାଇଥିଲେ । ଏହା ଶ୍ରୀ ଦାଶ୍ ସମସ୍ତଙ୍କୁ ଅବଗତ କରାଇବା ସହିତ ଉକ୍ତ ଚୟନ ପ୍ରକ୍ରିୟାରେ ୫ ଲକ୍ଷ ଟଙ୍କା କାରବାର ହୋଇଥିବାର ସୂଚନା ମିଳୁଥିବା ସମସ୍ତଙ୍କୁ ଅବଗତ କରାଇଥିଲେ । ଜଣେ ଅବସରପ୍ରାପ୍ତ ରାଜସ୍ୱ ଅମଲା ଏସବୁ କରାଇଥିବା ସୂଚନା ମିଳିଛି ବୋଲି ଶ୍ରୀ ଦାଶ୍ ପ୍ରକାଶ କରିଥିଲେ । ଏନେଇ ଉଚ୍ଚ ନ୍ୟାୟାଳୟରେ ଏକାଧିକ ମାମଲା ରୁଜୁ ହୋଇଥିବା ଶ୍ରୀ ଦାଶ ପ୍ରକାଶ କରିଥିଲେ । ତେଣୁ ସମସ୍ତଙ୍କ ମତାମତକୁ ଆଧାର କରି ବିଭିନ୍ନ ଜିଲ୍ଲାର କର୍ମକର୍ତାଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ସମସ୍ତଙ୍କ ମତାମତକୁ ଆଧାର କରି ହୁଏ ତ କୋରାପୁଟ ଜିଲ୍ଲାରେ ତ୍ରୟବାର୍ଷିକି ସମ୍ମିଳନୀ କରି ଅସମ୍ପୂର୍ଣ୍ଣ ରହିଥିବା ତ୍ରୟବାର୍ଷିକି ସମ୍ମିଳନିର କୋରାପୁଟ ଜିଲ୍ଲାରେ ଅତି ଶିଘ୍ର ମୁଣ୍ଡି ମାରିବା ନେଇ ସୂଚନା ଦେଇଥିଲେ ।

# କୋରାପୁଟରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭର୍ଚୁଆଲ୍ ମାଧ୍ୟମରେ ୧୨ଟି ଜିଏମଏପିଭି ବିଦ୍ୟାଳୟର ନୂତନ ଭବନ ଶିଳାନ୍ୟାସ

ଜୟପୁର, ୭/୦୬ (ନି.ପ୍ର): କୋରାପୁଟ ଜିଲ୍ଲାର ୧୨ଟି ଚୟନିତ ଜିଏମଏପିଭି ବିଦ୍ୟାଳୟର ନୂତନ ଭବନ ନିର୍ମାଣ ପାଇଁ ଆଜି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭର୍ଚୁଆଲ୍ ମାଧ୍ୟମରେ ଶିଳାନ୍ୟାସ କରିଛନ୍ତି । ତତ୍ ସହିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନରତ ଦଶମ ଶ୍ରେଣୀ ଛାତ୍ରୀ ସହିତ କଥା ହୋଇଥିଲେ । ବଡ ହେଲେ ତୁମେ କ'ଣ ହେବ ବୋଲି ଏବଂ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ହେଲେ କ'ଣ ସବୁ ସୁବିଧା ମିଳିବ ବୋଲି ପଚାରିଥିଲେ । ଲମତାପୁଟ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ, ମାଛକୁଣ୍ଡ ଠାରେ ଦୁଇମୁଖୀ ସମ୍ପ୍ରସାରଣର ଆୟୋଜକ ବିଦ୍ୟାଳୟ ଭାବେ ଚୟନ କରାଯାଇଥିଲା । ସେହିପରି ଜିଲ୍ଲାର ୧୨ଟି ଚୟନିତ ବିଦ୍ୟାଳୟର ସରକାରୀ ଅନଲାଇନ୍ ସଭାଗୃହରେ ଏହି କାର୍ଯ୍ୟକ୍ରମ ପ୍ରତ୍ୟକ୍ଷ ପ୍ରସାରଣ କରାଯାଇଥିଲା ଓ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଉପସ୍ଥିତ ରହି କହିଲେ, 'ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ କୋରାପୁଟ ଜିଲ୍ଲାର ବିଦ୍ୟାଳୟ ଗୁଡିକର ଭିତିଭୂମି ଉନ୍ନତ ହେଉଛି । ନୂତନ ଭବନ ନିର୍ମାଣ ପରେ ଛାତ୍ରଛାତ୍ରୀମାନେ ଆଧୁନିକ ସୁବିଧା, ପ୍ରଯୁକ୍ତି ବିଦ୍ୟା ସହ ଗୁଣାତ୍ମକ ଶିକ୍ଷା ପାଇପାରିବେ ।' ଏହା ବ୍ୟତୀତ କୋରାପୁଟର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭଗବାନ ମୁଦୁଲି, ଲମତାପୁଟ ବ୍ଲକ ଅଧ୍ୟକ୍ଷ ତାପସ କୁମାର ଚାଲାନ, ଟିକେନପୁଟ ସରପଂଚ ସୁନାଧର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ ।

# ନାଗୁଲୁରଠାରେ ଥିବା ଜାଫ୍ରା ନର୍ସରୀ ପରିଦର୍ଶନ କଲେ ଜିଲ୍ଲାପାଳ

ମାଲକାନଗିରି, ୭/୦୬ (ନି.ପ୍ର): ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଆଜି ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ପପୁଲୁର ଗ୍ରାମପଂଚାୟତର ନାଗଲୁର ଗ୍ରାମରେ ଅବସ୍ଥିତ ଜାଫ୍ରା ନର୍ସରୀ ପରିଦର୍ଶନ କରିଥିଲେ । ଏହି ନର୍ସରୀକୁ ଆଇଟିଡିଏ ମାଲକାନଗିରି ପକ୍ଷରୁ ସେତୁ କାର୍ଯ୍ୟକ୍ରମ ଅଧୀନରେ କାର୍ଯ୍ୟାନ୍ୱୟନ କରାଯାଇଛି । ଚିତ୍ରକୋଣ୍ଡା ବ୍ଲକ ଅଂଚଳରେ ମୋଟ୍ ୩ଟି ଜାଫ୍ରା ନର୍ସରୀ ସ୍ଥାପିତ ହୋଇଥିବା ବେଳେ ସେଥିରେ ପ୍ରାୟ ୮ ଲକ୍ଷ ଚାରା ଉତ୍ପାଦନ କ୍ଷମତା ରହିଛି । ଜିଲ୍ଲାପାଳ ନର୍ସରୀରେ ଚାରାଗୁଡିକର ସ୍ଥିତି ଓ ରକ୍ଷଣାବେକ୍ଷଣ ଦେଖି ଅତ୍ୟନ୍ତ ସନ୍ତୋଷ ପ୍ରକାଶ କରିଥିଲେ । ଏହି ପରିଦର୍ଶନ ଦଳରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ହଳଧର ଶବର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅନିଲ ପ୍ରହରାଜ ଏବଂ ପ୍ରକଳ୍ପ ପରିଚାଳକ ଆଇଟିଡିଏ ବିଶ୍ୱନାଥ ମିଶ୍ର ଉପସ୍ଥିତ ଥିଲେ । ଜିଲ୍ଲାପାଳ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ଖାଲ ଖୋଳା ଓ ଚାରା ରୋପଣ କାର୍ଯ୍ୟ ସମୟସୀମା ମଧ୍ୟରେ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଜାଫ୍ରା ଚାଷୀମାନଙ୍କ ଠାରୁ ଜାଫ୍ରା ମଞ୍ଜି ସଠିକ ଭାବେ କ୍ରୟ ଓ ବିପଣନ ପାଇଁ ଏକ ଜାଫ୍ରା ମଣ୍ଡି ସ୍ଥାପନ କରିବାକୁ ପ୍ରକଳ୍ପ ପ୍ରଶାସକ ଆଇଟିଡିଏଙ୍କୁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ପପୁଲୁର ଗ୍ରାମପଂଚାୟତର ସ୍ଥାନୀୟ ଲୋକମାନେ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ପାନୀୟ ଜଳ ଓ ଜଳସେଚନ ସୁବିଧା ପାଇଁ ଗ୍ରାଭିଟି ଭିତିକ ପାଇପ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ । ଏହା ସହିତ ସେମାନେ ଏଫଆରଏ ପଟ୍ଟା ପ୍ରଦାନ ସମ୍ପର୍କରେ ମଧ୍ୟ ଦାବି ଉଠାଇଥିଲେ । ଏହାର ଉତରରେ ଜିଲ୍ଲାପାଳ ୭୫ ବର୍ଷରୁ ଅଧିକ ସମୟ ଧରି ଦଖଲରେ ଥିବା ଜମି ସମ୍ବନ୍ଧୀୟ ତଥ୍ୟ ଦାଖଲ କରିବାକୁ ପରାମର୍ଶ ଦେଇଥିଲେ । କୋଣ୍ଡା ରେଡ୍ଡି ସମ୍ପ୍ରଦାୟର ଲୋକମାନେ ଜାଫ୍ରା ଚାଷ ମାଧ୍ୟମରେ ଜୀବିକା ନିର୍ବାହ କରିବା ପାଇଁ ସମ୍ମତି ପ୍ରକାଶ କରିଥିବା ସହ ଯଦି ଜାଫ୍ରା ଚାଷ ପାଇଁ ସହଯୋଗ ମିଳେ ତେବେ ଗଞ୍ଜେଇ ଚାଷ କରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପରିଦର୍ଶନ ଶେଷରେ ଜିଲ୍ଲାପାଳ ଜାଫ୍ରା ଚାଷୀ ଓ ହିତାଧିକାରୀମାନଙ୍କ ସହ ଗ୍ରୁପ ଫଟୋ ଉଠାଇଥିଲେ ଏବଂ ଏହି ପ୍ରୟାସ ପ୍ରତି ସନ୍ତୋଷ ପ୍ରକାଶ କରି ସ୍ଥାନୀୟ ଲୋକଙ୍କୁ ସକ୍ରିୟ ଭାଗିଦାରି ପାଇଁ ଉତ୍ସାହିତ କରିଥିଲେ ।

# ବେଙ୍ଗାଲୁରୁରେ ଯୁଗ ପ୍ରବର୍ତ୍ତକ ଡକ୍ଟର ହେଡଗେୱାର ନାଟକର ମଂଚସ୍ଥ

ନୂଆଦିଲ୍ଲୀ,୭/୬ : ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର. ଏସ୍. ଏସ୍.) ର ପ୍ରତିଷ୍ଠାତା ଡ. କେଶବ ବଳିରାମ ହେଡଗେୱାରଙ୍କ ଜୀବନ, ବିଚାର ଏବଂ ଅବଦାନ ଉପରେ ଆଧାରିତ ହିନ୍ଦୀ ନାଟକ 'ଯୁଗ ପ୍ରବର୍ତ୍ତକ ଡ. ହେଡଗେୱାର' ଏବଂ ରାଷ୍ଟ୍ର ନିର୍ମାଣରେ ତାଙ୍କର ଅବଦାନକୁ ଶନିବାର ସନ୍ଧ୍ୟାରେ ବେଙ୍ଗାଲୁରୁର ୟେଲାହଙ୍କା ସ୍ଥିତ ଡ. ବି. ଆର୍. ଆମ୍ବେଦକର ଭବନରେ ସଫଳତାର ସହ ମଂଚସ୍ଥ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଦର୍ଶକ ଯୋଗ ଦେଇଥିଲେ ଏବଂ ନାଟକଟି ବେଶ୍ ଆଦୃତ ହୋଇଥିଲା । ମହାରାଷ୍ଟ୍ରର ନାଗପୁରର ନାଦବ୍ରହ୍ମ ନାଟ୍ୟ ଦଳ ବରିଷ୍ଠ ଥିଏଟର କଳାକାର ରବୀନ୍ଦ୍ର ସହସ୍ରବୁଦ୍ଧେଙ୍କ ନେତୃତ୍ୱରେ ଏହି ନାଟକର ଏକ ଚିତ୍ତାକର୍ଷକ ପ୍ରଦର୍ଶନ କରିଥିଲେ । ଏହି ନାଟକ ମାଧ୍ୟମରେ ଡକ୍ଟର ହେଡଗେୱାରଙ୍କ ଜୀବନର ବିଭିନ୍ନ ଦିଗ, ତାଙ୍କର ଜାତୀୟତାବାଦୀ ଚିନ୍ତାଧାରା, ସଂଗଠନ ନିର୍ମାଣର ଦୂରଦୃଷ୍ଟି ଏବଂ ସମାଜ ପ୍ରତି ତାଙ୍କର ଉତ୍ସର୍ଗୀକୃତତାକୁ ଜୀବନ୍ତ କରାଯାଇଥିଲା । ବରିଷ୍ଠ ଥିଏଟର କଳାକାର ସତୀଶ କେଖଲେ ଏହି ନାଟକରେ ଡକ୍ଟର ହେଡଗେୱାରଙ୍କ ଭୂମିକାରେ ଅଭିନୟ କରିଥିଲେ । ତାଙ୍କର ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ ଅଭିନୟ ଦର୍ଶକଙ୍କୁ ବିଶେଷ ଭାବରେ ପ୍ରଭାବିତ କରିଥିଲା । କଳାକାରମାନଙ୍କ ସଂଳାପ, ଅଭିବ୍ୟକ୍ତି ଏବଂ ଉପସ୍ଥାପନା ଶୈଳୀ ସମଗ୍ର ପ୍ରଦର୍ଶନରେ ଦର୍ଶକଙ୍କୁ ବାନ୍ଧି ରଖିଥିଲା । ଏହି କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ ଲୋକ ଯୋଗ ଦେଇଥିଲେ । ଦର୍ଶକମାନେ କେବଳ ନାଟକକୁ ଉପଭୋଗ କରିନଥିଲେ ବରଂ କଳାକାରମାନଙ୍କ ଚମତ୍କାର ଅଭିନୟ ଏବଂ ଉପସ୍ଥାପନାକୁ ମଧ୍ୟ ଉଚ୍ଚ ପ୍ରଶଂସା କରିଥିଲେ । ଏହି ଅବସରରେ ଦେଶପ୍ରେମ ଏବଂ ସାଂସ୍କୃତିକ ଚେତନାର ବାତାବରଣ ଦେଖିବାକୁ ମିଳିଥିଲା । ଆୟୋଜକଙ୍କ କହିବା ଅନୁଯାୟୀ, ରବିବାର ସନ୍ଧ୍ୟାରେ ବେଙ୍ଗାଲୁରୁର କାଦୁବୀସନହଲ୍ଲୀସ୍ଥିତ ନ୍ୟୁ ହରାଇଜନ୍ କଲେଜ ଅଫ୍ ଇଞ୍ଜିନିୟରିଂ କ୍ୟାମ୍ପସରେ ଏହି ନାଟକର ଆଉ ଏକ ମଂଚାୟନ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ସଂଘର କର୍ମୀ, ଛାତ୍ରଛାତ୍ରୀ ଏବଂ ବହୁ ସଂଖ୍ୟାରେ ନାଗରିକ ଯୋଗ ଦେବାର ସମ୍ଭାବନା ରହିଛି । ଡକ୍ଟର ହେଡଗେୱାରଙ୍କ ଜୀବନ ଦର୍ଶନ, ସାଂଗଠନିକ ମୂଲ୍ୟବୋଧ ଏବଂ ଯୁବପିଢ଼ିଙ୍କୁ ରାଷ୍ଟ୍ର ସେବାର ବାର୍ତ୍ତା ପ୍ରଦାନ କରିବା ଉଦ୍ଦେଶ୍ୟରେ, ଏହି ନାଟକ ଅତୀତରେ ଦେଶର ବିଭିନ୍ନ ସହରରେ ସଫଳତାର ସହ ମଂଚସ୍ଥ ହୋଇଛି । ବେଙ୍ଗାଲୁରୁରେ ମଧ୍ୟ ଏହାକୁ ଦର୍ଶକଙ୍କ ଉତ୍ସାହଜନକ ସମର୍ଥନ ଏବଂ ସକାରାତ୍ମକ ପ୍ରତିକ୍ରିୟା ମିଳୁଛି, ଯାହା ଆୟୋଜକ ଏବଂ କଳାକାରମାନଙ୍କ ଉତ୍ସାହ ବୃଦ୍ଧି କରିଛି । ଏହି ନାଟକ କେବଳ ଏକ ସାଂସ୍କୃତିକ ଉପସ୍ଥାପନା ନୁହେଁ ବରଂ ନୂତନ ପିଢ଼ିଙ୍କୁ ରାଷ୍ଟ୍ର ନିର୍ମାଣ ଏବଂ ସାମାଜିକ ଚେତନାର ମୂଲ୍ୟବୋଧ ପ୍ରଦାନ କରିବା ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ଭାବରେ ଉଭା ହୋଇଛି ।

# ଗାଡି ସହିତ ୮୮୦ ବୋତଲ କଫ ଶିରପ ଜବତ : ୫ ଗିରଫ

ବଲାଙ୍ଗିର, ୭/୦୬ (ନି.ପ୍ର): ଗତକାଲି ସନ୍ଧ୍ୟାରେ ବଲାଙ୍ଗିର ଟାଉନ ଥାନା ପୋଲିସକୁ ଏକ ବଡ ସଫଳତା ମିଳିଛି । ବେଆଇନ ଭାବରେ ଏଠାକୁ ଆସୁଥିବା ଏକ ଟାଟା ନେଲ୍ସନ ଗାଡି ସହିତ ୮୮୦ ବୋତଲ କଫ ଶିରପ ଜବତ କରି ଚାଲାଣ କରୁଥିବା ଅଭିଯୋଗରେ ୫ ଜଣଙ୍କୁ ଗିରଫ କରିଛନ୍ତି । ଆଜି ଟାଉନ ଥାନାରେ ଏସ୍ ଡି ପି ଓ ସଦର ସରୋଜ କୁମାର ଉପାଧ୍ୟାୟ ସାମ୍ବାଦିକ ମାନଙ୍କୁ ସୂଚନା ଦେଇ କହିଛନ୍ତି ଯେ, ତାରିଖ.୦୬.୦୬.୨୦୨୬ ରେ ଏସଆଇ ଦେବାଶିଷ ସତପଥୀ, ଏସଆଇ ସି.କେ.ମହାପାତ୍ର, ଏସଆଇ ବିଶାଖା ନାଏକ, ଏଏସଆଇ ବି.ଦେହେରୀ, କର୍ମଚାରୀଙ୍କ ସହିତ ବଲାଙ୍ଗୀରର ବିଜାଖମନ ଅଂଚଳ ନିକଟରେ ପାଟ୍ରୋଲିଂ ଡ୍ୟୁଟି କରୁଥିଲେ । ସେ ସୂଚନା ପାଇଲେ ଯେ, ବାଇପାସ୍ ରୋଡ୍ ରେ ରାଜୀବ ନଗର ଅଂଚଳରୁ ନ୍ୟୁ ସ୍ମାର୍ଟ ପାର୍କ ଏଣ୍ଡକୁ ଯାଉଥିବା ଏକ ଟାଟା ନେକ୍ସନ୍ କାର୍ ରେ ବେଆଇନ୍ କଫ୍ ସିରପ୍ ପରିବହନ କରାଯାଉଛି । ଯାଂଚ୍ ସମୟରେ ସେମାନେ ଉକ୍ତ କାର୍ ରେ ୮୮୦ ବୋତଲ ଏସ୍କଫ୍ କଫ୍ ସିରପ୍ ଲୋଡ୍ ହୋଇଥିବା ଏବଂ ୫ ଜଣ ଅଭିଯୁକ୍ତଙ୍କୁ ପାଇଲେ । ତାଙ୍କ ସୂଚନା ଅନୁଯାୟୀ, ଏସଡିଏମ୍ ବଲାଙ୍ଗୀର ଘଟଣାସ୍ଥଳରେ ସନ୍ଧାନ ଏବଂ ଜବତ ପ୍ରକ୍ରିୟା ପାଇଁ ଜଣେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ଙ୍କୁ ନିଯୁକ୍ତ କରିବାକୁ ଅନୁରୋଧ କରିଥିଲେ । ଏହି ରିପୋର୍ଟ ଆଧାରରେ, ବୋଲାଙ୍ଗିରର ଆଇଆଇସି ଟାଉନ୍ ପିଏସ୍ ମାମଲା ନଂ.୩୦୨ ତାରିଖ ୦୬.୦୬.୨୦୨୬ ଧାରା ୨୧(ସି) / ୨୯ ଏନଡିପିଏସ୍ ଆଇନ ଅନୁଯାୟୀ ମାମଲା ରୁଜୁ କରିଛନ୍ତି ଏବଂ ମାମଲାର ତଦନ୍ତ କରିବାକୁ ଇନ୍ସପେକ୍ଟର ଏସ୍.ଏଫ୍. ଏକ୍କାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାରେ ବିଦ୍ୟାଧର ସାହୁ (୨୦) ତାଲପାଲି ପଦା, ଅଙ୍କିତ ପଟେଲ (୧୯), ବରପାଲି ପଡା, ବିଶେଷ ଜେନା (୧୯), ବରପାଲି ପଡା, ପ୍ରିୟାଂଶୁ ନନ୍ଦ (୧୯), ତୁଳସୀ ନଗର ଓ ସୁରେଶ କୁମାର ସାହୁ (୧୯), ନରସିଂହପୁର କଟକ ଙ୍କୁ ଗିରଫ କରାଯାଇ ସେମାନଙ୍କ ଠାରୁ ୫ଟି ମୋବାଇଲ, କଫ ଶିରପ ମୂଲ୍ୟ ୧,୯୭,୧୨୦ ଟଙ୍କା ଜବତ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଟାଉନ ଥାନା ଆଇଆଇସି ଅବନୀ ସାହୁ ଉପସ୍ଥିତ ଥିଲେ ।

# ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଭିତ୍ତିପ୍ରସ୍ତର

ଭଦ୍ରକ, ୭/୦୬ (ନି.ପ୍ର): ଏହି ବ୍ଲକ ମଙ୍ଗୁଳି ସରକାରୀ ସଂଯୁକ୍ତ ଉ.ପ୍ରା ବିଦ୍ୟାଳୟରେ ଆଜି ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ପାଇଁ ଭିତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଭର୍ଚୁଆଲ ମାଧ୍ୟମରେ ଭିତିପ୍ରସ୍ତର କରିଥିଲେ । ଏ ନେଇ ସ୍କୁଲ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ସ୍ଥାନୀୟ ସରପଂଚ ସତ୍ୟାଭାମା ଧଳ, ସମିତିସଭ୍ୟା ନିରୁପମା ରାଉତ,ଇତିଶ୍ରୀ ମିଶ୍ର,ଇପ୍ସିତା ଜେନା, ବିଦ୍ୟାଳୟ ସଭାପତି ହରେକୃଷ୍ଣ ପରିଡ଼ା ପ୍ରମୁଖ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷା ପାଇଁ ଏକ ନୂଆ ଅଧ୍ୟାୟ ଯୋଡ଼ି ଥିବା କଥା କହିଥିଲେ । ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରୀ ,ଖେଳପଡ଼ିଆ ସମେତ ଅନେକ ସୁବିଧା ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଉପଲବ୍ଧ ହେବ ବୋଲି ଅତିଥି ମାନର କହିଥିଲେ । ଏହି ବ୍ଲକରେ ୩ଗୋଟି ପ୍ରାଥମିକ ବିଦ୍ୟାଳୟକୁ ଏଥିରେ ଅର୍ନ୍ତଭୁକ୍ତ କରାଯାଇଛି ।

# ଏସବିଆଇ ମାଲକାନଗିରି ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ମାଲକାନଗିରି, ୭/୦୬ (ନି.ପ୍ର): ଏସବିଆଇ ମାଲକାନଗିରି ପକ୍ଷରୁ ବିଶ୍ୱ ପରିବେଶ ଦିବସ ଅବସରରେ ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ 'ମା'ଙ୍କ ନାମରେ ଗୋଟିଏ ଗଛ' ଅଭିଯାନ ଅନ୍ତର୍ଗତ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ) ମାଲକାନଗିରି ଶାଖା ପରିସରରେ ଆଜି ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରକୃତି ବନ୍ଧୁ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ, ଶାଖାର ମୁଖ୍ୟ ପ୍ରବନ୍ଧକ ବିନୋଦ କୁମାର ବିଷୋୟୀ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ । ଏହା ବ୍ୟତୀତ ଉପ-ଶାଖା ପ୍ରବନ୍ଧକ ଅଜିତ କୁମାର ଆଚାର୍ଯ୍ୟ, ଆରଏମ୍‌ଏସଏମ୍‌ଇ ଅଧିକାରୀ ବୈଷ୍ଣବ ହାଁସଦା, କ୍ୟାସ ଅଫିସର ନିର୍ମଳ କୁମାର ବେବର୍ତା, ଫିଲ୍ଡ ଅଫିସର ରୋହିତ କୁମାର ଟପ୍ପୋ, ସବ୍ୟସାଚୀ ଦାସ ଏବଂ ମାଲକାନଗିରି ସରକାରୀ ମହାବିଦ୍ୟାଳୟର +୩ ବାଣିଜ୍ୟ ବିଭାଗର ଛାତ୍ର ଛାତ୍ରୀମାନେ ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ବ୍ୟାଙ୍କ ପରିସରରେ ଆମ୍ବ ଗଛ, ପିଜୁଳି ଗଛ, ଓଉ ଗଛ ସମେତ ଅନ୍ୟାନ୍ୟ ଫଳ ଓ ଅନେକ ଛାୟାଦାୟୀ ବୃକ୍ଷ ରୋପଣ କରାଯାଇଥିଲା । ପରିବେଶ ସୁରକ୍ଷା, ସବୁଜିମା ବୃଦ୍ଧି ଏବଂ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଓ ସୁନ୍ଦର ପରିବେଶ ଗଠନ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା । ମୁଖ୍ୟ ଅତିଥି ଡକ୍ଟର ସ୍ୱାଇଁ ତାଙ୍କ ବକ୍ତବ୍ୟରେ ବୃକ୍ଷର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଶ୍ରୀ ବିଷୋୟୀ ସମସ୍ତଙ୍କୁ ପରିବେଶ ସୁରକ୍ଷା ପାଇଁ ଅଧିକରୁ ଅଧିକ ବୃକ୍ଷ ରୋପଣ କରିବାକୁ ଆହ୍ୱାନ ଜଣାଇଥିଲେ । ଶେଷରେ ଉପସ୍ଥିତ ଅତିଥି ଓ ଅଂଶଗ୍ରହଣକାରୀମାନେ 'ମା'ଙ୍କ ନାମରେ ଗୋଟିଏ ଗଛ' ଅଭିଯାନକୁ ଜନ ଆନ୍ଦୋଳନରେ ପରିଣତ କରି ପରିବେଶ ସୁରକ୍ଷାରେ ସାମିଲ ହେବା ପାଇଁ ସମସ୍ତ ନାଗରିକଙ୍କୁ ଆହ୍ୱାନ ଜଣାଇଥିଲେ ।

# ରାଜୌରିର ଡୋରି ଜଙ୍ଗଲ ଅଂଚଳରେ ସର୍ଚ୍ଚ ଅପରେସନ ବେଳେ ସେନା ଅଧିକାରୀଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୭/୬ : ରାଜୌରୀ ଜିଲ୍ଲାର ମଞ୍ଜାକୋଟ ତହସିଲର ଡୋରି ଜଙ୍ଗଲ ଅଂଚଳରେ ଚାଲିଥିବା ସର୍ଚ୍ଚ ଅପରେସନରେ ଜଣେ ଭାରତୀୟ ସେନା ଅଧିକାରୀଙ୍କ ମୃତ୍ୟୁ ଘଟିଛି । ମୃତ ଅଧିକାରୀମାନେ ସେନାର ଆସାମ ୟୁନିଟର ବୋଲି କୁହାଯାଉଛି । ଏହି ଘଟଣା ପରେ ସେନା ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ସୂଚନା ଅନୁଯାୟୀ, ଗତ କିଛି ଦିନ ଧରି ଡୋରି ଜଙ୍ଗଲରେ ସେନା, ଜାମ୍ମୁ କାଶ୍ମୀର ପୋଲିସ ଏବଂ ଅନ୍ୟାନ୍ୟ ସୁରକ୍ଷା ଏଜେନ୍ସି ଦ୍ୱାରା ମିଳିତ ସର୍ଚ୍ଚ ଅପରେସନ ଚାଲିଛି । ସମ୍ଭାବ୍ୟ ଆତଙ୍କବାଦୀ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ସୁରକ୍ଷା ବାହିନୀ ଏହି ଅଂଚଳରେ ବ୍ୟାପକ ସର୍ଚ୍ଚ ଅପରେସନ କରୁଛନ୍ତି । ସେନା କ୍ୟାପଟେନ ବୀରେଶ୍ୱର ଗୋସ୍ୱାମୀ ମଧ୍ୟ ଏହି ଅପରେସନର ଅଂଶ ଥିଲେ ଏବଂ ତାଙ୍କ ଦଳ ସହିତ ସେହି ଅଂଚଳରେ ନିୟୋଜିତ ହୋଇଥିଲେ । ସେହି ଅଭିଯାନ ସମୟରେ, ଶନିବାର ଦିନ କୌଣସି କାରଣରୁ ତାଙ୍କର ସ୍ୱାସ୍ଥ୍ୟ ହଠାତ୍ ଖରାପ ହୋଇଯାଇଥିଲା । ସେଠାରେ ଉପସ୍ଥିତ ଯବାନମାନେ ତୁରନ୍ତ ତାଙ୍କୁ ଚିକିତ୍ସା ସହାୟତା ପ୍ରଦାନ କରିଥିଲେ ଏବଂ ଚିକିତ୍ସା ପାଇଁ ତାଙ୍କୁ ଉଦ୍ଧାର କରିଥିଲେ, କିନ୍ତୁ ତାଙ୍କ ଅବସ୍ଥା ଗୁରୁତର ରହିଥିଲା । ପରେ ତାଙ୍କୁ ରାଜୌରୀସ୍ଥିତ ସେନା ଡାକ୍ତରଖାନାକୁ ଅଣାଯାଇଥିଲା, ଯେଉଁଠାରେ ସେ ଆହତ ଅବସ୍ଥାରେ ପ୍ରାଣ ହରାଇଥିଲେ । ସାମରିକ ସୂତ୍ର ଅନୁଯାୟୀ, ଆନୁଷ୍ଠାନିକତା ସମାପ୍ତ ହେବା ପରେ ମୃତଦେହକୁ ଅଧିକ ସାମରିକ ସମ୍ମାନ ସହିତ ତାଙ୍କ ନିଜ ଅଂଚଳକୁ ପଠାଯିବ । କ୍ୟାପଟେନ ବୀରେଶ୍ୱର ଗୋସ୍ୱାମୀ ଜଣେ ଉତ୍ସର୍ଗୀକୃତ ଏବଂ ବିବେକବାନ ଅଧିକାରୀ ଭାବେ ପରିଚିତ ଥିଲେ । ତାଙ୍କ ମୃତ୍ୟୁ ଖବର ସେନା ଅଧିକାରୀ, ଯବାନ ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଶୋକର ଛାୟା ଖେଳାଇ ଦେଇଛି । ଡୋରି ଅଂଚଳରେ ଚାଲିଥିବା ସର୍ଚ୍ଚ ଅପରେସନ ଚ୍ୟାଲେଞ୍ଜିଂ ପରିସ୍ଥିତିରେ କରାଯାଉଛି । ଘନ ଜଙ୍ଗଲ, ଦୁର୍ଗମ ଅଂଚଳ ଏବଂ ପ୍ରତିକୂଳ ପାଣିପାଗ ସତ୍ତ୍ୱେ ସୁରକ୍ଷା ବାହିନୀ ଅପରେସନ ଜାରି ରଖିଛନ୍ତି । ଏହି ସମୟରେ ଉକ୍ତ ଅଂଚଳରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି ଏବଂ ସର୍ଚ୍ଚ ଅପରେସନ ଜାରି ରହିଛି । ଗୁଜବରୁ ଦୂରେଇ ରହିବାକୁ ଏବଂ କେବଳ ସରକାରୀ ସୂଚନା ଉପରେ ନିର୍ଭର କରିବାକୁ ପ୍ରଶାସନ ଲୋକଙ୍କୁ ନିବେଦନ କରିଛି ।

# ବାବା ମହାକାଳଙ୍କ ଦର୍ଶନ କଲେ ଗୁଜୁରାଟୀ ଗାୟକ କିଞ୍ଜାଲ ଏବଂ ଅଭିନେତ୍ରୀ ମୋନାଲ

ନୂଆଦିଲ୍ଲୀ,୭/୬ : ପ୍ରସିଦ୍ଧ ଗୁଜରାଟୀ ଗାୟକ କିଞ୍ଜାଲ ଦାଭେ ଏବଂ ଚଳଚ୍ଚିତ୍ର ଅଭିନେତ୍ରୀ ମୋନାଲ ଗଜ୍ଜର ରବିବାର ସକାଳେ ମଧ୍ୟପ୍ରଦେଶର ଉଜ୍ଜୈନରେ ପହଂଚି ବିଶ୍ୱ ପ୍ରସିଦ୍ଧ ଜ୍ୟୋତିର୍ଲିଙ୍ଗ ଭଗବାନ ମହାକାଳଙ୍କ ଦର୍ଶନ କରି ଆଶୀର୍ବାଦ ନେଇଛନ୍ତି । ଏହି ଦୁଇ କଳାକାର ଅଲସୁବା ଭଗବାନ ମହାକାଳଙ୍କ ଭସ୍ମ ଆରତିରେ ମଧ୍ୟ ଯୋଗ ଦେଇଥିଲେ । ଗୁଜୁରାଟୀ ଗାୟକ କିଞ୍ଜାଲ ଦାଭେ ଏବଂ ଚଳଚ୍ଚିତ୍ର ଅଭିନେତ୍ରୀ ମୋନାଲ ଗଜ୍ଜର ରବିବାର ସକାଳ ୪ଟାରେ ମହାକାଳେଶ୍ୱର ମନ୍ଦିରରେ ପହଂଚିଥିଲେ ଏବଂ ନନ୍ଦୀ ହଲରେ ବସି ପ୍ରାୟ ଦୁଇ ଘଂଟା ଧରି ଭସ୍ମ ଆରତୀରେ ଯୋଗ ଦେଇଥିଲେ । ଏହି ସମୟରେ ସେ ଭଗବାନ ମହାକାଳ ଜପ କରୁଥିବା ଦେଖିବାକୁ ମିଳିଥିଲା । ସେମାନେ ନନ୍ଦୀ ମହାରାଜଙ୍କୁ ପୂଜା ଆଶୀର୍ବାଦ ନେଇଥିଲେ । ଭସ୍ମ ଆରତୀ ପରେ କିଞ୍ଜାଲ ଦାଭେ ଏବଂ ମୋନାଲ ଗଜ୍ଜର ଭଗବାନ ମହାକାଳଙ୍କ ଜଳାଭିଷେକ କରିଥିଲେ । ଶ୍ରୀ ମହାକାଳେଶ୍ୱର ମନ୍ଦିର ପରିଚାଳନା କମିଟି ତରଫରୁ ଡେପୁଟି ଆଡମିନିଷ୍ଟ୍ରେଟର ଏସ୍. ଏନ୍. ସୋନି ତାଙ୍କୁ ସ୍ୱାଗତ ଏବଂ ସମ୍ମାନିତ କରିଥିଲେ ।

# ଅଧାପନ୍ତରିଆ ରାସ୍ତା ବଢ଼ାଉଛି ଦୁର୍ଗମବାସୀଙ୍କ ଦୁର୍ଦ୍ଦଶା

ଜୟପୁର, ୭/୦୬ (ନି.ପ୍ର): ବର୍ଷ ବର୍ଷ ଧରି ଅଧାପନ୍ତରିଆ ହୋଇ ପଡିଛି ରାସ୍ତା । ବଢୁଛି ଦୁର୍ଗମ ବାସୀଙ୍କ ଦୁର୍ଦ୍ଦଶା । ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ନେଇ ଭିଜିଲାନ୍ସରେ ମାମଲା ପହଂଚିଥିଲା । ସରକାରଙ୍କ ଅପାରଗତା କାରଣରୁ ୨୦୧୪ ର ଏହି ମାମଲା ଏ ପର୍ଯ୍ୟନ୍ତ ତଦନ୍ତ ଶେଷ ହୋଇପାରିଲା ନାହିଁ । ଯଦ୍ୱାର ରାସ୍ତା ନିର୍ମାଣ ପାଇଁ ରି ଟେଣ୍ଡର ହୋଇ ପାରୁନାହିଁ । ସରକାର ଏବଂ ପୂର୍ତ ବିଭାଗର ଅବହେଳା କାରଣରୁ ବର୍ଷ ବର୍ଷ ଧରି ଦୁର୍ଦ୍ଦଶା ଭୋଗୁଛନ୍ତି ଦୁର୍ଗମ ଅଂଚଳ ବାସୀ । ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଦାବି କରିଛନ୍ତି ଅଂଚଳ ବାସୀ । ବୋରିଗୁମ୍ମା ବ୍ଲକ ତରାଭାଙ୍ଗା ଠାରୁ କାଠରଗଡା ରାସ୍ତା । ୧୩ କି.ମି. ରାସ୍ତା ୧୨ ବର୍ଷ ହେବ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇପଡ଼ିଛି । ବର୍ଷ ବର୍ଷ ଧରି ଦୁର୍ଦ୍ଦଶା ଭୋଗୁଛନ୍ତି ଦୁର୍ଗମ ଅଂଚଳ ବାସୀ । ରାସ୍ତାରୁ ମେଟାଲ ପଥର ଉଠି ଯାଉଛି, ସ୍ଥାନେ ସ୍ଥାନେ ବଡ଼ ବଡ଼ ଖାଲଖମା ତା ସାଙ୍ଗକୁ ଧୂଳି ସରସର ରହିଛି ରାସ୍ତା । ୧୨ ବର୍ଷ ହେବ ଏଭଳି ଅବସ୍ଥାରେ ପଡି ରହିଛି ଏହି ରାସ୍ତା । ଦୀର୍ଘ ବର୍ଷ ହେବ ପକ୍କା ରାସ୍ତା ନିର୍ମାଣ ନ ହେବା ଯୋଗୁଁ ଦୁର୍ଦ୍ଦଶା ଭୋଗୁଛନ୍ତି ୪ ପଂଚାୟତ ବାସୀ । ଏହି ରାସ୍ତା ପୂର୍ତ ବିଭାଗ ଅଧୀନରେ ରହିଥିବା ବେଳେ ଏହି ରାସ୍ତା ଉପରେ ଗୁମୁଡା, କାଠରଗଡା, ଚମ୍ପାପଦର, ହରଡ଼ାଗୁଡା ଭଳି ପଂଚାୟତ ବାସୀ ନିର୍ଭର କରନ୍ତି । ଏହି ରାସ୍ତାରେ ଦୈନିକ ଅନେକ ଘରୋଇ ବସ ସହ ମୁରାନ ମେଗା ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ଭାରି ଜାନ ଚଳାଚଳ କରୁଛି । ଶୀତ ଓ ଖରା ଦିନେ କଷ୍ଟେ ମଷ୍ଟେ ଏହି ରାସ୍ତାରେ ଯାତାୟାତ ହେଉଛି । କିନ୍ତୁ ବର୍ଷା ଦିନେ ବସ ଯାଏ ନି କି ରୋଗୀଙ୍କୁ ନେବାପାଇଁ ଆମ୍ବୁଲାନ୍ସ ଆସି ପାରୁ ନାହିଁ । ଫଳରେ ଏହି ରାସ୍ତା ଯୋଗୁଁ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଦରପନ୍ତରିୟା ହୋଇ ପଡି ରହିଥିବା ଏହି ରାସ୍ତାଟିକୁ ପୁନଃନିର୍ମାଣ କାର୍ଯ୍ୟ ଆରମ୍ଭ କରନ୍ତୁ ବୋଲି ୪ଖଣ୍ଡ ପଂଚାୟତ ବାସୀ ଦାବି କରିଛନ୍ତି । ସେପଟେ ଗତ ୨୦୧୩-୧୪ ଆର୍ଥିକ ବର୍ଷରେ ଏହି ୧୩ କି.ମି. ରାସ୍ତା ନିର୍ମାଣ ପାଇଁ ୧୪ କୋଟି ଟଙ୍କା ମଞ୍ଜୁର ହୋଇଥିଲା । ରାସ୍ତା ନିର୍ମାଣ କାର୍ଯ୍ୟ ଏକ ବର୍ଷ ମଧ୍ୟରେ ସରିବା ପାଇଁ ଚୁକ୍ତି ହୋଇ ବୋରିଗୁମ୍ମା ପୂର୍ତ ବିଭାଗ ଅଧୀନରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । କିନ୍ତୁ ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ନେଇ ସଂପୃକ୍ତ ଠିକାଦାରଙ୍କ ବିରୋଧରେ ଭିଜିଲାନ୍ସରେ ତଦନ୍ତ ପାଇଁ ଅଭିଯୋଗ ହୋଇଥିଲା । ସେହି ଦିନଠାରୁ ବର୍ତମାନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାମଟି ବନ୍ଦ ହୋଇ ପଡିଛି । ସରକାରଙ୍କ ଅଣଦେଖା ଏବଂ ପୂର୍ତ ବିଭାଗର ନୀରବତା ଯୋଗୁଁ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ ହୋଇ ପଡିଛି । ଏବେ ସରକାର ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଦାବି କରିଛନ୍ତି ଅଂଚଳ ବାସୀ । ରାସ୍ତା ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ ହେଉ ନଚେତ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ୍ୟ ହେବୁ ବୋଲି ଚେତାବନୀ ଦେଇଛନ୍ତି ଅଂଚଳବାସୀ । ତେବେ ବାର ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ତାରାଭଙ୍ଗା ଠାରୁ କାଠରଗଡ଼ା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଛି ଯଦ୍ୱାରା ଅଂଚଳ ବାସୀ ପୂର୍ତ ବିଭାଗ ଏବଂ ରାଜନେତାଙ୍କୁ ବାରମ୍ବାର ଗୁହାରି କଲେ ବି କୌଣସି ସୁଫଳ ମିଳି ପାରୁନି ।

# ଶୁଭମ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ଭଦ୍ରକ, ୭/୦୬ (ନି.ପ୍ର): ବ୍ୟାପକ ଗଛ କଟା ଓ ଦ୍ରୁତ ଶିଳ୍ପାୟନ ଯୋଗୁଁ ଏବେ ପରିବେଶ ପ୍ରଦୂଷଣ ଜନିତ ସମସ୍ୟା ବଢ଼ିବାରେ ଲାଗିଛି । ଫଳରେ ଜୀବ ଜଗତକୁ ଏହା ଅସ୍ତବେସ୍ତ କରି ପକାଉଛି. ତେଣୁ ଏଥିରୁ ରକ୍ଷା ପାଇବା ପାଇଁ ପ୍ରତ୍ୟେକ ବ୍ୟକ୍ତି ପ୍ରତି ବର୍ଷ ସଂକଳ୍ପ ବଦ୍ଧ ହୋଇ ବୃକ୍ଷ ରୋପଣ କରି ପୁଣି ଥରେ ସବୁଜ ବନାନୀ ସୃଷ୍ଟି କରନ୍ତୁ ବୋଲି ବିଶ୍ୱ ପରିବେଶ ଦିବସ ପାଳନ ସମାରୋହ ରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇ ଏହି ଆହ୍ୱାନ ଦେଇଛନ୍ତି । ଏହି ଉପଲକ୍ଷେ ଗରଦପୁର ସ୍ଥିତ ଐତିହାସିକ ଗାନ୍ଧୀ ଓଡିଶା ବାଳାଶ୍ରମ ପରିସରରେ ଭାରତ ସରକାର ଙ୍କ ମାଇଁ ଭାରତ ସହଯୋଗରେ ଶୁଭମ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ସମାରୋହ ର ଆୟୋଜନ କରାଯାଇଥିଲା । ଶୁଭମ ର ସଭାପତି ହୃଷିକେଶ ବାରିକ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହ ରେ ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତିକ ନାଥ ମଣ୍ଡଳ, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ସୁବ୍ରତ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଯୁବ ଅଧିକାରୀ ଫାରୁଦ ମହମ୍ମଦ, ଗାନ୍ଧୀ ଓଡିଶା ବାଳାଶ୍ରମ ର ସମ୍ପାଦକ ସମାଜସେବୀ ଅଶୋକ କୁମାର ଦାସ, ସାମାଜିକ କର୍ମୀ ସୁଧାକର ରାଉତ ପ୍ରମୁଖ ଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ମାନେ ଯୋଗ ଦେଇ ବିଶ୍ୱ ପରିବେଶ ଦିବସ ପାଳନ ର ଆଭିମୁଖ୍ୟ ବିଷୟ ରେ କହିବା ସହିତ ସବୁଜ ବନାନୀ ପାଇଁ ପ୍ରତେକ ବେକ୍ତି ବୃକ୍ଷ ରୋପଣ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ପରିବେଶ ସମ୍ପର୍କିତ କୁଇଜ ପ୍ରତିଯୋଗିତା ରେ ଶ୍ରେଷ୍ଠ ବିବେଚିତ ହୋଇ ଥିବା ଛାତ୍ର ନାରାୟଣ ହୋ, ରାଜା ମଲ୍ଲିକ, ସୁନୀଲ ମାଝୀ ଙ୍କୁ ସଂଗଠନ ପକ୍ଷରୁ ମେମୋଂଟ ସାର୍ଟିଫିକେଟ ଓ ପୁଷ୍ପ ଗୁଚ୍ଛ ଦେଇ ପୁରସ୍କୃତ କରାଯାଇଥିଲା । ଶେଷରେ ଆଶ୍ରମ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅତିଥି ମାନେ ଗୋଟିଏ ଗୋଟିଏ ଗଛ ଲଗାଇ ଏହି କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ ।

# ବିଶ୍ୱର ଶ୍ରେଷ୍ଠ ୫ ପ୍ରତିଶତ ବୈଜ୍ଞାନିକଙ୍କ ତାଲିକାରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ୪ ଅଧ୍ୟାପକ

ବାଲେଶ୍ୱର, ୦୭/୬ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟ ପାଇଁ ଏକ ଗୌରବମୟ ସଫଳତା ଭାବେ ବିଶ୍ୱବିଦ୍ୟାଳୟର ଚାରିଜଣ ବିଶିଷ୍ଟ ଅଧ୍ୟାପକ ବିଶ୍ୱସ୍ତରୀୟ ବୈଜ୍ଞାନିକ ମୂଲ୍ୟାଙ୍କନ ତାଲିକାରେ ସ୍ଥାନ ପାଇ ବିଶ୍ୱର ଶ୍ରେଷ୍ଠ ୫ ପ୍ରତିଶତ ବୈଜ୍ଞାନିକଙ୍କ ମଧ୍ୟରେ ନିଜ ସ୍ଥାନ ସୁଦୃଢ଼ କରିଛନ୍ତି। ଗବେଷଣା ପ୍ରକାଶନ, ଉଦ୍ଧୃତି ପ୍ରଭାବ ଏବଂ ବୈଜ୍ଞାନିକ ଅବଦାନ ଆଧାରରେ ପ୍ରସ୍ତୁତ ଏହି ମାନ୍ୟତା ବିଶ୍ୱବିଦ୍ୟାଳୟର ବଢ଼ୁଥିବା ଗବେଷଣା ସାମର୍ଥ୍ୟକୁ ପ୍ରତିଫଳିତ କରିଛି। ୨୦୨୫ ସାଇନ୍ସ-ର୍ୟାଙ୍କ୍ ଗ୍ଲୋବାଲ୍ ରେଜିଷ୍ଟ୍ରି ଦ୍ୱାରା ପ୍ରକାଶିତ ବିଶ୍ୱର ଶ୍ରେଷ୍ଠ ବୈଜ୍ଞାନିକଙ୍କ ମଧ୍ୟରେ ସ୍ଥାନ ଅଧିକାର ଓ ଏହି ସମ୍ମାନ ଲାଭ କରିଥିବା ଅଧ୍ୟାପକମାନେ ହେଲେ: ପ୍ରଫେସର ସଚ୍ଚିଦାନନ୍ଦ ଦେହୁରୀ - କମ୍ପ୍ୟୁଟର ବିଜ୍ଞାନ ଓ ଯନ୍ତ୍ରାଧାରିତ ଶିକ୍ଷଣ। ପ୍ରଫେସର ପଙ୍କଜ କୁମାର ପାରହୀ - ଧାତୁ ନିଷ୍କାଷଣ ବିଜ୍ଞାନ ଓ ସମ୍ପଦ ପୁନରୁଦ୍ଧାର। ପ୍ରଫେସର



ମନୋରଞ୍ଜନ ମିଶ୍ର - ଭୂଗୋଳ ଓ ଜଳବାୟୁ ବିଜ୍ଞାନ।ଅ ଡଃ ମନୋଜିତ ଭଟ୍ଟାଚାର୍ଯ୍ୟ- ଆଣବିକ ଜୀବବିଜ୍ଞାନ ଓ ଜୈବ-ସୂଚନା ବିଜ୍ଞାନ। ପ୍ରଫେସର ସଚ୍ଚିଦାନନ୍ଦ ଦେହୁରୀ ଗତ ୨୫ ବର୍ଷ ଧରି ତଥ୍ୟ ବିଶ୍ଳେଷଣ, ଯନ୍ତ୍ରାଧାରିତ ଶିକ୍ଷଣ ଏବଂ ବହୁମାନଦଣ୍ଡୀୟ ନିଷ୍ପତ୍ତି ଗ୍ରହଣ କ୍ଷେତ୍ରରେ ଅଗ୍ରଣୀ ଗବେଷଣା କରିଆସୁଛନ୍ତି। ସେ ୨୫୦ରୁ ଅଧିକ ଗବେଷଣା ପ୍ରବନ୍ଧ ପ୍ରକାଶ କରିଥିବା ସହ ବହୁ ପ୍ରତିଷ୍ଠିତ ସମ୍ମାନ ଓ ଅନୁସନ୍ଧାନ ବୃତ୍ତି ଲାଭ କରିଛନ୍ତି। ପ୍ରଫେସର ପଙ୍କଜ କୁମାର ପାରହୀ, ବର୍ଜ୍ୟ ପଦାର୍ଥ ପୁନଃବ୍ୟବହାର, ସମ୍ପଦ ପୁନରୁଦ୍ଧାର ଓ ପରିବେଶ ଅନୁକୂଳ ଧାତୁ ନିଷ୍କାଷଣ ପ୍ରଯୁକ୍ତି କ୍ଷେତ୍ରରେ ଆନ୍ତର୍ଜାତିକ ସ୍ତରରେ ବିଶ୍ୱରେ ସୁପରିଚିତ। ସେ ୨୪୦ରୁ ଅଧିକ ଗବେଷଣା ପ୍ରବନ୍ଧ ପ୍ରକାଶ କରିଥିବା ସହ ୬ଟି ଉଦ୍ଭାବନ ଅଧିକାରର ଅଧିକାରୀ ଏବଂ କ୍ରମାଗତ ଛଅ ବର୍ଷ ଧରି ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକଙ୍କ ତାଲିକାରେ ସ୍ଥାନ ପାଇଆସୁଛନ୍ତି। ପ୍ରଫେସର ମନୋରଞ୍ଜନ ମିଶ୍ର ଜଳବାୟୁ ପରିବର୍ତ୍ତନ, ବିପର୍ଯ୍ୟୟ ଜନିତ ବିପଦ ହ୍ରାସ, ଭୌଗୋଳିକ ସୂଚନା ପ୍ରଣାଳୀ, ଦୂର-ସଂବେଦନ ତଥା ଅନୁଭବ ପ୍ରଯୁକ୍ତି ଏବଂ ପରିବେଶୀୟ ସ୍ଥାୟୀତ୍ୱ କ୍ଷେତ୍ରରେ ଜଣେ ଅଗ୍ରଣୀ ଗବେଷକ। ବଜ୍ରପାତ ପୂର୍ବାନୁମାନ ଏବଂ ପୂର୍ବ ସତର୍କତା ବ୍ୟବସ୍ଥା ଉପରେ ତାଙ୍କର ଗବେଷଣା ବିପର୍ଯ୍ୟୟ ମୁକାବିଲା ଓ ଜଳବାୟୁ ସହନଶୀଳତା ବୃଦ୍ଧିରେ ଉଲ୍ଲେଖନୀୟ ଅବଦାନ ରଖିଛି। ଡଃ ମନୋଜିତ ଭଟ୍ଟାଚାର୍ଯ୍ୟ - ଟୀକାର ବିକାଶ, ଜୀବ ବଂଶଗତ ଅଧ୍ୟୟନ ଓ ସଂକ୍ରାମକ ରୋଗ ଗବେଷଣା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ବିଶ୍ୱସ୍ତରରେ ପରିଚିତ ଓ ସୁନାମଧନ୍ୟ। ତାଙ୍କ ଗବେଷଣା କାର୍ଯ୍ୟକୁ ୯ ହଜାରରୁ ଅଧିକ ଥର ଉଦ୍ଧୃତ କରାଯାଇଥିବା ବେଳେ ତାଙ୍କର ଗବେଷଣା ପ୍ରଭାବ ସୂଚକାଙ୍କ ୫୦ରୁ ଅଧିକ ରହିଛି। ସେ ବିଭିନ୍ନ ପ୍ରତିଷ୍ଠିତ ଆନ୍ତର୍ଜାତିକ ବୈଜ୍ଞାନିକ ପତ୍ରିକାର ସମ୍ପାଦକୀୟ ମଣ୍ଡଳୀରେ ମଧ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହି ସଫଳତା ଫକୀର ମୋହନ ବିଶ୍ୱବିଦ୍ୟାଳୟର ବିଶ୍ୱସ୍ତରୀୟ ଗବେଷଣା ପ୍ରତିଷ୍ଠାକୁ ଆହୁରି ସୁଦୃଢ଼ କରିବା ସହ ବିଜ୍ଞାନ, ନବସୃଜନ ଓ ସମାଜ ଉନ୍ନୟନ ପ୍ରତି ବିଶ୍ୱବିଦ୍ୟାଳୟର ଦୃଢ଼ ପ୍ରତିଶୃତି କୁ ପ୍ରତିଫଳିତ କରିପାରିଛି। ଏହି ଚାରିଜଣ ବିଦ୍ୱାନ ଅଧ୍ୟାପକଙ୍କୁ କୁଳପତି ଶ୍ରୀ ସନ୍ତୋଷ କୁମାର ତ୍ରିପାଠୀଙ୍କ ସହ ସମସ୍ତ ବିଶ୍ୱବିଦ୍ୟାଳୟ ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଯାଇଥିବା ବେଳେ ସେମାନଙ୍କର ଏହି କୃତିତ୍ୱ ଓଡ଼ିଶା ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛି।

# ପାରାଦୀପ ନଗରପାଳଙ୍କ ଘରକୁ ବୋତଲ ବୋମା ମାଡ ଘଟଣା

## ମୁଖ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଏଏସପିଙ୍କୁ ଚାରି ପ୍ରମୁଖ ରାଜନୈତିକ ଦଳ ପକ୍ଷରୁ ଦାବିପତ୍ର ପ୍ରଦାନ

ପାରାଦୀପ, ୦୭/୬ (ନି.ପ୍ର): ଗତ ମେ ମାସ ୩୦ତାରିଖ ସଂନ୍ଧ୍ୟାରେ କିଛି ଦୃବୃତ ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳଙ୍କ ଘରକୁ ବୋତଲ ବୋମାମାଡ କରିଥିଲେ । ଏହି ଘଟଣାର ତଦନ୍ତ କରି ପାରାଦୀପ ପୋଲିସ୍ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲଣ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଜ୍ୟୋତିକାନ୍ତ ପରିଡା (ବାପୁ) ଫେରାର ଥିବା ଏସପିଙ୍କ ସାମ୍ବାଦିକ ସମ୍ମିଳନୀରେ ଦର୍ଶାଇଥିଲେ । ମୁଖ୍ୟ ଅଭିଯୁକ୍ତଙ୍କୁ ଖୁବ୍ ଶୀଘ୍ର ଗିରଫ କରିବା ପାଇଁ ପୋଲିସର ବିଭିନ୍ନ ଟିମ୍ ଖୋଜୁଥିବା କହିଥିଲେ । ହେଲେ ଏହି ଘଟଣାକୁ ୯ ଦିନ ବିତି ଯାଇଥିଲେବି ପୋଲିସ୍ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି ପାରିନାହିଁ । ବୋତଲ ବୋମାମାଡ ଘଟଣା ସମୟରେ ବିଜୁ ଜନତା ଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ ପାରାଦୀପକୁ ଅଶାନ୍ତ କରୁଥିବା ପରଜୀବୀଙ୍କୁ ଦାୟୀ କରିବା ସହିତ ପୋଲିସ୍ ଏ ଦିବଗରେ ତଦନ୍ତ କରିବାର ଆବଶ୍ୟକତା ରହିଛି ବୋଲି କହିଥିବା ବେଳେ ପାରାଦୀପ ନଗର କଂଗ୍ରେସ ପକ୍ଷରୁ କଂଗ୍ରେସ୍ ନେତା ନିରେଂଜନ ନାୟକ, ନଗର କଂଗ୍ରେସ୍ ସଭାପତି କେଦାର ନାଥ ବିଶ୍ୱାଳ ସାମ୍ବାଦିକ ସମ୍ମିଳନୀ କରି ପରାଦୀପକୁ ଅଶାନ୍ତ କରୁଥିବା ବାପୁ ପରିଡା ଓ ବାପି ସାର୍ଖେଲଙ୍କ ସଂପୃକ୍ତି ଥିବା ଅଭିଯୋଗ କରିଥିଲେ । ରବିବାର ଦିନ ଭିନ୍ନ ପରିସ୍ଥିତି ଦେଖିବାକୁ ମିଳିଥିଲା ପାରାଦୀପରେ । ପୂର୍ବାହ୍ନରେ ପାରାଦୀପର ଭାରତୀୟ ଜନତା ପାର୍ଟି, ବିଜୁ ଜନତା ଦଳ, ଜାତୀୟ କଂଗ୍ରେସ, କମ୍ୟୁନିଷ୍ଟ୍ ପାର୍ଟି ଓ ପାରାଦୀପ ସିଟିଜେନ୍ ଫୋରମ୍ ପକ୍ଷରୁ ଏକା ସମୟରେ ଏକଜୁଟ୍ ହୋଇ ପାରାଦୀପର ସ୍ୱାର୍ଥ, ଶାନ୍ତି ଶୃଙ୍ଖଳା ଓ ଭାଇଚାରା ବଜାୟ ରଖିବା ପାଇଁ ଦଳମତ ନିର୍ବିଶେଷରେ ପାରାଦୀପର ସମସ୍ତ ଦଳର ପ୍ରତିନିଧି ମାନେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଜିଂକ୍ୟ ବାବୁରାଓ ମାନେଙ୍କୁ ଅଲଗା ଅଲଗା ଦାବିପତ୍ର ପ୍ରଦାନ କରି ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ । । ଭାରତୀୟ ଜନତା ପାର୍ଟି ପାରାଦୀପ ମଣ୍ଡଳ ପକ୍ଷରୁ ମଣ୍ଡଳ ସଭାପତି ସୁବ୍ରତ କୁମାର ପ୍ରଧାନଙ୍କ ନେତୃତ୍ୱରେ ମାନ୍ୟବର ଶିକ୍ଷ ମନ୍ତ୍ରୀ ତଥା ପାରାଦୀପ ବିଧାୟକଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, ସର୍ବେଶ୍ୱର ପ୍ରଧାନଙ୍କ ସମେତ ଦଳୀୟ ନେତା ଓ ମହିଳା ମୋର୍ଚ୍ଚାର ସଦସ୍ୟାମାନେ ଦାବୀପତ୍ରରେ ଏସପି କହିଥିବା ମ୍ୟୁନିସିପାଲିଟି ଟେଣ୍ଡର ପାଇଁ ବୋମା ମାଡ ଘଟଣାକୁ ବିଶ୍ୱାସଯୋଗ୍ୟ ନୁହେଁ ବୋଲି ଉଲ୍ଲେଖ କରିଥିବା ବେଳେ ଏହି ଘଟଣା ପଛରେ ଶ୍ରମିକନେତା ଅରିନ୍ଦମ ସାର୍ଖେଲ(ବାପି)ଙ୍କ ପ୍ରଚ୍ଛଦ ସହଯୋଗ ଓ ସହାୟତା ଥିବା ଅଭିଯୋଗ କରିଛନ୍ତି । ବାପି ସାର୍ଖେଲଙ୍କ କାର୍ଯ୍ୟାଳୟରେ ଏହି ଘଟଣାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଥିବା ଏବଂ ତାଙ୍କ କାର୍ଯ୍ୟାଳୟର ସିସିଟିଭି ଫୁଟେଜ୍ ଯାଂଚ କରିବାକୁ ଦାବୀପତ୍ରରେ ଉଲ୍ଲେଖ କରିଛନ୍ତି । ସମାନ ଅଭିଯୋଗ ଆଣିଛି ବିଜୁ ଜନତା ଦଳ ରବିବାର ଦିନ ଦଳର ନଗର ସଭାପତି କୁମରବର ନାୟକ, ଯୁବ ବିଜେଡି ସଭାପତି ଆଲୋକ ମହାପାତ୍ର, ବରିଷ୍ଠ ମହିଳା ବିଜେଡି ସବିତା ମହାପାତ୍ର, ଶଙ୍କର ପ୍ରସାଦ ରାଉତ, ନାରୀନେତ୍ରୀ ଚପଳା ସ୍ୱାଇଁ, ଚିନ୍ମୟ ରଂଜନ ପରିଡା, ଅଟଳ ପରିଡ଼ା ପ୍ରମୁଖ ଦାବୀପତ୍ରରେ ଉଲ୍ଲେଖ କରିଛନ୍ତି ଯେ ପାରାଦୀପ ଅଂଚଳର ଯୁବକମାନଙ୍କୁ ନିଶାଗ୍ରସ୍ତ କରାଇ ସେମାନଙ୍କୁ ବିଭିନ୍ନ ଅପରାଧମୂଳକ କାର୍ଯ୍ୟରେ ବାପି ସାର୍ଖେଲ ଓ ବାପୁ ପରିଡା ସାମିଲ କରୁଛନ୍ତି । ସେମାନଙ୍କ ଗିରଫ କରିବାକୁ ଦାବୀପତ୍ରରେ ଉଲ୍ଲେଖ କରିଛନ୍ତି । ନଗର କଂଗ୍ରେସ୍ ସଭାପତି କେଦାରନାଥ ବିଶ୍ୱାଳଙ୍କ ନେତୃତ୍ୱରେ ଦଳୀୟ କର୍ମୀ, ନେତା ଓ ମହିଳା କର୍ମୀମାନେ ଏକଜୁଟ୍ ହୋଇ ପାରାଦୀପ ଏଏସପିଙ୍କୁ ସମାନ ପ୍ରକାର ଦାବୀପତ୍ର ପ୍ରଦାନ କରିଛନ୍ତି । ପାରାଦୀପର ଯୁବନେତା ମୁନା ପତି, କୁଜଙ୍ଗ ସମାଗୋଳ ଦୁର୍ଯ୍ୟୋଧନ ସ୍ୱାଇଁ, ମାଉସୀମାଆ ମନ୍ଦିର ନିକଟରେ ବହୁ ଚର୍ଚ୍ଚିତ ମହେନ୍ଦ୍ର ସ୍ୱାଇଁ ହତ୍ୟାକାଣ୍ଡ ପରୋକ୍ଷରେ ବାପି ସାର୍ଖେଲଙ୍କ ସଂପୃକ୍ତି ନେଇ ଅଭିଯୋଗ ହୋଇଛି । ଏଣୁ ଏହି ସବୁ ଘଟଣାର ପୁନଃ ତଦନ୍ତ କରି ସତ୍ୟ ସାମ୍ନାକୁ ଆଣିବାକୁ ଦାବୀପତ୍ରରେ ଉଲ୍ଲେଖ ରହିଛି । ସେହିପରି ସିପିଆଇ ନେତା ସୁବାସ ମହାପାତ୍ର, ବିଷ୍ଣୁ ଚରଣ ମୁଦୁଲିଙ୍କ ସମେତ ଦଳୀୟ ନେତାମାନେ ପାରାଦୀପରେ ଶାନ୍ତି ବଜାୟ ରଖିବା ସହିତ ଅପରାଧ ସୃଷ୍ଟି କରୁଥିବା ତତ୍ୱମାନଙ୍କୁ ଗିରଫ କରିବାକୁ ଦାବୀ କରିଥିଲେ । ସେହିପରି ପାରାଦୀପ ସିଟିଜେନ୍ ଫୋରମ୍ ପକ୍ଷରୁ ଏହି ଅପରାଧ ପ୍ରବଣ ତତ୍ୱମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଥିବା ବ୍ୟକ୍ତିଙ୍କୁ ଗିରଫ କରିବାକୁ ଏହାର ସଭାପତି ଶଶାଙ୍କ ଶେଖର ଆଚାର୍ଯ୍ୟ ଦାବୀପତ୍ର ପ୍ରଦାନ କରିଛନ୍ତି । ତେବେ ପାରାଦୀପର ଚାରି ରାଜନୈତିକ ଦଳର ପ୍ରତିନିଧିମାନେ ଏକା ସମୟରେ ଏକା ଦାବୀକୁ ନେଇ ପୋଲିସ୍‌କୁ ଘେରିବା ପୋଲିସ୍‌ର ତଦନ୍ତ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଏମ୍‌ପିସି କଲେଜ ପଛପାର୍ଶ୍ୱ ରାସ୍ତା ନିର୍ମାଣ ଦାବି କରି ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ପତ୍ର ଲେଖିଲେ ପୂର୍ବତନ ରାଜ୍ୟସଭା ସାଂସଦ ମମତା ମହାନ୍ତ

ବାରିପଦା, ୦୭/୬ (ନି.ପ୍ର): ବାରିପଦା ସହରର ମହାରାଜପୁର ଅଞ୍ଚଳରେ ଯାତାୟାତ ସୁବିଧାର ଉନ୍ନତି ନିମନ୍ତେ ଏମ୍‌ପିସି (ଅଟୋନୋମସ୍) କଲେଜ ପଛ ଗେଟ୍‌ରୁ ହୋଲି ପ୍ୟାଲେସ ପର୍ଯ୍ୟନ୍ତ ଏକ ନୂତନ ରାସ୍ତା ନିର୍ମାଣ ପାଇଁ ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର କରିବାକୁ ପୂର୍ବତନ ସାଂସଦ ମମତା ମହାନ୍ତ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉଠାଇଛନ୍ତି। ଏହି ସମ୍ପର୍କରେ ସେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବଙ୍କୁ ଏକ ପତ୍ର ଲେଖି ଉକ୍ତ ରାସ୍ତା ନିର୍ମାଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ, ବାରିପଦା ପୌରପାଳିକାର ୨୭ ନମ୍ବର ୱାର୍ଡ ଅନ୍ତର୍ଗତ ମହାରାଜପୁର ରାଜସ୍ୱ ଗ୍ରାମର ବାସିନ୍ଦାଙ୍କ ପାଇଁ ଏହି ରାସ୍ତା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ବାରିପଦା ପୌରପାଳିକା ପକ୍ଷରୁ ଏହି ରାସ୍ତା ନିର୍ମାଣ ପାଇଁ ପ୍ରାୟ ୮୮ ଲକ୍ଷ ୮୬ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ, ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଶୀଘ୍ର ଏହି ଅର୍ଥରାଶି ମଞ୍ଜୁର କରାଯିବାକୁ ସେ ଅନୁରୋଧ କରିଛନ୍ତି। ଏହି ରାସ୍ତା ନିର୍ମାଣ ହେଲେ ମହାରାଜପୁର ଅଞ୍ଚଳର ଲୋକମାନଙ୍କ ଯାତାୟାତ ସୁବିଧା ବୃଦ୍ଧି ପାଇବା ସହ ଛାତ୍ରଛାତ୍ରୀ, ବ୍ୟବସାୟୀ ଓ ସାଧାରଣ ଜନତା ଉପକୃତ ହେବେ। ସେହିପରି ଏହା ଅଞ୍ଚଳର ସାମଗ୍ରିକ ନଗର ବିକାଶକୁ ମଧ ତ୍ୱରାନ୍ୱିତ କରିବ ବୋଲି ସ୍ଥାନୀୟ ଲୋକମାନେ ଆଶା ପ୍ରକାଶ କରିଛନ୍ତି।ଶ୍ରୀମତୀ ମହାନ୍ତ ଙ୍କ ଏଭଳି ପ୍ରସ୍ତାବ କୁ ସମର୍ଥନ ଦେବା ସହ କାର୍ଯ୍ୟକାରୀ କରିବା ଓ ବିଶେଷ ଦୃଷ୍ଟି ଦେବାକୁ ମହାରାଜପୁର ର ବାସିନ୍ଦା ମାନେ ମାନ୍ୟବର ନଗର ଉନ୍ନୟନ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର ଙ୍କୁ ଅନୁରୋଧ କରିଛନ୍ତି।

# ନିରାପଦ ଖାଦ୍ୟ ସମସ୍ତଙ୍କର ଦାୟିତ୍ୱ: ପ୍ରଭାତୀ ପରିଡା

ଭୁବନେଶ୍ୱର, ୦୭/୬ (ନି.ପ୍ର): ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ଅବସରରେ ଲୋକଙ୍କୁ ସଚେତନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା । ଏନେଇ ସୋସିଆଲ ମିଡିଆ ଏକ୍ସରେ ପ୍ରଭାତି ପରିଡା କହିଛନ୍ତି ଯେ, ନିରାପଦ ଖାଦ୍ୟ ସମସ୍ତଙ୍କର ଦାୟିତ୍ୱ। ଆସନ୍ତୁ, ସୁରକ୍ଷିତ ଖାଦ୍ୟ ପ୍ରଚଳନ ମାଧ୍ୟମରେ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟକର ଜୀବନ ସୁନିଶ୍ଚିତ କରିବା।

# ଓଡ଼ିଶାରେ ଏସଆଇଆର : ୯ ଦିନରେ ୨ କୋଟିରୁ ଅଧିକ ଭୋଟରଙ୍କୁ ଫର୍ମ ବଂଟନ ଶେଷ

ଭୁବନେଶ୍ୱର, ୦୭/୬ (ନି.ପ୍ର): ରାଜ୍ୟରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ଓଡ଼ିଶା ଏକ ବଡ଼ ସଫଳତା ହାସଲ କରିଛି । ଏହି ସ୍ୱତନ୍ତ୍ର ଅଭିଯାନର ମାତ୍ର ୯ମ ଦିନ ସୁଦ୍ଧା ରାଜ୍ୟର ୨ କୋଟିରୁ ଅଧିକ ଭୋଟରଙ୍କ ନିକଟରେ ସମ୍ପୃକ୍ତ ଫର୍ମ ପହଂଚାଇବା କାର୍ଯ୍ୟ ସଫଳତାର ସହ ଚାଲିଛି। ମିଳିଥିବା ସୂଚନା ଅନୁଯାୟୀ, ଆଜି ସୁଦ୍ଧା ରାଜ୍ୟର ପ୍ରାୟ ୭୦ ପ୍ରତିଶତ ଭୋଟରଙ୍କୁ ଏହି ଫର୍ମ ବଂଟନ କରାଯାଇ ସାରିଛି । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ସମସ୍ତ ନିର୍ବାଚନ ମଣ୍ଡଳୀରେ ଭୋଟର ସୂଚୀକୁ ଅଧିକ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ କରିବା ପାଇଁ ଏହି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି । ମାତ୍ର ୯ ଦିନ ଭିତରେ ୨ କୋଟି ୩୧ଲକ୍ଷ ୭୭ ହଜାର ୮୪ ଜଣ ଭୋଟରଙ୍କ ପାଖରେ ପହଂଚିବା ପ୍ରଶାସନର ଦ୍ରୁତ କାର୍ଯ୍ୟଦକ୍ଷତା ଓ ସୁପରିଚାଳନାକୁ ଦର୍ଶାଉଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ପ୍ରକ୍ରିୟାର କଡ଼ା ଅନୁଧ୍ୟାନ କରାଯାଉଥିବା ବେଳେ ବୁଥ୍ ସ୍ତରୀୟ ଅଧିକାରୀ ମାନେ ଅତ୍ୟନ୍ତ ନିଷ୍ଠାର ସହ ଏହି ଦାୟିତ୍ୱ ନିର୍ବାହ କରୁଛନ୍ତି । ଯେଉଁ ଯୋଗ୍ୟ ଭୋଟରମାନେ ଏପର୍ଯ୍ୟନ୍ତ ନିଜର ପରିଗଣନା ଫର୍ମ ବୁଥ୍ ସ୍ତରୀୟ ଅଧିକାରୀ ଙ୍କ ପାଖରେ ଦାଖଲ କରିନାହାନ୍ତି, ସେମାନେ ତୁରନ୍ତ ଏହାକୁ ଜମା କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଫର୍ମ ଦାଖଲ ନକଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରୁ ବାଦ୍ ପଡ଼ିବାର ଆଶଙ୍କା ରହିଛି। ସାଧାରଣ ଲୋକଙ୍କ ସୁବିଧା ପାଇଁ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଭୋଟରମାନେ ଚାହିଁଲେ ବିଏଲ୍‌ଓଙ୍କ ପାଖକୁ ନଯାଇ ସିଧାସଳଖ ଅନଲାଇନ୍ ମାଧ୍ୟମରେ ମଧ ନିଜର ଫର୍ମ ଦାଖଲ କରିପାରିବେ। ସମସ୍ତ ଯୋଗ୍ୟ ଭୋଟର ନିଜର ବିଏଲ୍‌ଓ ଙ୍କ ସହ ତୁରନ୍ତ ଯୋଗାଯୋଗ କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ ତଥ୍ୟ ସହ ପରିଗଣନା ଫର୍ମ ଦାଖଲ କରି ଏହି ପ୍ରକ୍ରିୟାରେ ନିଜର ନାମ ଅନ୍ତର୍ଭୁକ୍ତ ସୁନିଶ୍ଚିତ କରିବାକୁ କୁହାଯାଇଛି। ଭୋଟର ତାଲିକାରେ ନାମ ସାମିଲ, ସଂଶୋଧନ କିମ୍ବା ଏହି ସମ୍ପର୍କିତ ଯେକୌଣସି ଜନସାଧାରଣ ସୂଚନା ଓ ସହାୟତା ପାଇଁ ନିର୍ବାଚନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ମାଗଣା ହେଲ୍ପଲାଇନ ନମ୍ବର ୧୯୫୦ କୁ କଲ୍ କରି ସବିଶେଷ ସୂଚନା ପାଇପାରିବେ। ରାଜ୍ୟର କୌଣସି ବି ଯୋଗ୍ୟ ଭୋଟର ଯେପରି ଏହି ପ୍ରକ୍ରିୟାରୁ ବଂଚିତ ନ ହେବେ, ସେଥିପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଆଗାମୀ କିଛି ଦିନ ମଧ୍ୟରେ ବାକି ରହିଯାଇଥିବା ୩୦ ପ୍ରତିଶତ ଭୋଟରଙ୍କ ନିକଟରେ ଫର୍ମ ପହଂଚାଇ ୧୦୦ ପ୍ରତିଶତ ଲକ୍ଷ୍ୟ ପୂରଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଶତପ୍ରତିଶତ ସଫଳ କରିବା ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଶକ୍ତିଶାଳୀ ହେଉଛି ...

ଏଲନିନୋ ସାଧାରଣତଃ ନଭେମ୍ବରରୁ ଫେବ୍ରୁଆରି ମଧ୍ୟରେ ଶିଖରରେ ରହିଥାଏ ଏବଂ ପରବର୍ତ୍ତୀ ବର୍ଷ ପର୍ଯ୍ୟନ୍ତ ରହିପାରେ। ଏହା ସମଗ୍ର ବିଶ୍ୱରେ ଗ୍ରୀଷ୍ମଲହରି ଓ ଅନିୟମିତ ବୃଷ୍ଟିପାତର ସମ୍ଭାବନା ବଢାଇଥାଏ। ବର୍ତ୍ତମାନ ପାଇଁ, ବୈଜ୍ଞାନିକମାନଙ୍କ ବାର୍ତ୍ତା ସରଳ। ମୌସୁମୀ ଦୁର୍ବଳ ଓ ବୃଷ୍ଟିପାତ କମ୍ ହୋଇପାରେ ଏବଂ ଆଗାମୀ ମାସଗୁଡ଼ିକ ଉପରେ ସତର୍କ ଦୃଷ୍ଟି ରଖାଯିବା ଉଚିତ।

### ବାଲିଅନ୍ତା ଭିଡ଼ ହତ୍ୟା ...

ଏଡିଜି ଦୟାଲ ଗଙ୍ଗୱାର ତାଙ୍କୁ ନିର୍ଯ୍ୟାତନା ଦେଉଥିବା ସମ୍ପର୍କରେ ଉଲ୍ଲେଖ ଥିବା କହିଛନ୍ତି ନିଶିକାନ୍ତ। ଏଥି ସହିତ ସୌମ୍ୟଙ୍କର ହ୍ୱାଟସ୍‌ଆପ୍ ଚାଟ୍‌ର ସ୍କ୍ରିନ୍‌ସଟ୍ ବି ଦେଇଛନ୍ତି। ନିଶିକାନ୍ତ ଦେଇଥିବା ଡାଏରିରେ ସୌମ୍ୟ ନିଜର ବ୍ୟକ୍ତିଗତ କଥା ଲେଖୁଥିଲେ। କେଉଁମାନେ ତାଙ୍କୁ ମାନସିକ ଚାପ ଦେଉଥିଲେ, ସେନେଇ ସମସ୍ତ କଥା ଉଲ୍ଲେଖ କରିଥିଲେ ବୋଲି ନିଶିକାନ୍ତ କହିଛନ୍ତି। ଏମିତିକି ପଚରାଉଚରା ବେଳେ, ସେ ସୌମ୍ୟଙ୍କ ବାବଦରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ କ୍ରାଇମବ୍ରାଞ୍ଚକୁ ଦେଇଥିବା କହିଛନ୍ତି। ଯେଉଁଥିରେ ସେ ମାନସିକ ଅବସାଦରେ ଥିବା ସ୍ପଷ୍ଟ ହେଉଛି। ସିଧାସଳଖ କାହା ନାଁରେ କିମ୍ବା କାହା ଯୋଗୁଁ ଲେଖି ନଥିଲେ ବି, ଡାଏରି ତଥ୍ୟ ତଦନ୍ତ ପ୍ରକ୍ରିୟାକୁ ନୂଆ ମୋଡ଼ ଦେଇଛି। ଖାଲି ସେତିକି ନୁହେଁ, ଆଇପିଏସ୍ ଅଧିକାରୀ ଏବଂ ଭୁବନେଶ୍ୱରର ଜିମ୍ ମାଲିକ ମଧ ମାନସିକ ନିର୍ଯ୍ୟାତନା ଦେଉଥିବା କଥା ଡାଏରିରେ ଉଲ୍ଲେଖ ରହିଛି ଓ ଏହି ଡାଏରିରୁ ହତ୍ୟାକାଣ୍ଡ ସମ୍ପର୍କିତ ଅନେକ ତଥ୍ୟ କ୍ରାଇମବ୍ରାଞ୍ଚକୁ ମିଳିପାରିବ ବୋଲି ନିଶିକାନ୍ତ କହିଛନ୍ତି। ଅନ୍ୟପଟେ, ଓମ୍ ଏବଂ ଦୁଇ ଯୁବତୀଙ୍କୁ ନେଇ ନିଶିକାନ୍ତ ସାଂଘାତିକ ଅଭିଯୋଗ କରିଛନ୍ତି। ଏ ପର୍ଯ୍ୟନ୍ତ ତିନିଜଣଙ୍କୁ କ୍ରାଇମବ୍ରାଞ୍ଚ ପକ୍ଷରୁ ପଚରାଉଚରା କରାଯାଇନି। ମୃତ ସୌମ୍ୟଙ୍କ ବିରୋଧରେ ଏତଲା ଦେବା ଏବଂ ପୁଲିସ ମାମଲା ରୁଜୁ କରିବାକୁ ନେଇ ନିଶିକାନ୍ତ ପ୍ରଶ୍ନ କରିଛନ୍ତି। ହତ୍ୟାକାଣ୍ଡ ପରେ, ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ଅଡିଓ କଲ୍, ଚାଟିଂ ଏବଂ ଡାଏରି ସାମ୍ନାକୁ ଆସିବା ପରେ, ଏହା ପୂରା ଘଟଣାକୁ ଏକ ନୂଆ ମୋଡ଼ ଦେଉଛି। ଏଠି ପ୍ରଶ୍ନ, ସାମ୍ନାକୁ ଆସିବ ତ ସୌମ୍ୟ ହତ୍ୟାକାଣ୍ଡ ପଛର ଅସଲ ସତ ? ନା ଅନ୍ୟ ଘଟଣା ଭଳି, ନାଲି ଫାଇଲ୍ ତଳେ ଅଣନିଃଶ୍ୱାସୀ ହୋଇ ସବୁଦିନ ପାଇଁ ଚାପି ହୋଇଯିବ ?

### ରାଜ୍ୟ ସଚିବାଳୟରୁ ...

ବିଜେପି ଆହୁରି ମଧ କହିଛି ଯେ କୌଣସି ଘଟଣାର ତଦନ୍ତ ସରିବା ପୂର୍ବରୁ ନିଜେ ନିଷ୍କର୍ଷ ବାହାର କରିବା ଏବଂ ଅନୁମାନ ଆଧାରରେ ଲୋକଙ୍କୁ ଭ୍ରମିତ କରିବା ଠିକ୍ ନୁହେଁ । ବର୍ତ୍ତମାନର ସରକାର ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ପାରଦର୍ଶୀ ତଦନ୍ତରେ ବିଶ୍ୱାସ କରନ୍ତି । ଯଦି ବିରୋଧୀଙ୍କ ପାଖରେ କିଛି ନିଶ୍ଚିତ ତଥ୍ୟ ବା ପ୍ରମାଣ ଅଛି, ତେବେ ସେମାନେ ତାହା ସରକାରଙ୍କୁ ହସ୍ତାନ୍ତର କରନ୍ତୁ । ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ସତ୍ୟ ସାମ୍ନାକୁ ଆସିବ ବୋଲି ଶାସକ ଦଳ ଦୃଢ଼ୋକ୍ତି ପ୍ରକାଶ କରିଛି । ଏହି ଫାଇଲ୍ ଗାଏବ ବିବାଦ ଆଗାମୀ ଦିନରେ ରାଜ୍ୟ ରାଜନୀତିକୁ ଆହୁରି ଉଷ୍ମ କରିବ ବୋଲି ମନେହେଉଛି ।

### ବିରୋଧୀ ମେଂଟ ବୈଠକରେ...

କିଛି ଦଳ ବିଭିନ୍ନ କାରଣରୁ ଏହି ସ୍ୱତନ୍ତ୍ର ବୈଠକରେ ଯୋଗଦେବାକୁ ଅସମର୍ଥତା ପ୍ରକାଶ କରିଛନ୍ତି। ତଥାପି, ସେମାନେ ମଧ କେନ୍ଦ୍ର ସରକାରଙ୍କ ନୀତି ଏବଂ କାର୍ଯ୍ୟକଳାପକୁ ବିରୋଧ କରିଛନ୍ତି ଯାହା ଲକ୍ଷ ଲକ୍ଷ ଭାରତୀୟଙ୍କ ମତାଧିକାରକୁ ପ୍ରଭାବିତ କରୁଛି, ସମ୍ବିଧାନ ଉପରେ ଆକ୍ରମଣ କରୁଛି ଏବଂ ଅନୁସନ୍ଧାନକାରୀ ଏଜେନ୍ସି ମାଧ୍ୟମରେ ବିରୋଧୀ ନେତାମାନଙ୍କୁ ଟାର୍ଗେଟ କରୁଛି। ସେ ଅଭିଯୋଗ କରିଛନ୍ତି ଯେ କେନ୍ଦ୍ର ସରକାରଙ୍କ ନୀତି କୋଟି କୋଟି ଲୋକଙ୍କ ଜୀବିକା ଉପରେ ପ୍ରଭାବ ପକାଉଛି। କ୍ରମାଗତ ଭାବେ ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ଘରୋଇ ବଜେଟ୍ ଉପରେ ପ୍ରଭାବ ପକାଉଛି। ଏଥି ସହିତ, ଯୁବକମାନଙ୍କ ଆଶା ଏବଂ ଆକାଂକ୍ଷାକୁ ପ୍ରତାରଣା କରାଯାଉଛି। ସରକାର ନିଜର ବୈଦେଶିକ ନୀତି ଜରିଆରେ ନିବେଶ ପରିବେଶକୁ ଦୁର୍ବଳ କରୁଛନ୍ତି ଏବଂ ଜାତୀୟ ସ୍ୱାର୍ଥ ସହ ସାଲିସ୍ କରୁଛନ୍ତି।

### ଗ୍ୟାସ୍ ମୂଲ୍ୟ ବୃଦ୍ଧି ନେଇ...

ଭାରତୀୟ ପରିବାର ଯେକୌଣସି ପଡ଼ୋଶୀ ଦେଶର ପରିବାର ତୁଳନାରେ ବହୁତ ଶସ୍ତାରେ ରନ୍ଧନ ଗ୍ୟାସ କିଣୁଛନ୍ତି, ଏବଂ ଆମେରିକା, ଅଷ୍ଟ୍ରେଲିଆ ଏବଂ କାନାଡା ଭଳି ଉନ୍ନତ ଅର୍ଥନୀତିରେ ଦିଆଯାଉଥିବା ମୂଲ୍ୟଠାରୁ ବହୁତ କମ୍ ବୋଲି ସରକାର ସଫେଇ ଦେଇଛନ୍ତି। ଏହି ସଦ୍ୟତମ ବୃଦ୍ଧି ସହିତ ଦିଲ୍ଲୀରେ ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟ ୯୧୩ ଟଙ୍କାରୁ ୯୪୨ ଟଙ୍କାକୁ ବୃଦ୍ଧି ପାଇଛି। ଏହା ମାର୍ଚ୍ଚ ୭ ତାରିଖରେ ଘୋଷଣା କରାଯାଇଥିବା ୬୦ ଟଙ୍କା ବୃଦ୍ଧି ପରେ, ଗତ ତିନି ମାସ ମଧ୍ୟରେ କ୍ରମାଗତ ବୃଦ୍ଧି ୮୯ ଟଙ୍କାକୁ ବୃଦ୍ଧି ପାଇଛି। କେନ୍ଦ୍ର ସରକାରଙ୍କ କହିବା ଅନୁଯାୟୀ, ପଶ୍ଚିମ ଏସିଆ ଏବଂ ହର୍ମୁଜ୍ ପ୍ରଣାଳୀରେ ବାଧା ସୃଷ୍ଟି ହେବା ପରେ ଅନ୍ତର୍ଜାତୀୟ ସ୍ତରରେ ଏଲପିଜି ମୂଲ୍ୟରେ ତୀବ୍ର ବୃଦ୍ଧି ଏହି ବୃଦ୍ଧିର ମୁଖ୍ୟ କାରଣ। ଭାରତ ଏହାର ଏଲ୍‌ପିଜି ଆବଶ୍ୟକତାର ପ୍ରାୟ ୬୦ ପ୍ରତିଶତ ଆମଦାନି କରିଥାଏ ଏବଂ ଘରୋଇ ମୂଲ୍ୟ ଆନ୍ତର୍ଜାତୀୟ ମାନଦଣ୍ଡ ସହିତ ଜଡିତ। ବିଶେଷକରି ସାଉଦି କଣ୍ଟ୍ରାକ୍ଟ ପ୍ରାଇସ୍ ସହ ଏହା ଜଡିତ। ସରକାର କହିଛନ୍ତି ଯେ, ସଙ୍କଟ ତୀବ୍ର ହେବା ପୂର୍ବରୁ, ଫେବୃଆରୀରେ ସାଉଦି ବେଞ୍ଚମାର୍କ ପ୍ରତି ଟନ୍ ପ୍ରାୟ ୫୪୨.୫ ଆମେରିକୀୟ ଡଲାର ଥିଲା। ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ମାର୍ଗରେ ବାଧା ସୃଷ୍ଟି ହେବା ପରେ, ଏପ୍ରିଲରେ ବେଞ୍ଚମାର୍କ ପ୍ରତି ଟନ୍ ୭୭୫ ଆମେରିକୀୟ ଡଲାର ଏବଂ ଜୁନ୍ ରେ ୭୯୦ ଆମେରିକୀୟ ଡଲାରକୁ ବୃଦ୍ଧି ପାଇଥିଲା। ମିଶ୍ରିତ ଏଲ୍‌ପିଜି ବେଞ୍ଚମାର୍କ ଫେବ୍ରୁଆରି ପୂର୍ବ ସଙ୍କଟ ସ୍ତରଠାରୁ ପ୍ରାୟ ୪୬% ବୃଦ୍ଧି ପାଇଛି ବୋଲି ବିବୃତିରେ କୁହାଯାଇଛି। ସରକାରଙ୍କ ଅନୁଯାୟୀ, ଏହି ବୃଦ୍ଧି ଯୋଗୁଁ ଘରୋଇ ସିଲିଣ୍ଡର ଯୋଗାଣ ଖର୍ଚ୍ଚ ୧୬୦୦ ଟଙ୍କାରୁ ଅଧିକ ହୋଇଯାଇଛି। କେନ୍ଦ୍ର ଦ୍ୱାରା ଉପସ୍ଥାପନ କରାଯାଇଥିବା ଏକ ପ୍ରମୁଖ ଯୁକ୍ତି ହେଉଛି ଯେ, ପରିବାରଗୁଡ଼ିକ ଏବେ ବି ଏଲ୍‌ପିଜିର ପ୍ରକୃତ ମୂଲ୍ୟ ଅପେକ୍ଷା ଯଥେଷ୍ଟ କମ୍ ଦେୟ ଦେଉଛନ୍ତି। ସରକାର ଆକଳନ କରିଛନ୍ତି ଯେ, ସଦ୍ୟତମ ବୃଦ୍ଧି ପରେ ମଧ, ପ୍ରତ୍ୟେକ ଘରୋଇ ସିଲିଣ୍ଡରର ଅଣ୍ଡର-ରିକଭରୀ ପ୍ରାୟ ୭୦୦ ଟଙ୍କା ରହିଛି। ଏହି ବୋଝ ପରିବାର ବହନ କରନ୍ତି ନାହିଁ। ପ୍ରତି ସିଲିଣ୍ଡରରେ ୭୦୦ଶହ ଟଙ୍କା ସରକାର ବହନ କରୁଛନ୍ତି।

### କେରଳରେ ସିଗେଲା...

ପରେ ସରକାର ସର୍ଭେଲାନ୍ସ ଓ ପ୍ରତିଷେଧକ ପଦକ୍ଷେପକୁ ତୀବ୍ର କରିଛନ୍ତି। ଏହା ରାଜ୍ୟରେ ସିଗେଲା ସଂକ୍ରମଣ ରୋଗରେ ପ୍ରଥମ ମୃତ୍ୟୁ ମାମଲା ବୋଲି ରିପୋର୍ଟ ହୋଇଛି।ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ମନ୍ତ୍ରୀ କହିଛନ୍ତି ଯେ, ସଂକ୍ରମଣ ଯୋଗୁଁ ତିନି ଜଣ ପିଲାଙ୍କୁ କୋଝିକୋଡ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଦୁଇଜଣ ସୁସ୍ଥ ହୋଇ ଡିସଚାର୍ଜ ହୋଇଥିବା ବେଳେ, ଥାଲକ୍କୁଲାଥୁରର ଜଣେ ଚାରି ବର୍ଷର ଝିଅ ନିଲାଙ୍କର ଶନିବାର ଏହି ରୋଗରେ ମୃତ୍ୟୁ ହୋଇଛି। ମୁରଲୀଧରନ କହିଛନ୍ତି ଯେ, ସିଗେଲା ଏକ ଜୀବାଣୁ ସଂକ୍ରମଣ ଯାହା ମୁଖ୍ୟତଃ ଅନ୍ତଃନଳୀକୁ ପ୍ରଭାବିତ କରେ ଓ ଡାଇରିଆ, ଜ୍ୱର ଓ ପେଟ ଯନ୍ତ୍ରଣା ଭଳି ଲକ୍ଷଣ ଦେଖାଯାଏ। ସିଗେଲା ସଂକ୍ରମଣ ଦୂଷିତ ଖାଦ୍ୟ ଓ ପାଣି ମାଧ୍ୟମରେ ବ୍ୟାପିଥାଏ। ଗତ ସପ୍ତାହରେ ଆଲାପୁଝା ଓ ପଠାନମଥିଟ୍ଟା ଜିଲ୍ଲାରେ ପ୍ରାୟ ୧୨୩ ଟି ମାମଲା ରିପୋର୍ଟ ହୋଇଥିଲା। ୱାୟନାଡରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପାକସ୍ଥଳୀ ରୋଗର ରିପୋର୍ଟ ନେଇ ଚିନ୍ତା ମଧ୍ୟରେ ମନ୍ତ୍ରୀ କହିଛନ୍ତି ଯେ, ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ଏହି ମାମଲାଗୁଡ଼ିକ ସିଗେଲା ସହିତ ଜଡିତ ନୁହେଁ। ସୁଲତାନ ବାଥେରୀ ଅଞ୍ଚଳର ଶିକ୍ଷାନୁଷ୍ଠାନର ପ୍ରାୟ ୧୬୪ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବାନ୍ତି ଓ ଝାଡ଼ା ଭଳି ଲକ୍ଷଣ ଦେଖାଦେଇଥିବା ଜଣାପଡ଼ିଛି। ମନ୍ତ୍ରୀ କହିଛନ୍ତି ଯେ, କୋଝିକୋଡ ମେଡିକାଲ କଲେଜର ଏକ ଡାକ୍ତରୀ ଦଳକୁ ଶନିବାର ସନ୍ଧ୍ୟାରେ ଉକ୍ତ ଅଞ୍ଚଳକୁ ପଠାଯାଇଥିଲା ଓ ବିସ୍ତୃତ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇଥିଲା। ପ୍ରାଥମିକ ରିପୋର୍ଟରୁ ଜଣାପଡିଛି ଯେ ମାମଲାଗୁଡ଼ିକ ସିଗେଲା ସହିତ ଜଡିତ ନୁହେଁ, କିନ୍ତୁ ଅଧିକ ପରୀକ୍ଷା ଚାଲିଛି ଓ ଚୂଡ଼ାନ୍ତ ରିପୋର୍ଟକୁ ଅପେକ୍ଷା କରାଯାଇଛି ବୋଲି ମୁରଲୀଧରନ କହିଛନ୍ତି।

### ସିବିଏସଇ ଦୁର୍ନୀତି ...

ସରକାରଙ୍କ ଦୁର୍ନୀତିକୁ ପଦାରେ ପକାଇ ଦେଇଛନ୍ତି, ଯାହା ପ୍ରକୃତ ଅର୍ଥରେ ସରକାରଙ୍କ ଏକ ବଡ଼ ପରାଜୟ। ବାସ୍ତବରେ, ସିବିଏସ୍‌ଇ ପକ୍ଷରୁ ପାରମ୍ପରିକ ଖାତା ଦେଖା ବଦଳରେ ଆରମ୍ଭ ହୋଇଥିବା ଏହି ଡିଜିଟାଲ୍ 'ଓଏସଏମ୍' ବ୍ୟବସ୍ଥାକୁ ନେଇ ସେତେବେଳେ ବିବାଦ ତେଜିଥିଲା, ଯେତେବେଳେ ଅନେକ ଛାତ୍ରଛାତ୍ରୀ ସେମାନଙ୍କ ଅନଲାଇନ୍ ସ୍କାନ୍ ହୋଇଥିବା ଉତ୍ତରଖାତାର ହାତଲେଖା ମେଳ ଖାଉନଥିବା ନେଇ ଅଭିଯୋଗ କରିଥିଲେ। ଏହି ଘଟଣା ପରେ ସରକାର ଦୁଇ ଜଣ ବରିଷ୍ଠ ସିବିଏସଇ ଅଧିକାରୀଙ୍କୁ ପଦରୁ ହଟାଇ ଦେଇଥିଲେ ମଧ କଂଗ୍ରେସ ଏହାକୁ କେବଳ ଏକ ଆଖିଠାରୁଆ କାର୍ଯ୍ୟାନୁଷ୍ଠାନ ବୋଲି କହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ମଙ୍ଗଳବାର ରାହୁଲ ଗାନ୍ଧୀଙ୍କୁ ଭେଟିବା ସହ ସେହି ଦିନ ହିଁ ଛାତ୍ର ସାର୍ଥକ ସିଦ୍ଧାନ୍ତ ଏକ ସଂସଦୀୟ କମିଟି ସମ୍ମୁଖରେ ହାଜର ହୋଇ ସିବିଏସଇର ଏହି ଟେଣ୍ଡର ଦୁର୍ନୀତି ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରେଜେଣ୍ଟେସନ୍ ମଧ ଦେଇଛନ୍ତି, ଯାହା ସରକାରଙ୍କ ପାଇଁ ଅଡୁଆ ବଢ଼ାଇ ଦେଇଛି।

# ସାଇକେଲରେ ରବିବାର କାର୍ଯ୍ୟକ୍ରମରେ ସାମିଲ ହେଲେ କ୍ରୀଡା ମନ୍ତ୍ରୀ

ଭୁବନେଶ୍ୱର, ୦୭/୬ (ନି.ପ୍ର): ସାଇକେଲରେ ରବିବାର କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି କ୍ରୀଡା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ଏକ ବାର୍ତ୍ତାରେ ମନ୍ତ୍ରୀ କହିଛନ୍ତି ଯେ, କ୍ରୀଡ଼ା ଓ ଯୁବ ସେବା ବିଭାଗ ତରଫରୁ ଭୁବନେଶ୍ୱରରେ ଆୟୋଜିତ ସାଇକେଲରେ ରବିବାର କାର୍ଯ୍ୟକ୍ରମରେ ଭାଗନେଇ ଏକ ନିରୋଗ ଏବଂ ପରିବେଶ ଅନୁକୂଳ ଜୀବନଶୈଳୀ ଆପଣେଇବା ପାଇଁ ଆଗ୍ରହ କରୁଛି। ସ୍ୱାସ୍ଥ୍ୟ ଓ ସନ୍ତୁଳିତ ପରିବେଶ ରକ୍ଷା ପାଇଁ ମିଳିତ ପ୍ରୟାସ କରି ଏକ ପ୍ରଗତିଶୀଳ ଓଡ଼ିଶା ଗଠନ ଦିଗରେ ସହଭାଗୀ ହେବାକୁ ଅପିଲ କରିଛନ୍ତି ମନ୍ତ୍ରୀ ।

ସୋମବାର, ଜୁନ୍ ୦୮, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବସ୍ତା ପୋଲିସ ପକ୍ଷରୁ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ

ବସ୍ତା , ୦୭/୬ (ନି.ପ୍ର): ବିଶ୍ୱ ସାଇକେଲ ଦିବସ ଅବସରରେ ବସ୍ତା ପୋଲିସ ପକ୍ଷରୁ ଏସଡିପିଓ ସମର୍ଥ ବେହେରା ଙ୍କ ନେତୃତ୍ୱରେ ସାଇକେଲ ରାଲିର ଆୟୋଜନ କରାଯାଇଥିଲା । ସ୍ୱାସ୍ଥ୍ୟ ସଚେତନତା, ପରିବେଶ ସୁରକ୍ଷା ଏବଂ ଇନ୍ଧନ ସଞ୍ଚୟ ର ବାର୍ତା ପ୍ରଚାର ଉଦ୍ଦେଶ୍ୟରେ ଏହି ରାଲି ଆୟୋଜିତ ହୋଇଥିଲା। ଏସଡିପିଓ ଙ୍କ କାର୍ଯ୍ୟାଳୟ ରୁ ଆରମ୍ଭ ହୋଇଥିବା ଏହି ରାଲି ବାହାର୍ଦା ଓ ଗାନ୍ଧିଛକ ବଜାର ଦେଇ ଥାନା କ୍ୟାମ୍ପସରେ ସମାପ୍ତ ହୋଇଥିଲା । ଏସଡିପିଓ ଶ୍ରୀ ବେହେରା ଙ୍କ ସହିତ ଆଇଆଇସି ରଣଜିତ ସାହୁ ,ଏସ ଆଇ ବିଜୟ ବାରିକ, ସନ୍ଦୀପ କୁଜୁର, ଏଏସ ଆଇ ଜଗନ୍ନାଥ ମାରାଣ୍ଡି, କଳ୍ପତରୁ ସାହୁ, ଲକ୍ଷ୍ମୀକାନ୍ତ ବିନ୍ଧାଣୀ ଙ୍କ ସହ ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏସଡିପିଓ ଶ୍ରୀ ବେହେରା କାର୍ଯ୍ୟକ୍ରମ ମାଧ୍ୟମରେ ପରିବେଶ ସଚେତନତା, ସୁସ୍ଥ ଜୀବନଶୈଳୀ ଓ ପ୍ରାକୃତିକ ସମ୍ପଦର ଦାୟିତ୍ୱଶୀଳ ବ୍ୟବହାର ପ୍ରତି ନିଜର ଦାୟିତ୍ୱ ଓ ପ୍ରତିବଦ୍ଧତା ସହିତ ସାଇକେଲ ଚଳାଇବା ଦୈନନ୍ଦିନ ଅଭ୍ୟାସରେ ପରିଣତ କରିବା ପାଇଁ ଆହ୍ୱାନ ଦେଇଥିଲେ ।



# ଶମ୍ଭୁନାଥ ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ନିଯୁକ୍ତିକୁ ନେଇ ସ୍ୱାଗତ କଲେ ସ୍ଥାନୀୟ ଜନସାଧାରଣ

ବସ୍ତା ୭/୬(ନିପ୍ର): ବସ୍ତା ଶମ୍ଭୁନାଥ ହାଇସ୍କୁଲର ନୂତନ ପ୍ରଧାନ ଶିକ୍ଷୟତ୍ରୀ ନିଯୁକ୍ତିକୁ ସ୍ୱାଗତ। ସୂଚନା ଥାଉ କି ଯେ, ଗତ କିଛି ଦିନ ତଳେ ନୂତନ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ସ୍କୁଲରେ ପୁରାଇ ନ ଦେବାକୁ ଦାବିରେ ଅଡି ବସିଥିଲେ।ସ୍କୁଲ ଗେଟରେ ତାଲା ପକାଇ ବିରୋଦ୍ଧ କରିଥିଲେ, ସୂଚନା ଅନୁସାରେ ଦୀର୍ଘ କୋଡିଏ ବର୍ଷରୁ ଉର୍ଦ୍ଧ ସମୟ ଧରି ସହକାରୀ ଶିକ୍ଷୟତ୍ରୀ ଏବଂ ତିନି ବର୍ଷ ପ୍ରଧାନ ଶିକ୍ଷୟତ୍ରୀ ଦାୟିତ୍ୱରେ ଥିବା ଶ୍ରୀମତୀ ଅଳକା ବିନ୍ଧାଣୀ, ସ୍କୁଲର ବିଭିନ୍ନ ଯୋଜନାକୁ ଅର୍ଥ ହଡପ ଘଟଣାରେ ପ୍ରଶାସନିକ ସ୍ତରରେ ତଦନ୍ତ କରାଯାଇ ପ୍ରଧାନ ଶିକ୍ଷୟିତ୍ରୀରୁ ସହକାରୀ ଶିକ୍ଷୟତ୍ରୀ କରାଯାଇ ଥିଲା। ତେବେ ସରକାରୀ ସ୍ତରରେ ପୁଣି ଶମ୍ଭୁନାଥ ହାଇସ୍କୁଲରେ ପ୍ରଧାନ ଶିକ୍ଷୟତ୍ରୀ ଭାବେ ଶ୍ରୀମତୀ ବିନ୍ଧାଣୀଙ୍କୁ ନିଯୁକ୍ତିକୁ ପାଇଥିବାରୁ ବିଜେପି ନେତା ବାବୁ ପାଣିଙ୍କ ପୂର୍ବତନ ସରପଞ୍ଚ ବିଶୁ ସିଂହ, ନିହାର ରଞ୍ଜନ ବେହେରା, ଦିବାକର ରାଉତ, ବିଭୂତି ପ୍ରଧାନ, ସରୋଜ ଗିରୀଙ୍କ ସମେତ ବହୁ ମହିଳା ନେତା ଓ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ତାଙ୍କୁ ସମର୍ଥନ ଜଣାଇ ସ୍କୁଲ ମୁଖ୍ୟ ଫାଟକ ସମ୍ମୁଖ ବେନର ଧରି ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ। ତେବେ ଆଜି ସ୍ଥାନୀୟ ଲୋକେ ତାଙ୍କର ପୁନଃ ପ୍ରଧାନ ଶିକ୍ଷକ ନିଯୁକ୍ତି ପାଇ ଥିବାରୁ ସରକାରଙ୍କ ନିଷ୍ପତିକୁ ସ୍ୱାଗତ ଜଣାଇବା ସହ ଅଭାବନୀୟ ଢ଼ଙ୍ଗରେ ତାଙ୍କୁ ସ୍ୱାଗତ କରିଥିଲେ।




# ମହାତ୍ମାଗାନ୍ଧୀଙ୍କ ହରିଜନ ପଦଯାତ୍ରା ସ୍ମାରକୀ ସ୍ମୃତି ସଭା

ଭଦ୍ରକ , ୦୭/୬ (ନି.ପ୍ର): ମହାମାନବ ମହାତ୍ମାଗାନ୍ଧୀ ଭାରତବର୍ଷ ଓ ଓଡ଼ିଶାରେ ୧୯୩୪ ମସିହାରେ ଜାତିପ୍ରଥାକୁ ଦୂରୀଭୂତ କରିବା ପାଇଁ ହରିଜନ ପଦଯାତ୍ରା ଆରମ୍ଭ କରିଥିଲେ । ମହାତ୍ମାଗାନ୍ଧୀ ବିଚାରମଞ୍ଚ ଭଦ୍ରକ ତରଫରୁ ଏକ ସ୍ମୃତି ସଭା ଭଦ୍ରକ ସଂସ୍କୃତି ଭବନ ଠାରେ ଉକ୍ତ ଅନୁଷ୍ଠାନର ସଭାପତି ଶ୍ରୀ ଶାନ୍ତନୁ କୁମାର ରାଉତଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସମସ୍ତ ମାନନୀୟ ଅତିଥିବୃନ୍ଦ ଜୁନ୍ ୫ ତାରିଖ ଠାରୁ ୭ ତାରିଖ ପର୍ଯ୍ୟନ୍ତ ଗାନ୍ଧୀ ବାଳାଶ୍ରମରେ ଅବସ୍ଥାନ କରି କିପରି ହୀନ ଜାତିପ୍ରଥାକୁ ଉଠାଇ ଦେବା, ଗାନ୍ଧୀଜୀଙ୍କ ତ୍ୟାଗ, ସହନଶୀଳତା, ସତ୍ୟତା ଓ ଅହିଂସା ଗୁଣ ସମ୍ବନ୍ଧରେ ଆଲୋଚନା କରିଥିଲେ । ସଭା ଆରମ୍ଭରେ ସଂଗଠନ ସମ୍ପାଦକ ବାବୁଲାଲ ଦାସ ସମ୍ମାନନୀୟ ଅତିଥିମାନଙ୍କୁ ମଞ୍ଚାସୀନ ହେବା ପାଇଁ ଅନୁରୋଧ କଲାପରେ ଗାନ୍ଧୀ ବାଳାଶ୍ରମର ଅନ୍ତେବାସୀଙ୍କ ଦ୍ୱାରା ଗାନ୍ଧୀଙ୍କର ପ୍ରିୟ ଭଜନ ବୈଷ୍ଣବ ଜନକେ ଗାୟନ କରାଯାଇଥିଲା । ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଶିକ୍ଷାବିତ୍ ଗୋବର୍ଦ୍ଧନ ସାମଲ ଦେଇଥିବା ବେଳେ ସଂପାଦକୀୟ ବିବରଣୀ ପାଠ କରିଥିଲେ ଆମ୍ଭ ଅନୁଷ୍ଠାନର ସମ୍ପାଦକ ସୁଧାକର ରାଉତ । ଏହି ସ୍ମୃତି ସଭାରେ ମୁଖ୍ୟ ଅତିଥିଭାବେ ମାନନୀୟ ଜିଲ୍ଲାପାଳ ଡ଼. ଦିଲୀପ ରାଉତରାଏ, ସମ୍ମାନୀୟ ଅତିଥିଭାବେ ସେବା ନିବୃତ ଅଧ୍ୟାପକ ଡ଼. ଭାଗବତ ତ୍ରିପାଠୀ ଏବଂ ଆଉ ଜଣେ ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ପ୍ରାଧ୍ୟାପକ ସୁଧୀର ଚନ୍ଦ୍ର ଜେନା ଯୋଗଦାନ କରି ସେମାନଙ୍କର ବକ୍ତବ୍ୟ ରଖିଥିଲେ । ଶେଷରେ ସଭାପତିଙ୍କ ଭାଷଣ ପରେ ଧନ୍ୟବାଦ ଦେଇଥିଲେ ଯୁଗ୍ମ ସଂପାଦକ ଶ୍ରୀ ମଦନ ମୋହନ ନାୟକ । ସକାଳ ୭ଟା ବେଳେ ଗାନ୍ଧୀ ପଢ଼ିଆ ଠାରେ ସଫେଇ କାର୍ଯ୍ୟ ହୋଇଥିଲା ଏବଂ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ସହଯୋଗ କରିଥିଲେ ସମାଜସେବୀ ଅଜୟ ନାୟକ, ଭାସ୍କର ଚନ୍ଦ୍ର ନାୟକ, ହରମୋହନ କୁଅଁର, ଆଦିତ୍ୟ ଗୋସ୍ୱାମୀ, ମୁକ୍ତିକାନ୍ତ ମହାପାତ୍ର, ଆଦିତ୍ୟ ନାୟକ, ଗୌରାଙ୍ଗ ବାରିକ୍, ଡ଼. ମନୀନ୍ଦ୍ର ମହାନ୍ତି, ଡ଼. ଗୋଲକ ବିହାରୀ ସାହୁ, ବିବେକାନନ୍ଦ ମୁଖାର୍ଜୀ, ରମାକାନ୍ତ ନାୟକ, ଅଶୋକ କୁମାର ଦାସ, ରାମଚନ୍ଦ୍ର ପଣ୍ଡା, ଶାନ୍ତିଲତା ବାରିକ୍, ସଂଯୁକ୍ତା ଯାଦବ, ମମତା ସାହୁ, ଲଲାଟେନ୍ଦୁ ମହାନ୍ତି, ଡ଼. କୃପାସିନ୍ଧୁ ମିଶ୍ର, ଶ୍ରୀହର୍ଷ ସ୍ୱାଇଁ, ବସୁମିତ୍ରା ସାହୁ, କୈଳାସ ମହାପାତ୍ର, ନିରଞ୍ଜନ ବିଶ୍ୱାଳ, କରୁଣାକର ଉପାଧ୍ୟାୟ, ଇନ୍ଦ୍ରମଣି ପଣ୍ଡା, ଅଜିତ୍ ନାୟକ, ନାରାୟଣ ଚନ୍ଦ୍ର ପାଢ଼ୀ ଏବଂ ବୈଲୋଚନ ବେହୁରିଆ ।



# ଡିଭାଇନ ସହ ଓକେସିଏଲର ବୁଝାମଣା ସ୍ୱାକ୍ଷରିତ

ବାରିପଦା, ୦୭/୬ (ନି.ପ୍ର): ବାରିପଦା ସ୍ଥିତ ଡିଭାଇନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସ ଓ ଭୁବନେଶ୍ୱରସ୍ଥିତ ଓଡିଶା ନଲେଜ କର୍ପୋରେସନ ଲିମିଟେଡ ସହିତ ଗତକାଲି ଏକ ବୁଝାମଣା ସ୍ୱାକ୍ଷରିତ ହୋଇଯାଇଛି। ଓଡିଶା ସରକାରଙ୍କ ଅଧିନସ୍ଥ ଓକେସିଏଲର ପରିଚାଳନା ନିର୍ଦ୍ଦେଶକ ଡ଼. ମନୋରଞ୍ଜନ ପୁଥାଲ ଏବଂ ଡିଭାଇନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସର ନିର୍ଦ୍ଦେଶକ ତଥା ଟ୍ରଷ୍ଟି ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇ ଙ୍କ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ ପତ୍ର ଅଦଳ ବଦଳ ହୋଇଥିଲା। ବିକଶିତ ଓଡିଶା ଓ ଭାରତ ବର୍ଷ ପାଇଁ ଆବଶ୍ୟକ ହେଉଥିବା ଯୁବ ପିଢୀଙ୍କୁ ଦକ୍ଷ ବୃଦ୍ଧି କରାଇବା ସହ ରାଜ୍ୟ ତଥା ଦେଶର ଦକ୍ଷତା ବଢାଇବାରେ ଓକେସିଏଲ ର ଭୂମିକା ବେଶ ଗୁରୁତ୍ୱପୂର୍ଣ ହେବ ବୋଲି ଆଶା କରାଯାଉଛି। ଏହି ପରିପ୍ରେକ୍ଷୀରେ ଡିଭାଇନ ସହ ଓକେସିଏଲ ର ବୁଝାମଣା ଆଗାମୀ ଦିନରେ ବାରିପଦା ତଥା ମୟୂରଭଞ୍ଜର ଅନେକ ଯୁବକ ଏବଂ ଯୁବତୀ ନିଜର ଦକ୍ଷତା ବିକାଶ କରିବା ସହ ନିଜକୁ ରୋଜଗାରକ୍ଷମ କରାଇବାରେ ନିଜେ ହିଁ ସହାୟକ ହେବେ। ଡିଭାଇନ ଗ୍ରୁପର ନିର୍ଦ୍ଦେଶକ ଇଂ ଗୌରବ ବୁଗୁଡେଇ ଆଗାମୀ ଦିନ ମାନଙ୍କରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ବ୍ୟବହାର ଏକ ସମୃଦ୍ଧ ରାଷ୍ଟ୍ର ଗଠନ କରିବାରେ ସହାୟକ ହେବ ବୋଲି ମତ ବ୍ୟକ୍ତ କରିଥିଲେ।




# ମଣିପୁରରେ ଦୁଇ ଉଗ୍ରବାଦୀ, ଦୁଇ ମଦ ତସ୍କର ଗିରଫ: ଅସ୍ତ୍ରଶସ୍ତ୍ର ଜବତ

ନୂଆଦିଲ୍ଲୀ, ୦୭/୬ : ମଣିପୁରରେ ଶାନ୍ତି ବଜାୟ ରଖିବା ପାଇଁ ପୋଲିସ୍ ଏବଂ ସୁରକ୍ଷା ବାହିନୀ ଉଗ୍ରବାଦୀ, ନିଶାଦ୍ରବ୍ୟ ଚୋରା ଚାଲାଣକାରୀଙ୍କ ବିରୋଧରେ ନିରନ୍ତର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଏହି ସମୟ ମଧ୍ୟରେ, ଅନେକ ଗିରଫଦାରୀ ଏବଂ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ରବିବାର ଦିନ ମଣିପୁର ପୋଲିସ ମୁଖ୍ୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ, ଶନିବାର ଦିନ ମଣିପୁର ପୋଲିସ ଇମ୍ଫାଲ ପୂର୍ବ ଜିଲ୍ଲାର ହିଙ୍ଗାଙ୍ଗ ଥାନା ଅଧୀନରେ ଥିବା ଫିଜାମ ଲେଇରାକରୁ ଦୁଇ ଜଣଙ୍କୁ ଗିରଫ କରିଛି ଏବଂ ବିପୁଳ ପରିମାଣର ମଦ ଜବତ କରିଛି। ଗିରଫ ଚୋରା ଚାଲାଣକାରୀମାନେ ହେଲେ ହିଜାମ ଓଙ୍ଗବି ଟୋମ୍ବି (୪୮) ଏବଂ ହିଜାମ ମଙ୍ଗଳ (୨୪)। ଉଭୟ ସେକମାଇ ବଜାରର ବାସିନ୍ଦା। ସେମାନଙ୍କ ଠାରୁ ଏକ ରୂପା ରଙ୍ଗର ଚାରି ଚକିଆ ଯାନ (ଏମ୍. ଏନ୍.-୦୧ଏକ୍ସ-୪୭୧୭) ଏବଂ ୧୧୭ ଲିଟର ଡି. ଆଇ. ସି. ମଦ ଜବତ କରାଯାଇଛି।

# ସାମାଜିକ ସୁରକ୍ଷାରୁ ବଂଚିତ ସୀତା ହେମ୍ବ୍ରମ

ଉଦଳା, ୦୭/୬ (ନି.ପ୍ର): ଯେ ହେଉଛି କପ୍ତିପଦା ବ୍ଲକର ଜେ.ଏସ୍.ଜାମଡ଼ିହା ପଂଚାୟତ ଅନ୍ତର୍ଗତ ଇଟାଗଡ଼ ଗ୍ରାମର ଦୃଶ୍ୟ। ଏହି ଗ୍ରାମର ବାସିନ୍ଦା ଛୋଟରାୟ ହେମ୍ବ୍ରମଙ୍କର ସହଧର୍ମିଣୀ 'ସୀତା' ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇବାରୁ ବଂଚିତ ଥିବାର ଜଣାଇଛନ୍ତି । ସୀତା ହେମ୍ବ୍ରମଙ୍କୁ ବର୍ତମାନ ବୟସ ୬୨ ବର୍ଷ ଛୁଇଁଲା। ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା 'ସୀତା' ଆଉ ଆଗଭଳି ଖଟିପାରୁ ନାହାଁନ୍ତି। ଫଳରେ ଚଳିବା ପାଇଁ ବହୁ ଅସୁବିଧାର ସମ୍ମୁଖିନ ହେଉଥିବାର କଥା ସେ ଜଣାଇଛନ୍ତି। ଭତା ପାଇବା ପାଇଁ ସେ ପଂଚାତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଇଥିଲେ ମଧ କେହି କର୍ଣ୍ଣପାତ କରୁନଥିବାର କଥା ସେ ଅଭିଯୋଗ କରିଛନ୍ତି । ତାଙ୍କୁ ତୁରନ୍ତ ଭତା ପ୍ରଦାନ କରିବାକୁ ଜନଜାଗୃତି ମଂଚର ସ୍ୱେଚ୍ଛାସେବି ମାନେ ଅନୁରୋଧ ଜଣାଇଛନ୍ତି ।



# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟର ଶୁଭ ଶିଳାନ୍ୟାସ

ବାଲେଶ୍ୱର, ୦୭/୬ (ନି.ପ୍ର): ଓଡ଼ିଶାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼, ଆଧୁନିକ ଏବଂ ଶିଶୁ-ଅନୁକୂଳ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ "ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା"ର ଦ୍ୱିତୀୟ ପର୍ଯ୍ୟାୟର ଶୁଭ ଶିଳାନ୍ୟାସ ଆଜି ସକାଳ ୧୧.୦୦ ଘଟିକାରେ ଖୋର୍ଦ୍ଧା ଜିଲ୍ଲାର କୁମାରବସ୍ତସ୍ଥିତ ଶ୍ରୀ ଲୋକନାଥ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା କରାଯାଇଥିଲା। ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଭର୍ଚୁଆଲ୍ ମାଧ୍ୟମରେ ରାଜ୍ୟର ବିଭିନ୍ନ ଜିଲ୍ଲା ସହ ସଂଯୋଗ ସ୍ଥାପନ କରିଥିଲେ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ସାମିଲ ହୋଇଥିବା ୨୦୪ଟି ପ୍ରାଥମିକ ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବାଲେଶ୍ୱର ଜିଲ୍ଲାର ଗେଙ୍ଗୁଟି ଉପ୍ରା ବିଦ୍ୟାଳୟରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ବାଲେଶ୍ୱର ଲୋକସଭା କ୍ଷେତ୍ରର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ମାନ୍ୟବର ରେମୁଣା ବିଧାୟକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ, ମାନ୍ୟବର ସଭାପତି, ବାଲେଶ୍ୱର ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପ ଜିଲ୍ଲାପାଳ, ବାଲେଶ୍ୱର ଶ୍ରୀଯୁକ୍ତ ଶିବ ମାଲବ୍ୟ, ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ମଞ୍ଜୁଲତା ଆଚାର୍ଯ୍ୟ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ବସନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଏହି ଐତିହାସିକ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ସାମିଲ ହୋଇଥିଲେ। ଏହି ସମୟରେ ଉକ୍ତ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ର ଶ୍ରୀ ଆୟୁଷ କୁମାର ଘୋଡ଼ାଙ୍କ ସହିତ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ କଥା ବାର୍ତ୍ତା ହୋଇଥିଲେ । ବାଲେଶ୍ୱର ଜିଲ୍ଲାର ମୋଟ ୧୨ ଗୋଟି ବିଦ୍ୟାଳୟର ମୁଖ୍ୟମନ୍ତ୍ରୀ ଶୁଭ ଶିଳାନ୍ୟାସ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ବିଦ୍ୟାଳୟ ଗୁଡ଼ିକରେ ଉନ୍ନତ ଶିକ୍ଷା ପରିବେଶ, ଆଧୁନିକ ଶ୍ରେଣୀଗୃହ, ସ୍ମାର୍ଟ ଶିକ୍ଷଣ ବ୍ୟବସ୍ଥା, ପୁସ୍ତକାଳୟ, କ୍ରୀଡ଼ା ସୁବିଧା, ସୁରକ୍ଷିତ ପାନୀୟ ଜଳ ଏବଂ ସ୍ୱଚ୍ଛ ପରିମଳ ବ୍ୟବସ୍ଥା ଉପଲବ୍ଧ କରାଯିବ




# ବଙ୍ଗିଦା ଗ୍ରାମ ୭ ନମ୍ବର ୱାର୍ଡରେ ନୂତନ ନଳକୂପ ସ୍ଥାପନ କେବେ ?




ଖୋର୍ଦ୍ଧା , ୦୭/୬ (ନି.ପ୍ର): ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ବଙ୍ଗିଦା ଗ୍ରାମର ୭ ନମ୍ବର ୱାର୍ଡରେ ବାସିନ୍ଦା ପିଇବା ପାଣିର ଘୋର ସମସ୍ୟା ଦୀର୍ଘଦିନ ଧରି ଲାଗି ରହିଛି। ୱାର୍ଡର ଏକମାତ୍ର ନଳକୂପଟି ଦୀର୍ଘଦିନ ଧରି ଅଚଳ ଅବସ୍ଥାରେ ରହିଥିବା ବେଳେ ଆରଡବ୍ଲ୍ୟୁଏସଏସ ବିଭାଗର ଯନ୍ତ୍ରୀ ପରିଦର୍ଶନ କରି ଏହାକୁ ରିଜେକ୍ଟ ଘୋଷଣା କରିଛନ୍ତି। ଏହାଫଳରେ ଗ୍ରାମବାସୀଙ୍କୁ ପିଇବା ପାଣି ପାଇଁ ବହୁ ଦୂରକୁ ଯିବାକୁ ପଡୁଛି। ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ପାଇପ ପାଣି ମଧ ଅତ୍ୟନ୍ତ ସ୍ୱଳ୍ପ ସମୟ ପାଇଁ ଆସୁଥିବାରୁ ଦୈନନ୍ଦିନ ଆବଶ୍ୟକତା ପୂରଣ ହୋଇପାରୁନାହିଁ। ବିଶେଷକରି ଗ୍ରୀଷ୍ମ ଋତୁରେ ମହିଳା ଓ ବୃଦ୍ଧମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମ ବାସୀ ରାଜ୍ୟ ସରକାର ଙ୍କୁ ବିନମ୍ର ଅନୁରୋଧ କରିଛନ୍ତି ଯେ ବଙ୍ଗିଦା ଗ୍ରାମର ୭ ନମ୍ବର ୱାର୍ଡରେ ତୁରନ୍ତ ଏକ ନୂତନ ନଳକୂପ ସ୍ଥାପନ କରି ଗ୍ରାମବାସୀଙ୍କ ପିଇବା ପାଣି ସମସ୍ୟାର ସମାଧାନ କରି ଆବଶ୍ୟକ ପଦକ୍ଷେପ ନେବା ପାଇଁ। ପ୍ରକାଶ ଥାଉକି ଉକ୍ତ ବଙ୍ଗିଦ ପଞ୍ଚାୟେତ ସେମିତି ସଭ୍ୟ ଏବେ ବ୍ଲକ ଅଧ୍ୟକ । ଉକ୍ତ ପଞ୍ଚାୟତ ବହୁ ଶିକ୍ଷିତ ମାତ୍ର ଶିକ୍ଷକ। କିଛି ବେକାର ଶିକ୍ଷକ ନିଜେ ଖୋର୍ଦ୍ଧା ରେ ନିଜେ ଖୋର୍ଦ୍ଧା ସହରେ ଦୁଇଟି ବେସରକାରୀ ବିଦ୍ୟାଳୟ କରି ଅଛନ୍ତି। ସେମାନେ ଚାହିଁଲେ ଉକ୍ତ ଗ୍ରାମ୍ ପଞ୍ଚାୟତ ପାଣି ସଂକଟ ଦୂର ହେବ।

# ଆର୍ଥିକ ବର୍ଷ ୨୦୨୫-୨୬ରେ ସେଲ୍, ଆରଏସପିର 'ସୃଜନୀ' ଯୋଜନା ମାଧ୍ୟମରେ କର୍ମଚାରୀଙ୍କ ଦ୍ୱାରା ୧୬,୭୦୦ରୁ ଅଧିକ ସୃଜନଶୀଳ ପରାମର୍ଶ ପ୍ରଦାନ

ରାଉରକେଲା, ୦୭/୬ (ନି.ପ୍ର): ଗତ ଆର୍ଥିକ ବର୍ଷ ୨୦୨୫-୨୬ରେ, ସେଲ୍ ଅନ୍ତର୍ଗତ ରାଉରକେଲା ଇସ୍ପାତ କାରଖାନାର କର୍ମଚାରୀମାନଙ୍କଠାରୁ 'ସୃଜନୀ ସୃଜନଶୀଳତା ଯୋଜନା' ଅଧୀନରେ ୧୬,୭୧୨ଟି ସୃଜନଶୀଳ ପରାମର୍ଶ ମିଳିଛି, ଯାହାଦ୍ୱାରା ବିଭିନ୍ନ କ୍ଷେତ୍ରରେ କାରଖାନାର ପ୍ରଦର୍ଶନରେ ସୁଧାର ଅଣାଯାଇପାରିବ। ଏଥିମଧ୍ୟରୁ ୧୨,୪୪୨ଟି ପରାମର୍ଶକୁ ପୁରସ୍କୃତ କରାଯାଇଛି ଏବଂ ୯,୩୬୨ଟି ପରାମର୍ଶକୁ କାର ?ୟକାରୀ କରାଯାଇସାରିଛି। କାର୍ଯ୍ୟକାରୀ ହୋଇଥିବା ପରାମର୍ଶଗୁଡ଼ିକ ପାଇଁ କର୍ମଚାରୀମାନଙ୍କୁ ପ୍ରମାଣପତ୍ର ସହିତ ୨୧,୧୩,୯୫୦ ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ପରାମର୍ଶଗୁଡ଼ିକୁ କାର୍ଯ୍ୟକାରୀ କରିବା ଦ୍ୱାରା ଆରଏସପି ବହୁ ପରିମାଣର ଅଦୃଶ୍ୟ ଲାଭ ବ୍ୟତୀତ, ପ୍ରାୟ ୮୫.୫୬ କୋଟି ଟଙ୍କାର ଏକକାଳୀନ ଲାଭ ଏବଂ ପ୍ରାୟ ୬୧.୯ କୋଟି ଟଙ୍କାର ଆବର୍ତ୍ତକ ଲାଭ ହାସଲ କରିଛି। ବିଶେଷ ଭାବରେ, 'ସୃଜନୀ' ସୃଜନଶୀଳ ଯୋଜନା କାରଖାନାର ପ୍ରତ୍ୟେକ କାର୍ଯ୍ୟକ୍ଷେତ୍ର ଯେପରିକି– ସୁରକ୍ଷା, ପରିବେଶ, ହାଉସକିପିଂ (ପରିଷ୍କାର ପରିଚ୍ଛନ୍ନତା), ଗୁଣବତ୍ତା, ପ୍ୟାକେଜିଂ, ସେବା, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପଦ୍ଧତି, ଉତ୍ତମ ବ୍ୟବହାର ଓ ଉତ୍ପାଦନ ବ୍ୟବସ୍ଥା ଏବଂ ପ୍ରଣାଳୀ ଇତ୍ୟାଦି ଉପରେ ସୃଜନଶୀଳ ଚିନ୍ତାଧାରା ମାଧ୍ୟମରେ କର୍ମଚାରୀଙ୍କ ବ୍ୟାପକ ଅଂଶଗ୍ରହଣ ଏବଂ ଅବଦାନକୁ ପ୍ରୋତ୍ସାହିତ କରିଥାଏ। ଏହା ସହିତ ଏହି ଯୋଜନା ଶକ୍ତି, ବିଦ୍ୟୁତ, କଞ୍ଚାମାଲ, ତେଲ ଏବଂ ଲୁବ୍ରିକାଣ୍ଟସ୍ ଇତ୍ୟାଦିର ସଂରକ୍ଷଣ ଏବଂ ବ୍ୟୟ ହ୍ରାସ ସହ ବର୍ଜ୍ୟବସ୍ତୁର ପୁନଃବ୍ୟବହାର/ଉପଯୋଗ କିମ୍ବା ନିଜର କାର୍ଯ୍ୟକ୍ଷେତ୍ରର ସୁଧାର ସମ୍ବନ୍ଧୀୟ ଯେକୌଣସି ନୂତନ ଚିନ୍ତାଧାରାକୁ ବିଚାରକୁ ନେଇଥାଏ।




# ନିରାପଦ ଓ ପୁଷ୍ଟିକର ଖାଦ୍ୟ ସୁସ୍ଥ ଜୀବନର ମୂଳ ଆଧାର- ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୭/୬ (ନି.ପ୍ର): ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ଅବସରରେ ନିରାପଦ ଓ ପୁଷ୍ଟିକର ଖାଦ୍ୟ ସୁସ୍ଥ ଜୀବନର ମୂଳ ଆଧାର ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ କହିଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ଏକ ବାର୍ତ୍ତା ଜାରି କରି ମନ୍ତ୍ରୀ କହିଛନ୍ତି ଯେ, ନିରାପଦ ଓ ପୁଷ୍ଟିକର ଖାଦ୍ୟ ସୁସ୍ଥ ଜୀବନର ମୂଳ ଆଧାର । ଆଜି ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ଅବସରରେ ଆସନ୍ତୁ, ଖାଦ୍ୟର ଗୁଣବତ୍ତା ଓ ସୁରକ୍ଷା ପ୍ରତି ସଚେତନ ହୋଇ ଏକ ସୁସ୍ଥ, ସଶକ୍ତ ଓ ସମୃଦ୍ଧ ସମାଜ ଗଠନରେ ସହଯୋଗ କରିବା।

# ମେଗା ଏମ୍ଆରଏଫ୍ ବୁଲି ଦେଖିଲେ ଶିକ୍ଷା ନବିଶ

ଭୁବନେଶ୍ୱର , ୦୭/୬ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି)ରେ ଯୋଗଦେଲେ ୮୫ ଜଣ ଶିକ୍ଷା ନବିଶ । ସେମାନେ ପଲାଶୁଣିସ୍ଥିତ ମାଇକ୍ରୋ କମ୍ପୋଷ୍ଟିଂ ସେଂଟର (ଏମ୍ ସି ସି) ଓ ମ୍ୟାଟେରିଆଲ ରିକଭରି ଫ୍ୟାସଲିଟ୍ (ଏମ୍ ଆର୍ ଏଫ୍) ବୁଲି ଦେଖିଥିଲେ । ଦୈନିକ ୧୫୦ ମେଟ୍ରିକ୍ ଟନ୍ ପ୍ରକ୍ରିୟାକରଣ ହେଉଥିବା ଏହି ପ୍ଲାଂଟର କାର୍ଯ୍ୟଧାରା ଓ ପଦ୍ଧତି ସଂପର୍କରେ ପଚାରି ବୁଝିଥିଲେ । ଅତ୍ୟାଧୁନିକ ପ୍ରଣାଳୀରେ କିପରି ବର୍ଜ୍ୟ ପ୍ରକ୍ରିୟା କରଣ କରାଯାଉଛି, ଓଦା ବର୍ଜ୍ୟ ଓ ଶୁଖିଲା ବର୍ଜ୍ୟ ବସ୍ତୁ କିପରି ପ୍ରକ୍ରିୟା କରଣ କରାଯାଉଛି । ସହରରୁ ସଂଗୃହୀତ ହେଉଥିବା ନଡିଆରୁ କିପରି କତା ଏବଂ କତାରୁ କିପରି ବିଭିନ୍ନ ଘରକରଣା ଯଥା-ହାତୀ, ଘୋଡା, ବିଭିନ୍ନ ପ୍ରକାର ପଶୁ ଓ ପକ୍ଷୀ, ପାପୋଛ ଆଦି ଜିନିଷ ପ୍ରସ୍ତୁତ ହେଉଛି, ସେ ସବୁ ବୁଲି ଦେଖିଥିଲେ । +୩ ଶ୍ରେଣୀର କଳା, ବାଣିଜ୍ୟ ଏବଂ ବିଜ୍ଞାନର ସମୁଦାୟ ୮୫ ଜଣ ବିଦ୍ୟାର୍ଥୀ ଏଥିରେ ସାମିଲି ଅଛନ୍ତି ଆମେ ନେଉଥିବା ଶିକ୍ଷା ଏବଂ କ୍ଷେତ୍ର ବିଶେଷରେ ହେଉଥିବା କାର୍ଯ୍ୟକ୍ରମକୁ ଛାତ୍ର ଛାତ୍ରୀ କିପରି ଅନୁଭୂତିରେ ଆଣି ପାରିବେ, ଯାହା ପରବର୍ତ୍ତୀ ସମୟରେ ବୃତ୍ତି ଏବଂ ସାମାଜିକ ଚଳଣିରେ ସହାୟକ ହୋଇପାରିବ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida